R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୬୭
ତିଥି : ନବମୀ
୦୪ ଜୁଲାଇ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 266
04 July 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ମାମଲା

# ମିଳିଲାନି ବେଲ୍, ଜେଲରେ ଜଗନ୍ନାଥ



ଭୁବନେଶ୍ୱର, ୩।୭ (ସବ୍ୟୁ): ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ମାମଲାରେ ପୂର୍ବରୁ ୫ ଜଣ ଗିରଫ ହୋଇଥିବା ବେଳେ ଗୁରୁବାର ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ପୋଲିସ୍ ଗିରଫ କରିଛି। ଡିସିପି ତାଙ୍କୁ ଡାକିବା ପରେ ସେ ତାଙ୍କ ଅଫିସ୍‌ରେ ପହଞ୍ଚିବା ପରେ ତାଙ୍କୁ ଗିରଫ କରାଯାଇଛି। ଅତିରିକ୍ତ କମିଶନରଙ୍କୁ ମାଡ଼ ମାମଲାରେ ତାଙ୍କ ସମ୍ପୃକ୍ତି ପ୍ରମାଣ ମିଳିବା ପରେ ଗିରଫ କରାଯାଇଥିବା ପୋଲିସ୍ କହିଛି। ଗିରଫକୁ ପ୍ରତିବାଦ କରି ଜଗନ୍ନାଥ ପ୍ରଧାନଙ୍କ ସମର୍ଥକମାନେ ଜାତୀୟ ରାଜପଥ ଅବରୋଧ କରି ଅତିରିକ୍ତ କମିଶନର ରନାକର ସାହୁଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ତେବେ ଗିରଫ ପରେ ଏସଡିଜିଏମଙ୍କ ବାସଭବନରେ ହାଜର କରାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାପରେ ୧୪ ଦିନ ଲାଗି ବିଚାର ବିଭାଗୀୟ ହାଜତକୁ ତାଙ୍କୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି। ଡିସିପି ଅଫିସ୍‌ରେ ଜଗନ୍ନାଥ ପ୍ରଧାନ ପହଞ୍ଚିବା ପରେ ମୁଁ ଆଇନ୍‌କୁ ସମ୍ମାନ ଦିଏ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ (୯ ପୃଷ୍ଠାରେ)



- ବାଣୀବିହାର ଛକରେ ସମର୍ଥକଙ୍କ ଜାତୀୟ ରାଜପଥ ଅବରୋଧ
- ସନ୍ଧ୍ୟା ୯.୪୫ରେ ଡିସିପି ଅଫିସ ଆସିଥିଲେ ଜଗନ୍ନାଥ
- ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଗଲା
- ପ୍ରାରମ୍ଭିକ ପ୍ରମାଣ ଆଧାରରେ ଗିରଫ କରିଛୁ : ଡିସିପି

# ବର୍ମିଂହାମ୍‌ରେ ଗିଲ୍‌ଙ୍କ କୀର୍ତ୍ତିମାନ



ଏଜବଷ୍ଟନ, ୦୩।୭ (ଏଜେନ୍ସି) : ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ୍ ଗିଲ୍ ଇଂଲଣ୍ଡ ମାଟିରେ ଦୁଇ ଶତକ ଇନିଂସ୍ ଖେଳି ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଏସିଆ ମହାଦେଶର ପ୍ରଥମ ଅଧିନାୟକ ଭାବେ ଇଂଲଣ୍ଡରେ ଦୁଇ ଶତକ ହାସଲ କରିଛନ୍ତି। ସେନାଦେଶ (ଦ. ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ) ରେ ସର୍ବାଧିକ ରନ୍ ହାସଲ କରି ଭାରତୀୟ ବନିନଯାଇଛନ୍ତି। ଏଜବଷ୍ଟନ୍ ଟେଷ୍ଟରେ ଗିଲ ଦୁଇ ଶତକ ମାରିବା କ୍ଷଣି ଏକାଧିକ ଐତିହାସିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାକୁ ଆସିବା ପୂର୍ବରୁ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଦାୟିତ୍ୱ ତାଙ୍କୁ ମିଳିଥିଲା। ତାଙ୍କ ବ୍ୟାଟିଙ୍ଗ୍ ଆଭରେଜ୍ କେବଳ ୨୫.୭ ରନ୍ ରହିଥିଲା। କେବଳ ଦୁଇଟି ଅର୍ଦ୍ଧ ଶତକ ହାସଲ କରିଥିଲେ। ଇଂଲଣ୍ଡ ମାଟିରେ ପାଦ ଦେବା କ୍ଷଣି ସେ ନିଜର ପରାକ୍ରମ ଦେଖାଇଛନ୍ତି। ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ସେ ୧୪୭ ରନ୍ କରିଥିଲେ। ତେବେ ଦ୍ୱିତୀୟ ଟେଷ୍ଟରେ ପ୍ରଥମ ଇନିଂସରେ ସେ ୨୬୯ ରନ୍‌ର ଇନିଂସ ଖେଳିଛନ୍ତି। ଏଥିସହ ଶୁଭମନ୍ ଗିଲ୍ ଇଂଲଣ୍ଡ ମାଟିରେ ସୁନିଲ ଗାଭାସ୍କରଙ୍କ ୧୯୭୯ ମସିହାର ଦ୍ୱିଶତକୀୟ ରେକର୍ଡକୁ ଟପିଛନ୍ତି। ୪୬ ବର୍ଷ ପୂର୍ବେ ଗାଭାସ୍କର ଇଂଲଣ୍ଡରେ ୨୨୧ ରନର ଇଂନିସ ଖେଳିଥିଲେ। ତାଙ୍କର ଏହି ରେକର୍ଡକୁ ନବାଗତ ଶୁଭମନ ଗିଲ୍ ଭଙ୍ଗ କରି ଏଜବଷ୍ଟନରେ ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି।

# ଆଜି ୬ଟା ଯାଏଁ ସନ୍ଧ୍ୟା ଦର୍ଶନ



ପୁରୀ, ୩।୭ (ସବ୍ୟୁ) : ଆସନ୍ତା କାଲି ଶୁକ୍ରବାର ଦିନ ଗୁଣ୍ଡିଚା ମନ୍ଦିରରେ ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସନ୍ଧ୍ୟା ଦର୍ଶନ ବା ନବମୀ ଦର୍ଶନ। ସଂଧ୍ୟା ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମହାପ୍ରଭୁଙ୍କ ପବିତ୍ର ବାହୁଡା ଯାତ୍ରାର ପୂର୍ବ ପ୍ରସ୍ତୁତି ତଥା ନୀତି ବହୁଳତା ଦୃଷ୍ଟିରୁ ଆସନ୍ତା କାଲି ଶୁକ୍ରବାର "ସନ୍ଧ୍ୟା ଦର୍ଶନ" ଦିନ, ସନ୍ଧ୍ୟା ୬ ଘଟିକା ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ ବୋଲି ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ଦ୍ଧାରିତ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ ଅନୁଷ୍ଠିତ ହେବା ପରେ ଶ୍ରୀଜୀଉଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ପାଦନ କରାଯିବ। ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମହାପ୍ରଭୁଙ୍କ ନୀତି ସମ୍ପାଦନରେ ନିଜର ସେବା ସମର୍ପଣ ମନେ କରି ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ସହଯୋଗ କରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ଆଶା ବ୍ୟକ୍ତ କରିଛନ୍ତି।

- ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୩ ରଥ
- ବାହୁଡା ଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ

ବାହୁଡ଼ା ଯାତ୍ରା ଦିନ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ ସୌଭାଗ୍ୟ ଲାଭ କରିପାରିବେ। ତେଣୁ ସନ୍ଧ୍ୟା ଦର୍ଶନ ସମ୍ପର୍କିତ ଏହି ବ୍ୟବସ୍ଥାକୁ,

ସେହିପରି ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିରାଜମାନ ବିଗ୍ରହମାନଙ୍କର ଆଜି ସକାଳୁ ବିଭିନ୍ନ ନୀତି କାନ୍ତି (୯ ପୃଷ୍ଠାରେ)

# ଆନ୍ଦୋଳନରୁ ଓହରିଲା ଓଏଏସ୍ ସଂଘ



ଭୁବନେଶ୍ୱର, ୩।୭ (ସବ୍ୟୁ): ବିଏମ୍‌ସି ଅଫିସର ରତ୍ନାକର ସାହୁଙ୍କୁ ମାଡ଼ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗିରଫ ହେବା ପରେ ଆନ୍ଦୋଳନରୁ ଓହରିଛି ଓଏଏସ୍ ସଂଘ। ତିନୋଟି ଦାବିରେ ଓଏଏସ୍ ଅଧିକାରୀମାନଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଥିଲା। ରାଜ୍ୟର ସବୁ ଜିଲ୍ଲାରେ ସମୂହ ଛୁଟିରେ ଯାଇଥିଲେ ଓଏଏସ୍। ଫଳରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସାଧାରଣ ଲୋକ ତହସିଲ ଆସି ଫେରିଥିଲେ। ଜନତା ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେବା ସହିତ ହନ୍ତସନ୍ତ ନେଇ ରାଜ୍ୟବାସୀ ନିନ୍ଦା କରିଥିଲେ।

ଓଏଏସ୍ ସଂଘ ସଭାପତି ଜ୍ୟୋତି ରଞ୍ଜନ ମିଶ୍ର କହିଛନ୍ତି, ଗୁରୁବାର ବନ୍ୟା ଅଞ୍ଚଳରେ ଓଏଏସ୍ ଅଫିସର କାର୍ଯ୍ୟ କରିଛନ୍ତି। ରଥଯାତ୍ରାରେ ପ୍ରାୟ ୧୦୦ ଅଫିସର ମଧ୍ୟ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ତାଙ୍କ ଉପରେ ପୂରା ଭରଷା ଥିଲା। ବିଜେପି ନେତା ଜଗନ୍ନାଥ ପ୍ରଧାନ ଗିରଫ ହେବାର ଅଧ ଘଣ୍ଟା ଭିତରେ ଓଏଏସ ସଂଘ ଆନ୍ଦୋଳନକୁ ପ୍ରତ୍ୟାହୃତ କରିଛି। ଆସନ୍ତାକାଲି(ଶୁକ୍ରବାର) ଠାରୁ ସମସ୍ତେ କାର୍ଯ୍ୟରେ ଯୋଗ ଦେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି। ତେବେ ଓଏଏସ୍ ସଂଘର ଆନ୍ଦୋଳନ ଯୋଗୁ ଲୋକ ହନ୍ତସନ୍ତ ହେଉଥିବା ନେଇ ରାଜ୍ୟବ୍ୟାପୀ ଘଟଣାକୁ ନିନ୍ଦା କରାଯାଉଥିଲା। ଓଏଏସ୍ ସଂଘର ଆଚରଣ ଉପରେ ମଧ୍ୟ ସାଧାରଣ ଲୋକ ପ୍ରଶ୍ନ ଉଠାଇଥିଲେ।

ସେପଟେ ବିଜେପି ସାଂସଦ ପ୍ରଦୀପ ପୁରୋହିତ ଓଏଏସ୍ ସଂଘର ଆନ୍ଦୋଳନ ପଛରେ ବିଜେଡି ଥିବା କହିଛନ୍ତି। ସେ କହିଛନ୍ତି ବିଜେଡି ଇଙ୍ଗିତରେ ଓଏଏସ୍ ଆନ୍ଦୋଳନ ଜାରି ରଖିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ସରକାରଙ୍କ ମୁଣ୍ଡ ତଳକୁ କରିବା ପାଇଁ ଉଦ୍ୟମ ଚାଲିଛି। ବିଜେପିର ଜଣେ ବରିଷ୍ଠ ନେତାଙ୍କୁ ଗିରଫ ପାଇଁ ଏହି ଆନ୍ଦୋଳନ ଚାଲିଛି। ଜଣେ ନେତାଙ୍କୁ ଗିରଫ କରି ବିଜେପିର ମୁଣ୍ଡ ତଳକୁ କରିବାକୁ ଚାହୁଁଛନ୍ତି। ମୁଁ ଏହାକୁ ନିନ୍ଦା କରୁଛି ଓ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ପୁରୋହିତ କହିଛନ୍ତି।

ଅଫିସରଙ୍କ ଧର୍ମଘଟକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବଡ଼ ବୟାନ। ମନ୍ତ୍ରୀ କହିଛନ୍ତି, ସବୁ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପାଖରେ ପ୍ଲାନ ୧,୨, ୩ ଥାଏ। ଅତିରିକ୍ତ ତହସିଲଦାରଙ୍କୁ ମାଡ଼ ବେଳେ କେଉଁ ଅଧିକାରୀ ସାମ୍ନାକୁ ଆସିଥିଲେ ? ମୁଁ ନିଜେ ସାମ୍ନାକୁ ଆସିଥିଲି। ଆମ ଉପରେ ଭରଷା ରଖନ୍ତୁ। ଯେଉଁ ଅଫିସର ଧର୍ମଘଟରେ ଅଛନ୍ତି, ତାଙ୍କ କଷ୍ଟ ଓ ଭାବନା ସହ ସରକାର ଅଛନ୍ତି।

ଏହି ଘଟଣାରେ ୫ ଜଣ ଗିରଫ ହୋଇ ସାରିଲେଣି ଓ ଦଳରୁ ନିଲମ୍ବନ ବି ହୋଇଛନ୍ତି। ଯେଉଁମାନଙ୍କର ଭିଡିଓ ଫୁଟେଜ ଅଛି, ସେମାନେ ଗିରଫ ହୋଇ ସାରିଛନ୍ତି। ରଥଯାତ୍ରା ସହ ବନ୍ୟା ପରିସ୍ଥିତି ରହିଛି। ଧର୍ମଘଟ ସ୍ଥଗିତ ରଖନ୍ତୁ, ପରେ କରିପାରିବେ ବୋଲି ଗୁରୁବାର ସକାଳେ ମନ୍ତବ୍ୟ ରଖିଥିଲେ।

ଅନପକ୍ଷରେ ଓଏଏସ୍ ସଂଘର ନିର୍ଦ୍ଦେଶକୁ ମାନିନଥିଲେ ଅନେକ ଅଫିସର। ରାଜ୍ୟ ସରକାରଙ୍କ ଲୋକସେବା ଭବନ ଓ ଖାରବେଳ ଭବନରେ ଥିବା ଏମଏସ୍‌ଏମଇ, ଜଳ ସମ୍ପଦ, (୯ ପୃଷ୍ଠାରେ)

- ଆଜିଠୁ କାର୍ଯ୍ୟରେ ଯୋଗ ଦେବେ ଓଏଏସ୍
- ସମୂହ ଛୁଟି ଯୋଗୁଁ ହନ୍ତସନ୍ତ ହେଲେ ଜନତା
- ବିଜେଡି ଇଙ୍ଗିତରେ ଓଏଏସ୍ ଆନ୍ଦୋଳନ : ପ୍ରଦୀପ
- ଓଏଏସ୍‌ଙ୍କ ଆଚରଣ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ

# ନୂଆ ବର୍ଷରେ ସମବାୟ ନୀତି

ଭୁବନେଶ୍ୱର, ୩।୭ (ସବ୍ୟୁ) : ୨୦୨୬ ଜାନୁଆରୀ ୩୧ ସୁଦ୍ଧା ନୂଆ ସମବାୟ ନୀତି ଲାଗୁ ହେବ। ଦିଲ୍ଲୀରୁ ଫେରିଲା ପରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହି ସୂଚନା ଦେଇଛନ୍ତି। ନୂଆଦିଲ୍ଲୀରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ସହ ସବୁ ରାଜ୍ୟର ସମବାୟ ମନ୍ତ୍ରୀଙ୍କ ବୈଠକ ହୋଇଥିଲା।

ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ ରାଜ୍ୟର ସବୁ ପଞ୍ଚାୟତରେ ସମବାୟ ସମିତି ଗଠନ ହେବ। ସବୁ ସମବାୟ ସମିତିରେ ବହୁମୁଖୀ ବ୍ୟବସାୟ କରାଯିବ। ସମିତିରେ ଏଲ୍‌ପିଜି ଗ୍ୟାସ୍ (୯ ପୃଷ୍ଠାରେ)

# ଆସନ୍ତା ୧୦ ଯାଏଁ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୩।୭ (ସବ୍ୟୁ): ଉତ୍ତର ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ହୋଇଥିବାରୁ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ଆଭ୍ୟନ୍ତରିଣକୁ ଉପକୂଳ ସବୁଠି ପ୍ରବଳ ବର୍ଷିଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଭାରତୀୟ ପାଣିପାଗର ବିସ୍ତାରିତ ଆକଳନ ଅନୁଯାୟୀ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ହୋଇପାରେ। ଘୂର୍ଣ୍ଣିବଳୟ ସହ ଏକାଧିକ ଟପଲାଇନ୍ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ପାଣିପାଗ (୯ ପୃଷ୍ଠାରେ)

# ଦିଲ୍ଲୀରେ ଇଏଲ୍‌ଭି ନୀତି ସ୍ଥଗିତ



ନୂଆଦିଲ୍ଲୀ, ୩।୭ : ଲୋକଙ୍କ କ୍ରୋଧ ପରେ ଦିଲ୍ଲୀ ସରକାର ପୁରୁଣା କାରଗୁଡ଼ିକର ସ୍କ୍ରାପ ନକରିବାକୁ ନିଷ୍ପତ୍ତି ନେଇଛନ୍ତି। ପୁରୁଣା ଯାନବାହନ ଉପରୁ ଲଗାଯାଇଥିବା ତେଲ ବ୍ୟାନ୍ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି। ଦିଲ୍ଲୀ ସରକାର ଜୁଲାଇ ୧ରୁ ପୁରୁଣା ଗାଡ଼ିର ଏଣ୍ଡ ଅଫ୍ ଲାଇଫ୍ ଯାନ (ଇଏଲଭି) ଲାଗୁ କରିଥିଲେ।

୧୦ ବର୍ଷରୁ ଊର୍ଦ୍ଧ୍ୱ ଡିଜେଲ ଗାଡ଼ି, ୧୫ ବର୍ଷରୁ ଊର୍ଦ୍ଧ୍ୱ ପେଟ୍ରୋଲ ଗାଡ଼ିକୁ ତେଲ ଦେବାକୁ ମନା କରାଯାଇଥିଲା। ପ୍ରଦୂଷଣ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ଶିର୍ଷା କହିଛନ୍ତି ଯେ ତେଲ ବନ୍ଦ ନିଷ୍ପତ୍ତି କେତେକ ଗାଡ଼ିକୁ ଜବତ କରିବା ମଧ୍ୟ ତ୍ରୁଟି ଦେଖାଯାଉଛି। ଲୋକଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ସେମାନଙ୍କ ଗାଡ଼ି ଓ ମୋଟରସାଇକେଲକୁ ଆଉ ଥରେ ଯାଞ୍ଚ କରାଯିବ। ଗାଡ଼ିର ବର୍ଷ

**ଲୋକଙ୍କ ଅସନ୍ତୋଷ, ବୈଷୟିକ ତ୍ରୁଟି ଯୋଗୁ ନିଷ୍ପତ୍ତି**

ବୈଷୟିକ କାରଣ ଯୋଗୁ ଲାଗୁ କରିବାରେ ବାଧା ସୃଷ୍ଟି ହେଉଛି। ଏହାଛଡ଼ା ପୁରୁଣା ନୁହେଁ ପଲ୍ୟୁସନ ଷ୍ଟାଟସ୍ ଦେଖିବାକୁ ପଡ଼ିବ। ଗାଡ଼ିକୁ ସ୍କ୍ରାପ୍ କରିବା ଓ ତା'ର ଆୟୁକୁ (୯ ପୃଷ୍ଠାରେ)

X-

ଓଡ଼ିଶା ସରକାର
ଯୋଜନା ଓ ସଂଯୋଜନ ବିଭାଗ
******

ସଂଖ୍ୟା-୧ ତା. ୦୩.୦୭.୨୦୨୫

ସାର୍ବଜନୀନ ବିଜ୍ଞପ୍ତି

ଓଡ଼ିଶା ସରକାରଙ୍କ ଗୃହ (ସ୍ୱତନ୍ତ୍ର ଶାଖା) ବିଭାଗ, ବିଜ୍ଞପ୍ତି ସଂଖ୍ୟା ୧୩୮୯/ସି, ଭୁବନେଶ୍ୱର ତାରିଖ ୨୯.୦୬.୨୦୨୫ ଅନୁଯାୟୀ, ତା. ୨୯.୦୬.୨୦୨୫ ରେ ପୁରୀରେ ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଯୋଗୁଁ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କ ଦ୍ୱାରା କରାଯାଉଛି।

କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ (ଭିଡିଓ ଫୁଟେଜ୍ ସହିତ) ଥିଲେ ତାହାକୁ ଆସନ୍ତା ତା. ୨୦.୦୭.୨୦୨୫ ସୁଦ୍ଧା puritragedy.enquiry@odisha.gov.in ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଉଛି।

ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ନିମ୍ନଲିଖିତ ସ୍ଥାନ ଏବଂ ସମୟରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିମ୍ନ ସୂଚିତ ସ୍ଥାନ ଓ ସମୟରେ ସାକ୍ଷାତ କରିପାରିବେ।

୧. ରାଜ୍ୟ ଅତିଥି ଭବନ-ଆନେକ୍ସ, ଭୁବନେଶ୍ୱର – ତା. ୦୯.୦୭.୨୦୨୫ : ଅପରାହ୍ନ ଘ. ୩.୦୦ ମି. ପର ଠାରୁ
୨. ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ (ସ୍ପେଶାଲ ସର୍କିଟ୍ ହାଉସ୍), ପୁରୀ, ତା. ୧୦.୦୭.୨୦୨୫ : ଅପରାହ୍ନ – ଘ. ୩.୦୦ମି. ପର ଠାରୁ

ଅଧିକ ସୂଚନା ପାଇଁ ଟେଲିଫୋନ୍ ନମ୍ବର – (0674) 2536882 / 2391970 ରେ ଯୋଗାଯୋଗ କରାଯାଇପାରିବ।

OIPR : 50001/11/0006/2526

ଅତିରିକ୍ତ ଶାସନ ସଚିବ

## ଇତିହାସ

୧୭୭୬– ଆମେରିକା ସ୍ୱାଧୀନ ହୋଇଥିଲା ।

୧୭୮୯– ପେଶୱା ଏବଂ ନିଜାମ ସହ ମିଶି ଟିପୁ ସୁଲତାନଙ୍କ ବିରୋଧରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଚୁକ୍ତି ।

୧୮୧୯– ଆମେରିକାରେ ପ୍ରଥମ 'ବ୍ୟାଙ୍କ ଅଫ୍ ସେଭିଙ୍ଗ୍ସ ଇନ୍ ନ୍ୟୁୟର୍କ'ର ଆରମ୍ଭ ।

୧୯୭୯– କୋଲକାତାରେ ବିଦ୍ୟାସାଗର ସେତୁର ନିର୍ମାଣକାର୍ଯ୍ୟ ଆରମ୍ଭ ।

୧୯୯୭– ଆମେରିକୀୟ ଯାନ ସୋଜନର୍ ମଙ୍ଗଳ ଗ୍ରହରେ ପହଞ୍ଚିଲା ।

୧୯୯୮– ବ୍ରିଟେନ୍‌ର ଏକ ପାୱାର୍‌ବୋଟ୍ 'ଦି କେବଲ ଆଣ୍ଡ୍ ୱାୟାର୍‌ଲେସ୍ ଆଡ୍‌ଭେଞ୍ଚର' ୭୪ ଦିନ ୨୦ ଘଣ୍ଟା ଓ ୩୮ ମିନିଟ୍‌ରେ ଯାତ୍ରା ପୂରା କରି ସବୁଠୁ ଶୀଘ୍ର ବିଶ୍ୱ ଭ୍ରମଣର ରେକର୍ଡ ହାସଲ କଲା ।

୧୮୯୮– ଭାରତର ପୂର୍ବତନ କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ଗୁଲଜରିଲାଲ୍ ନନ୍ଦଙ୍କ ଜନ୍ମ ।

୨୦୦୧– ବନ୍ଦୀ ଥିବା ପାକିସ୍ତାନୀଙ୍କୁ ମୁକ୍ତ କରିବା ଲାଗି ଭାରତର ନିର୍ଦ୍ଦେଶ ।

୨୦୦୫– ଡଲଫିନ୍‌ର ନୂତନ ପ୍ରଜାତି 'ସ୍ନବ୍‌ଫିନ୍'ର ସନ୍ଧାନ କଲା ଅଷ୍ଟ୍ରେଲିଆ ।

୨୦୦୭– ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହେଲେ ମେକ୍ସିକୋର କାର୍ଲୋସ୍ ସ୍ଲିମ୍ ।

# ରହସ୍ୟମୟ ଶ୍ରୀଜଗନ୍ନାଥ–୩



୧୧. ପୂର୍ଣ୍ଣବ୍ରହ୍ମର ସ୍ୱରୂପ– ଜଗନ୍ନାଥ ହେଉଛନ୍ତି ଏକମାତ୍ର ଶୂନ୍ୟପୁରୁଷ ପୂର୍ଣ୍ଣବ୍ରହ୍ମ । କାରଣ, ଜଗନ୍ନାଥ ଶୂନ୍ୟର ପ୍ରତୀକ । ଜଗନ୍ନାଥଙ୍କ ଦୁଇନେତ୍ର ଶୂନ୍ୟ ଆଉ ପୂର୍ଣ୍ଣର ସୂଚକ । ଶୂନ ମିଶାଣ ଶୂନ .. ଶୂନ ଏବଂ ଶୂନ ଫେଡ଼ାଣ ଶୂନ .. ଶୂନ । ଏହା ପ୍ରମାଣ କରୁଛି, ଶୂନ ହିଁ ପୂର୍ଣ୍ଣତାର ପରିଭାଷା । ଶୂନରୁ ଶୂନ୍ୟ, ଶୂନ୍ୟରୁ ମହାଶୂନ୍ୟ, ମହାଶୂନ୍ୟରୁ ବ୍ରହ୍ମ, ବ୍ରହ୍ମରୁ ପରମବ୍ରହ୍ମ, ପରମବ୍ରହ୍ମରୁ ଲୀନ ବା ମୁକ୍ତି – ସ୍ୱୟଂ ଜଗନ୍ନାଥଙ୍କ ସ୍ୱରୂପ ଅଟେ ।

୧୨. ନବଗ୍ରହଙ୍କ ସମନ୍ୱୟର ପ୍ରତୀକ– ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଏକମାତ୍ର ଦେବତା, ଯିଏ ନବଗ୍ରହଙ୍କୁ ପ୍ରତିପାଦନ କରନ୍ତି । ଯଥା– ଜଗନ୍ନାଥଙ୍କ ଦୁଇନେତ୍ର–ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପ୍ରତୀକ, ଜଗନ୍ନାଥଙ୍କ ନାଲି ଅଧର– ମଙ୍ଗଳଙ୍କ ପ୍ରତୀକ, ରଥାରୂଢ଼ ଜଗନ୍ନାଥ– ବାମନ ବୁଧଙ୍କ ପ୍ରତୀକ, ପୀତବସ୍ତ୍ର ପରିହିତ ଓ ସୁବର୍ଣ୍ଣ ଶୋଭିତ ଜଗନ୍ନାଥ– ବୃହସ୍ପତିଙ୍କ ପ୍ରତୀକ, ପ୍ରେମମୋହିତ କଳା– ଶୁକ୍ରଙ୍କ ପ୍ରତୀକ, କଳାବର୍ଣ୍ଣ ଅବୟବ– ଦକ୍ଷିଣକାଳୀ ଓ ଶନିଙ୍କ ପ୍ରତୀକ, ଶ୍ରୀଜଗନ୍ନାଥଙ୍କ ଅସମ୍ପୂର୍ଣ୍ଣ ଅବୟବ–ରାହୁ ଓ କେତୁଙ୍କ ପ୍ରତୀକ ।

ପ୍ରଭୁ ଜଗନ୍ନାଥ ହିଁ ନବଗ୍ରହ, ସମ୍ପୂର୍ଣ୍ଣ ରାଶିଚକ୍ର ଓ ନକ୍ଷତ୍ରମଣ୍ଡଳ । ତିନିଠାକୁର ଅର୍ଥାତ୍– ଲଗ୍ନ, ରାଶି ଓ ନକ୍ଷତ୍ର, ସୃଷ୍ଟି, ସ୍ଥିତି ଓ ବିଲୟ, ଦିବସ, ସନ୍ଧ୍ୟା ଓ ରାତ୍ର, ଜଳ, ସ୍ଥଳ ଓ ଆକାଶ, ଆଦ୍ୟ, ମଧ୍ୟ ଓ ଅନ୍ତ, ଜୀବନ ଯୌବନ ଓ ମୃତ୍ୟୁ ବା ମୁକ୍ତି ।

୧୩. ପୂର୍ଣ୍ଣତାର ପରିଭାଷା– ଶ୍ରୀଜଗନ୍ନାଥଙ୍କର ନବଦିନ ବ୍ୟାପୀ ଘୋଷଯାତ୍ରା ପୂର୍ଣ୍ଣତାର ପ୍ରତୀକ । କାରଣ ନବମ ହେଉଛି ଏକମାତ୍ର ପୂର୍ଣ୍ଣସଂଖ୍ୟା । ଶ୍ରୀଜଗନ୍ନାଥ ନବଗ୍ରହର ପ୍ରତୀକ ରୂପରେ ନବଦିନ ବ୍ୟାପୀ ଶ୍ରୀଗୁଣ୍ଡିଚା ଯାତ୍ରା କରନ୍ତି । ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା, ଗୁଣ୍ଡିଚା ମନ୍ଦିରର ଆଡ଼ପମଣ୍ଡପରେ ସାତଦିନ ବିଜେ ଏବଂ ଶ୍ରୀମନ୍ଦିର ବାହୁଡ଼ା ଯାତ୍ରା ନବଦିନ ତାହା ନବଗ୍ରହଙ୍କ ସାଙ୍କେତିକ ଉଦ୍ଦେଶ୍ୟକୁ ପ୍ରତିପାଦନ କରେ । ଲୋକବିଶ୍ୱାସ ଅନୁଯାୟୀ ଯେଉଁ ବ୍ୟକ୍ତି ଶ୍ରୀଗୁଣ୍ଡିଚା ଯାତ୍ରା ଓ ଶ୍ରୀମନ୍ଦିର ବାହୁଡ଼ାଯାତ୍ରା ସହ ସାତଦିନ ଶ୍ରୀଗୁଣ୍ଡିଚା ଆଡ଼ପମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରେ, ସେହି ବ୍ୟକ୍ତି ନବଗ୍ରହଚକ୍ରରୁ ମୁକ୍ତି ପାଏ । ଜଗନ୍ନାଥ ଦୁଇ ଦିନର ଯାତ୍ରା ରାହୁ ଓ କେତୁଙ୍କ ଉଦ୍ଦେଶ୍ୟରେ ହୋଇଥିଲାବେଳେ, ଏକ ସପ୍ତାହ ଶ୍ରୀଗୁଣ୍ଡିଚା ମନ୍ଦିରରେ ରହଣିକାଳ ଅନ୍ୟ ସାତଟି ଗ୍ରହ ଯଥା– ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର ଓ ଶନିଙ୍କୁ ପ୍ରତିନିଧିତ୍ୱ କରନ୍ତି । ଏଥିରୁ ଅନୁମେୟ ଶ୍ରୀଜଗନ୍ନାଥ ସଂସ୍କୃତି ପୂର୍ଣ୍ଣତାର ପରିଭାଷା ।

୧୪. ବାସ୍ତୁପୁରୁଷ ଶ୍ରୀଜଗନ୍ନାଥ– ଭାରତ ଭୂଖଣ୍ଡର ବାସ୍ତୁ ସମ୍ପୂର୍ଣ୍ଣ ଭୁଲ । ବାସ୍ତୁଶାସ୍ତ୍ର ବସ୍ତୁ ଶବ୍ଦରୁ ଆନୀତ । ବାସ୍ତୁଶାସ୍ତ୍ର ଅନୁଯାୟୀ ପୃଥିବୀରେ ପାଞ୍ଚ ପ୍ରକାର ବସ୍ତୁ ଅଛି । ତାହା ହେଲା ପଞ୍ଚମହାଭୂତ । ଅର୍ଥାତ୍ ଆକାଶ, ଜଳ, ଅଗ୍ନି, ମୃତ୍ତିକା ଓ ବାୟୁ । ଏଥିମଧ୍ୟରୁ ଜ୍ୟୋତିଷଶାସ୍ତ୍ର ଆକାଶ ବା ଅନ୍ତରୀକ୍ଷରେ ଥିବା ଜ୍ୟୋତିର୍ମୟ ଗ୍ରହନକ୍ଷତ୍ରର ପ୍ରଭାବକୁ ଅଧ୍ୟୟନ କରେ । ଅନ୍ୟ ଚାରୋଟି ଉପାଦାନ ଜଳ, ଅଗ୍ନି, ମୃତ୍ତିକା ଓ ବାୟୁକୁ ନେଇ ବାସ୍ତୁଶାସ୍ତ୍ର ସୃଷ୍ଟି । ଏହି ଚାରିପ୍ରକାର ଉପାଦାନ କେଉଁ ଦିଗରେ ରହିଲେ ତା'ର ପ୍ରଭାବ କିପରି ହୁଏ, ତାହା ବାସ୍ତୁଶାସ୍ତ୍ର ନିର୍ଣ୍ଣୟ କରେ । ଐଶାନ୍ୟ କୋଣ ବା ଉତ୍ତର–ପୂର୍ବ କୋଣ ହେଉଛି ଜଳୀୟ କୋଣ, ଦକ୍ଷିଣ–ପୂର୍ବ କୋଣ ହେଲା ଅଗ୍ନି କୋଣ, ଦକ୍ଷିଣ–ପଶ୍ଚିମ କୋଣ ହେଲା ବାୟବ୍ୟ କୋଣ । ଏହି ଦିଗଗୁଡ଼ିକରେ ସେହି ସଂକ୍ରାନ୍ତୀୟ ବସ୍ତୁ ବା ଉପାଦାନ ରହିଲେ ବାସ୍ତୁଶାସ୍ତ୍ରର ସମତା ରହେ, କିନ୍ତୁ ଭାରତ ଭୂଖଣ୍ଡରେ ଏହାର ବ୍ୟତିକ୍ରମ ଘଟୁଛି । କାରଣ ଭାରତର ଐଶାନ୍ୟ କୋଣରେ ତୁଙ୍ଗ ହିମାଳୟ ପର୍ବତ ଏବଂ ନୈଋତ କୋଣରେ ବଙ୍ଗୋପସାଗର ଓ ଆରବସାଗର ଅବସ୍ଥିତ କିନ୍ତୁ ଭାରତର ଅଗ୍ନିକୋଣରେ ଶ୍ରୀମନ୍ଦିର ଅବସ୍ଥିତ ଏବଂ ତାହାର ଅଗ୍ନି ଗୋଣରେ ପୃଥିବୀର ବୃହତ ଚୂଲା ରହିଛି । ରୋଷଶାଳାରେ ଅଗ୍ନି ପ୍ରଜ୍ଜ୍ୱଳିତ ହୋଇ ଭାରତର ବାସ୍ତୁକୁ ସନ୍ତୁଳିତ କରୁଛି । ଏହି ରୋଷଶାଳାରେ କେବେ ଅଗ୍ନି ନିର୍ବାପିତ ହୁଏ ନାହିଁ । ଶ୍ରୀମନ୍ଦିରର ବାସ୍ତୁ ଅଖଣ୍ଡ ଭାରତର ସମୃଦ୍ଧିର ପରିଚାୟକ । ଏହିସବୁ ଦୃଷ୍ଟିକୋଣରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅଖଣ୍ଡ ଭାରତ–ଭୂମିର 'ବାସ୍ତୁପୁରୁଷ' ।

(ଡକ୍ଟର ପ୍ରଦୀପ କୁମାର ଚୌଧୁରୀ)


# ସ୍ୱାମୀ ବିବେକାନନ୍ଦ

ଆଜି ଶ୍ରାଦ୍ଧଦିବସ



ସ୍ୱାମୀ ବିବେକାନନ୍ଦ ଜଣେ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଧର୍ମ ଗୁରୁ । ଯାହାଙ୍କର ସନାତନ (ହିନ୍ଦୁ) ଧର୍ମକୁ ବିଶ୍ୱଦରବାରରେ ପରିଚିତ କରିବାରେ ତାଙ୍କର ଅବଦାନ ଅତୁଳନୀୟ । ସେ ୧୮୯୩ ମସିହା ଆମେରିକାର ଚିକାଗୋ ବିଶ୍ୱଧର୍ମ ସମ୍ମିଳନୀରେ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରିଥିଲେ । ସେଠାରେ ସେ ହିନ୍ଦୁ ଧର୍ମ ଉପରେ ଓଜସ୍ୱିନୀ ଭାଷଣ ଦେଇଥିଲେ । ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ କୋଲକାତାର ସିମିଳାପଲ୍ଲୀରେ ବିଶ୍ୱନାଥ ଦତ୍ତ ଓ ଭୁବନେଶ୍ୱରୀ ଦେବୀଙ୍କର ପ୍ରଥମ ପୁତ୍ରରୁପେ ସେ ଜନ୍ମଗ୍ରହଣ କରିଥିଲେ । ଛୋଟବେଳୁ ତାଙ୍କ ମନରେ ଧର୍ମଭାବ ପରିଲକ୍ଷିତ ହୋଇଥିଲା । ତାଙ୍କର ଏକ ମାତ୍ର ଆକାଂକ୍ଷା ଥିଲା ଭଗବତ ଦର୍ଶନ । ସେ ପାଠପଢ଼ିବା ସମୟରେ ବ୍ରାହ୍ମସମାଜଭୁକ୍ତ ହୋଇ ନିୟମିତ ଉପାସନାରେ ଯୋଗ ଦେଉଥିଲେ । ଭଗବାନଙ୍କୁ ଆନ୍ତରିକ ଦର୍ଶନ କରିବାକୁ ଚାହୁଁଥିବା ଦୃଢମନା ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୁପେ ବରଣ କରିଥିଲେ । ରାମକୃଷ୍ଣ ନିଜର ମହାନ ଭାବାଦର୍ଶର ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କ ଦ୍ୱାରା ସମ୍ପାଦିତ କରାଇଥିଲେ । ଗୌରବମୟ ଭାରତୀୟ ସଂସ୍କୃତି ବିବେକାନନ୍ଦଙ୍କୁ ବହୁତ ଆନନ୍ଦ ଦେଇଥିଲା କିନ୍ତୁ ଭାରତର ଜନସାଧାରଣଙ୍କର ଦ୍ରାରିଦ୍ୟ ଓ ଅଶିକ୍ଷା ତାଙ୍କୁ ବ୍ୟଥିତ କରିଥିଲା । ମାତ୍ର ୨୬ ବର୍ଷ ବୟସରେ ସେ ସନ୍ନ୍ୟାସୀ ହୋଇଥିଲେ ଓ ତା ପରେ ପାଶ୍ଚାତ୍ୟ ଭ୍ରମଣ କରି ସମଗ୍ର ବିଶ୍ୱରେ ହିନ୍ଦୁ ଧର୍ମ ଓ ବେଦାନ୍ତର ପ୍ରଚାର ଓ ପ୍ରସାର କରିଥିଲେ । ୧୯୦୨ ମସିହା ଜୁଲାଇ ୪ତାରିଖରେ ସେ ମହାସମାଧି ନେଇଥିଲେ । ତାଙ୍କର ଜୀବନାଦର୍ଶ ଆଜିବି ଆମମାନଙ୍କୁ ଅନୁପ୍ରାଣିତ କରିଥାଏ ।

## ସୋସିଆଲ କୋଟ୍ସ



"ମୋ ପାଇଁ ପାଠର ମହତ୍ତ୍ୱ ଖୁବ ଅଧିକ । ମୁଁ ଚାହୁଁଛି ୧୪ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଫ୍ରି ଏଜୁକେସନ ମିଳୁ । ଯାହାଫଳରେ ପିଲାମାନେ ଜୀବନରେ କିଛି କରିପାରିବେ ।

ପୁଲକିତ ସମ୍ରାଟ, ଅଭିନେତା



"ତୁ ମୋର ପୋଷା କୁକୁର ନୁହେଁ ମୋ ଛୁଆ ଭଳି ଥିଲୁ । ତୋ ବିନା ସବୁ ଅଧୁରା ଲାଗୁଛି । ତୁ ଖୁବ ମନେ ପଡୁଛୁ । ତୋ ହୃଦୟ ଯେତିକି ନରମ ଥିଲା ତୁ ସ୍ୱଭାବରେ ସେତିକି ସାହସୀ ଥିଲୁ ।

ଅର୍ଜୁନ କପୁର, ଅଭିନେତା



"ମା'ଙ୍କ ଫେମ୍ ପାଇଁ ମୋତେ କାମ ମିଳିନି । ଯାହା ପାଇଛି ନିଜ ପ୍ରତିଭା ଓ ପରିଶ୍ରମ ବଳରେ ପାଇଛି । ବିନା ଟାଲେଣ୍ଟରେ କୌଣସି ଆକ୍ଟର ଉପରେ ପ୍ରଯୋଜକ ପଇସା ଲଗାଇବେ ନାହିଁ ।

ଅବନ୍ତିକା ଦଶାନୀ, ଅଭିନେତ୍ରୀ

## କରୀନାଙ୍କୁ ଦେଖନ୍ତି ଝିଅ ଭଳି



କରୀଶ୍ମା ଓ କରୀନାଙ୍କ ଭଲପାଇବା ସବୁବେଳେ ଚର୍ଚ୍ଚା ସାଉଁଟିଥାଏ । ଉଭୟ ସମ୍ପର୍କରେ ଭଉଣୀ ହେଲେ କରୀଶ୍ମା କରୀନାଙ୍କୁ ଝିଅ ଭଳି ଭଲ ପାଇବା ଦେଇଥାଆନ୍ତି । ଏହାର ଅନେକ ଉଦାହରଣ ବିଭିନ୍ନ ସାକ୍ଷାତକାରରେ ଚର୍ଚ୍ଚା ହୋଇଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ଗୋବନ୍ଦା କରୀଶ୍ମା ଓ କରୀନାଙ୍କ ସମ୍ପର୍କକୁ ନେଇ ଏକ ମଜାଦାର ଘଟଣା ସେୟାର କରିଛନ୍ତି, ଯାହା ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟୁଛି । କରୀନାଙ୍କ ଦଶମ ଶ୍ରେଣୀ ପରୀକ୍ଷାଫଳ ଶୁଣିବା ପରେ କରୀଶ୍ମା କାନ୍ଦିଥିଲେ ବୋଲି ଜଣାପଡିଛି । କରୀନା ଦଶମଶ୍ରେଣୀ ପାସ ହୋଇଥିବାରୁ କରୀଶ୍ମା ଖୁସିରେ କାନ୍ଦିଥିବା ଗୋବିନ୍ଦା ପ୍ରକାଶ କରିଛନ୍ତି । ସବୁବେଳେ କରୀନାଙ୍କୁ କରୀଶ୍ମା ନିଜ ଝିଅ ଭଳି ଦେଖିଥାଆନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଏହି ସମ୍ପର୍କ ଆଜି ମଧ୍ୟ ଜୀବନ୍ତ ରହିଛି । ଏତେ ବଡ ହେବା ପରେ ମଧ୍ୟ ଉଭୟଙ୍କ ଭଲପାଇବା ସେହିଭଳି ରହିଛି ।

## ଜାତୀୟପକ୍ଷୀ କୁକୁଡା

କୁକୁଡାକୁ ଭାରତରେ ସମସ୍ତେ ଏକ ସାଧାରଣ ପକ୍ଷୀ ଭଳି ଦେଖନ୍ତି, ହେଲେ ଏହା ମଧ୍ୟ ଏକ ଦେଶର ଜାତୀୟପକ୍ଷୀ । ଏ ବିଷୟରେ ଖୁବ କମ ଲୋକ ଜାଣିଥିବେ, ଶ୍ରୀଲଙ୍କାର ଜାତୀୟପକ୍ଷୀ କୁକୁଡା । ଶ୍ରୀଲଙ୍କାରେ ଭାରତଭଳି ଖୁବ ଘଞ୍ଚ ଜଙ୍ଗଲ ଦେଖିବାକୁ ମିଳେ ଯେଉଁଥିରେ ବିଭିନ୍ନ ପ୍ରକାର ପଶୁପକ୍ଷୀଙ୍କ ସହିତ ଅନେକ ଜୀବ ବାସ କରନ୍ତି । ସେଥିରୁ ଜଙ୍ଗଲୀକୁକୁଡାକୁ ଶ୍ରୀଲଙ୍କାର ଜାତୀୟପକ୍ଷୀ ଭାବେ ଘୋଷଣା



କରାଯାଇଛି । ଏହି କୁକୁଡା ଗୁଡିକ ୩୫ ସେଣ୍ଟିମିଟର ଉଚ୍ଚ ହୋଇଥିବାବେଳେ ଏମାନଙ୍କର ଓଜନ ୫୧୦ରୁ ୬୪୫ ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ଏହି ସ୍ୱତନ୍ତ୍ର ପ୍ରଜାତିର କୁକୁଡା ଶ୍ରୀଲଙ୍କାର ସୁନ୍ଦର ଜୈବବିବିଧତାର ଉଦାହରଣ ହୋଇଥାଏ ।

## ରୋବଟଙ୍କ ଫୁଟବଲ ମ୍ୟାଚ୍



ରୋବଟକୁ ନେଇ ଅନେକ ପରୀକ୍ଷା ବିଭିନ୍ନ ସମୟରେ ହୋଇଥାଏ । ଏଥିରେ ବିଭିନ୍ନ ପ୍ରକାରର ଇଭେଣ୍ଟ ଓ କାର୍ଯ୍ୟ ରହିଛି । ସେହିଭଳି ଏକ ଇଭେଣ୍ଟ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଚୀନ ପ୍ରଥମଥର ପାଇଁ ରୋବଟ ଫୁଟବଲ ମ୍ୟାଚ୍‌ର ଆୟୋଜନ କରିଛନ୍ତି, ଯାହାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ହ୍ୟୁମାନଏଡ୍ ରୋବଟ ଗୁଡିକ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ଇଣ୍ଟରନେଟ ୟୁଜର୍ସମାନେ ଏହି ମ୍ୟାଚର ଖୁବ ମଜା ନେଉଥିବାର ଦେଖିବାକୁ ମିଳିଛି । ତେବେ କିଛି ୟୁଜର୍ସ ଏହାକୁ ଭିନ୍ନ ନଜରରେ ଦେଖିଛନ୍ତି । ସେମାନଙ୍କ ମତରେ ଭବିଷ୍ୟତରେ ଅନେକ କ୍ଷେତ୍ର ପାଇଁଦ୍ଦରୋବଟ ଧୀରେଧୀରେ ବିପଦ ପାଲଟୁଛି । ଅନେକ ଲୋକଙ୍କ ଗାଜଗାର ଉପରେ ଏହାର ପ୍ରଭାବ ପଡିବ ବୋଲି ସେମାନେ ମତ ଦେଇଛନ୍ତି ।

## ଶୋ' ଛାଡୁନାହାନ୍ତି ବବିତା



ତାରକ ମେହତା କା ଉଲଟା ଚଷମା ଧାରାବାହିକ ବେଶ୍ ଲୋକପ୍ରିୟ ଅଟେ । ଏହା ଅନେକ ବର୍ଷଧରି ଦର୍ଶକଙ୍କ ହୃଦୟରେ ରାଜ କରି ଆସୁଛି । ତେବେ ଏହି ଶୋ ବର୍ତ୍ତମାନ କିଛି ଦିନ ଧରି ଚର୍ଚ୍ଚାରେ ରହି ଆସିଛି । ଅନେକ ଲୋକପ୍ରିୟ କଳାକାର ଶୋର ହାତ ଛାଡିଛନ୍ତି । ଯାହାଫଳରେ ଅନେକ ଚରିତ୍ରରେ ସବୁବେଳେ ନୂଆନୂଆ କଳାକାରଙ୍କୁ ଦେଖିବାକୁ ମିଳୁଛି । ଏହା ଏହି ଶୋର ଟାଆର୍‌ପି ଉପରେ ପ୍ରଭାବ ପକାଉଛି । ଏହାରି ଭିତରେ ଆଉଜଣେ ଲୋକପ୍ରିୟ ଚରିତ୍ର ବବିତାରେ ଅଭିନୟ କରୁଥିବା ମୁନ୍‌ମୁନ୍ ଦତ୍ତା ଶୋ ଛାଡିବା ନେଇ ଚର୍ଚ୍ଚା ହେଉଥିଲା । ଏହା ଶୋର ଫ୍ୟାନ୍‌ଙ୍କୁ ଖୁବ ଖଟକି ଥିଲା । ହେଲେ ଏହି ଖବର ସତ ନୁହେଁ ବୋଲି ନିଜେ ମୁନ୍‌ମୁନ୍ ମତ ଦେଇଛନ୍ତି, ଯାହାପରେ ଦର୍ଶକ ଖୁସି ହୋଇଛନ୍ତି । ସୁବବେଳେ ଗୁଜବ ଉପରେ ଧ୍ୟାନ ନଦେବାକୁ ମୁନ୍‌ମୁନ୍ ମତ ଦେଇଛନ୍ତି । ଏହାକୁ ନେଇ ପୂର୍ବରୁ ଅସିତ୍ ମୋଦି ମଧ୍ୟ ନିଜ ମତ ରଖିସାରିଛନ୍ତି ।

## ମେରୁଦଣ୍ଡ ମାଂସପେଶୀ ଆଟ୍ରୋଫି

ସ୍ପାଇନାଲ ମସଲ୍ ଆଟ୍ରୋଫି ବା ମେରୁଦଣ୍ଡ ମାଂସପେଶୀ ଆଟ୍ରୋଫି ସମସ୍ୟା ଏକ ବିରଳ ରୋଗ ଯାହା ବହୁତ କମ ଶିଶୁଙ୍କ ନିକଟରେ ଦେଖିବାକୁ ମିଳିଥାଏ । ଏହି ସମସ୍ୟାର ଲକ୍ଷଣ କାହାକାହା କ୍ଷେତ୍ରରେ କମ ଦେଖିବାକୁ ମିଳୁଥିବାବେଳେ କାହାକ୍ଷେତ୍ରରେ ଅଧିକ ଦେଖିବାକୁ ମିଳିଥାଏ । ତେବେ ଏହି ରୋଗ ହେଲେ ରୋଗୀର ମାଂସପେଶୀରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହି ରୋଗ ଆମର କାନ୍ଧ, ଅଣ୍ଟା, ଜଙ୍ଘ, ପିଠିର ଉପରିଭାଗ ଆଦିରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହି ରୋଗ ବଢିଲେ ରୋଗୀର ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ, ଯାହା ରୋଗୀଙ୍କର ମୃତ୍ୟୁର କାରଣ



ସାଜିଥାଏ । ଏହା ଏକପ୍ରକାର ଜେନେଟିକାଲ ଡିଜ୍‌ଅର୍ଡର ହୋଇଥିବାବେଳେ ଏହାର ପାଖାପାଖି ୫ଟି ପ୍ରକାର ରହିଛି । ଏସ୍‌ଏମ୍‌ଏର ଟାଇପ୍ ୧ ସବୁଠାରୁ ଗୁରୁତର ହୋଇଥିବାବେଳେ ଏହା ଶିଶୁକୁ ୬ମାସ ଭିତରେ ହୋଇଥାଏ । ସେହିଭଳି ଟାଇପ୍ ୨ ଶିଶୁକୁ ଛଅ ମାସରୁ ୧୮ ମାସ ମଧ୍ୟରେ ଥିବା ଶିଶୁଙ୍କୁ ହୋଇଥାଏ । ଏହାର ଟାଇପ୍ ୩ ଶିଶୁର ବୟସ ୧୮ ମାସରୁ ଅଧିକ ହେବା ପରେ ଦେଖିବାକୁ ମିଳିଥାଏ । ତେବେ ଏହି ବିରଳ ରୋଗର ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

### ଭୁବନେଶ୍ୱରରେ ଶବରୀ ସାଂସ୍କୃତିକ ପରିଷଦର "ଶବରୀ ଭବନ" ଉଦ୍‌ଘାଟନ

# ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ : ମୁଖ୍ୟମନ୍ତ୍ରୀ



"ଶବରୀ ସାଂସ୍କୃତିକ ଭବନ"ର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥ ଆଇଆରସି ଭିଲେଜ୍ ଠାରେ କୋରାପୁଟ, ରାୟଗଡା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ନିମନ୍ତେ "ଶବରୀ ସାଂସ୍କୃତିକ ଭବନ" ଉଦଘାଟନ କରିବା ସହିତ ଏହି ସ୍ୱଳ୍ପ ରହଣି ସ୍ଥାନର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏଥିସହିତ, ଏହି ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ, ମୁଖ୍ୟମନ୍ତ୍ରୀ, ଏହି ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ - ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ ବୋଲି କହିବା ସହିତ ଆଦିବାସୀ ଭାଇ ଓ ଭଉଣୀମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହିତ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ। ଆଜିର ଶବରୀ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନତା ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭାଇ ଓ ଭଉଣୀମାନେ ଯେତେବେଳେ ଏଠାକୁ ଆସିବେ, ନିଜ ଘର ପରି ଅନୁଭବ କରିବେ। ଆପଣଙ୍କ ଶିକ୍ଷା, ଚିକିତ୍ସା, ନିଯୁକ୍ତି, ଓ ଉନ୍ନତିର ମାର୍ଗ ଏହିଠାରୁ ଆରମ୍ଭ ହେବ। ଆଦିବାସୀ ସଂସ୍କୃତି କେବଳ ନାଚ, ଗୀତରେ ସୀମାବଦ୍ଧ ନୁହେଁ, ଏହା ହେଉଛି ଏକ ଜୀବନ ଶୈଳୀ, ଏକ ଆତ୍ମା। ଏହାକୁ ସୁରକ୍ଷା କରିବା ଏବଂ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହାକୁ ଜୀବିତ ରଖି, ପରିସ୍ଫୁଟ କରିବା କରିବା ଦିଗରେ ଶବରୀ ଭବନ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେଯେ, ଭୁବନେଶ୍ୱରରେ ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ପ୍ରତିଷ୍ଠା କରାଯାଉଛି। ରାଜ୍ୟର ୪୦ ପ୍ରତିଶତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ରେକର୍ଡ ୬୮ ହଜର ୮୮୧ କୋଟି ଟାଙ୍କର ବିଶେଷ ପ୍ରାବଧାନ କରାଯାଇଛି। ନିୟମିତ କଲ୍ୟାଣକାରୀ ଯୋଜନା ବ୍ୟତୀତ ଏହି ଟଙ୍କା କେବଳ ତାଙ୍କ ପାଇଁ ଖର୍ଚ୍ଚ ହେବ। ଏହା ହେଉଛି ଆମ ସରକାରଙ୍କ ଜନଜାତିଙ୍କ ପାଇଁ ପ୍ରତିବଦ୍ଧତା। ମୁଁ ବିଶ୍ୱାସ କରେ – ଯେଉଁ ସମାଜ ତାଙ୍କର ମୂଳ ଚିହ୍ନକୁ ସମ୍ମାନ କରେ, ସେଇ ସମାଜ ତୀବ୍ର ଗତିରେ ଅଗ୍ରସର ହୁଏ। ଆମ ଆଦିବାସୀ ସମାଜ ଓଡ଼ିଶାର ଗର୍ବ, ଆମ ସଂସ୍କୃତିର ମୂଳ ଆଧାର। ଏହି ସମାଜକୁ ଆଗକୁ ଆଣିବା ପାଇଁ ମୁଁ ଏକ ଆଦିବାସୀ ସନ୍ତାନ ଭାବରେ ମୋ ସର୍ବଶକ୍ତି ଲଗାଇବି।

ସେ ପୁଣି କହିଥିଲେଯେ, ୨୦୩୬ ସୁଦ୍ଧା ଆମେ ଲକ୍ଷ୍ୟ ରଖିଛୁ ରାଜ୍ୟର ସର୍ବାଙ୍ଗୀନ ବିକାଶ, ସାମଗ୍ରିକ ଅଭିବୃଦ୍ଧି ଏବଂ ଜନଜାତି ସଶକ୍ତିକରଣ ଜରିଆରେ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ। ସମୃଦ୍ଧ ଓଡିଶା ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ରାଜ୍ୟର ୨୪ ପ୍ରତିଶତ ଜନଜାତି। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ କୁହାଯାଉଛି '୩୬ ପାଇଁ ୩୬' । ରାଜ୍ୟର ଡବଲ ଇଞ୍ଜିନ ସରକାର ଏକ ବର୍ଷର ସଫଳ ଯାତ୍ରା ପୂରଣ କରି ସେହି କାର୍ଯ୍ୟକୁ ନୂତନ ବିଶ୍ୱାସ ନୂତନ ଶକ୍ତି ସହିତ ଜାରି ରଖିଛନ୍ତି। ଆଗାମୀ ଦିନରେ ବିକାଶର ଜୟଯାତ୍ରା ଆହୁରି ତ୍ୱରାନ୍ୱିତ ହେବ। ଏହି ବିକାଶ ଯାତ୍ରା ସମ୍ଭବ ହେବ ଯେତେବେଳେ ସରକାର, ଅଧିକାରୀ ଏବଂ ସାଧାରଣ ଜନତାଙ୍କ ଗୋଟିଏ ଲକ୍ଷ୍ୟ ହେବ, 'କେବଳ ରାଜ୍ୟର ବିକାଶ'। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମ ସରକାର କେବଳ ଅବିଭକ୍ତ ନୁହେଁ, ସାରା ରାଜ୍ୟକୁ ସମତୁଲ ଭାବେ ବିକାଶ କରିବା ପାଇଁ ବଦ୍ଧପରିକର। ଏହି ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ, ଓ ନୂଆ ପିଢ଼ି ପାଇଁ ଏକ ଅନୁପ୍ରେରଣା ରୂପେ ଦୀପ୍ତିମାନ ରହିବ।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଗଣଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ କହିଥିଲେଯେ, ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

## ଘାନାର ପ୍ରଥମ ମହିଳାଙ୍କୁ ମୋଦୀଙ୍କ ଉପହାର



ନୂଆଦିଲ୍ଲୀ : ଘାନା ଗସ୍ତରେ ଯାଇଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘାନା ରାଷ୍ଟ୍ରପତିଙ୍କ ପନିୀ ଲୋର୍ଡିନା ମାହାମାଙ୍କୁ ଏକ ମୂଲ୍ୟବାନ ଉପହାର ଦେଇଛନ୍ତି । ଏହି ଉପହାରର ଓଡ଼ିଶା ସହ ଏକ ସମ୍ପର୍କ ରହିଛି । ଉପହାରଟି ହେଉଛି କଟକରେ ନିର୍ମିତ ଏକ ଚମତ୍କାର ରୁପା ତାରକସୀ କାର୍ଯ୍ୟ ହୋଇଥିବା ପର୍ସ । ପ୍ରଧାନମନ୍ତ୍ରୀ ଦେଇଥିବା ଉପହାରଟି କୁଶଳୀ କାରୀଗରଙ୍କ ଦ୍ୱାରା ଅତ୍ୟନ୍ତ ନିଖୁଣ ଭାବେ ପ୍ରସ୍ତୁତ କରାଯାଇଛି । ଏଥିରେ ଅତି ପତଳା ରୁପା ତାରରେ ତିଆରି ହୋଇଥିବା ସୂକ୍ଷ୍ମ ଫୁଲ ଏବଂ ଅନ୍ୟାନ୍ୟ ସୁନ୍ଦର ଡିଜାଇନ କରାଯାଇଛି । ପର୍ସଟି ଖୁବ୍ ହାଲୁକା ଓ ଦୀର୍ଘସ୍ଥାୟୀ ହେବା ସହିତ ଏହାର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋହର ।

ରୁପା ତାରକସୀ ହସ୍ତଶିଳ୍ପ ପାଇଁ ସାରା ବିଶ୍ୱରେ କଟକର ପ୍ରସିଦ୍ଧି ରହିଛି । ଏଠାକାର କାରିଗରମାନେ ୫୦୦ ବର୍ଷରୁ ଅଧିକ ସମୟ ଧରି ନିଖୁଣ ରୁପା ତାରକସୀ କାମ କରି ଆସୁଛନ୍ତି । କଟକର ତାରକସୀ କାରିଗରୀକୁ ପାରମ୍ପରିକ ଭାବେ ଗହଣାରେ ଉପଯୋଗ କରାଯାଇଥାଏ । ବର୍ତ୍ତମାନ ଏହାକୁ ପର୍ସ ଭଳି ଆଧୁନିକ ଉପକରଣରେ ଉପଯୋଗ କରାଯାଉଛି ଯାହା ଐତିହ୍ୟ ଏବଂ ସମସାମୟିକ ଶୈଳୀର ମିଶ୍ରଣ ଅଟେ । ତାରକସୀ କାମ ସୌନ୍ଦର୍ଯ୍ୟ, ସାଂସ୍କୃତିକ ଗୌରବ ଏବଂ କାରିଗରୀ କୌଶଳର ପ୍ରତୀକ । ଏହା ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ପରମ୍ପରାର ଏକ କାଳଜୟୀ ସ୍ମୃତିଚିହ୍ନ ଭାବେ ଉଜ୍ଜୀବିତ ହୋଇରହିଛି ।

## ଜିଏର ଅତିରିକ୍ତ ସଚିବ ହେଲେ ଦେବାଶିଷ ସିଂହ

ଭୁବନେଶ୍ୱର(ସବ୍ୟୁ): ବରିଷ୍ଠ ଆଇଏଏସ୍ ଦେବାଶିଷ ସିଂହଙ୍କୁ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ(ଜିଏ) ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି । ପୂର୍ବରୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ସେ କାର୍ଯ୍ୟ ତୁଲାଇଥିଲେ ।

## ପେନସନ ଲେନ ମହଲ୍ଲା ନୌଯାୱାନ କମିଟି ପକ୍ଷରୁ ସହାୟତା

କଟକ , (ସବ୍ୟୁ) :ପେନସନ ଲେନ ମହଲ୍ଲା ନୌଯାୱାନ କମିଟି ସଂପାଦକ ସମାଜସେବୀ ସେକ ଗୁଲାମମୋଇଦ୍ଦିନଙ୍କ ଆହ୍ୱାନ କ୍ରମେ ଏକ ଜରୁରୀ ବୈଠକ ସ୍ଥାନୀୟ ପେନସନ ଲେନ ଠାରେ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ କିପରି ଆମ କମିଟି ଗରିବ ଅସହାୟ ମାନଙ୍କୁ ସାହାଯ୍ୟ କରିବା ସହିତ ବିଭିନ୍ନ ଜନହିତକର କାର୍ଯ୍ୟ କରିବ ସେଥିପାଇଁ କମିଟି କାମ କରିବା ବୋଲି ଶ୍ରୀ ମୋଇଦ୍ଦିନ କହିଥିଲେ । ଏହି ଅବସରରେ ପେନସନ ଲେନ ସାହିରେ ବସବାସ କରୁଥିବା ଦୃଷ୍ଟିହୀନ ବି. ରାଜୁଙ୍କୁ କିଛି ଆର୍ଥିକ ସହାୟତା କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ପେନସନ ଲେନ ମହଲ୍ଲା କମିଟି ସଭାପତି ଜାବେଦ ଇକବାଲ, ଉପ ସଭାପତି ଇମ୍ରାନ ଖାନ, ଯୁଗ୍ମ ସଂପାଦକ ଅବଦୁଲ ସାହିଦ, କୋଷାଧକ୍ଷ ସେକ ଖାଲିଲଉଲ୍ଲ ରହେମାନ, ସେକ ଜାବିର, ମୌଷର ଅଲି, ସେକ ଜାବିର ବକ୍ସ, ଉସ୍ମାନ ଖାନ, ସେକ ନସିମ, ସେକ ରମଯାନୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୨ ବ୍ରାଉନସୁଗର ବେପାରୀ ଥାନାରେ ଅଟକ

ଖୋର୍ଦ୍ଧା, (ସବ୍ୟୁ): ବାଘମାରୀ ଥାନା ପୁଲିସ ୨ଜଣ ବ୍ରାଉନସୁଗର ବେପାରୀ ବାପ ପୁଅଙ୍କୁ ଧରି ଥାନାରେ ଅଟକ ରଖିଥିବା ସୂଚନା ମିଳିଛି। ବେପାରୀ ଦ୍ୱୟ ଖୋର୍ଦ୍ଧା ଆଦର୍ଶଥାନା ଅଂଚଳର। ତଦନ୍ତ ଚାଲିଥିବାରୁ ପୁଲିସ ସେମାନଙ୍କ ନାଁ ଓ କେତେ ପରିମାଣ ର ବ୍ରାଉନସୁଗର ସେମାନଙ୍କ ଠାରୁ ଜବତ ହୋଇଛି ତାହା ପ୍ରକାଶ କରିନି। ତେବେ ଅଭିଯୁକ୍ତ ଦ୍ୱୟ ଖୋର୍ଦ୍ଧାରୁ ବ୍ରାଉନସୁଗର ଆଣି ବାଘମାରି ଥାନା ଅଂଚଳର ବିଭିନ୍ନ ସ୍ଥାନରେ ବେପାର କରୁଥିବା ପୁଲିସ ଜାଣିବାକୁ ପାଇଛି। ଏମାନେ ସହର ଛାଡି ଗ୍ରାମାଂଚଳରେ ବେଧଡକ ବେପାର କରୁଥିବା ଖବର ପାଇ ପୁଲିସ ଚଢଉ କରି ଧରିଛି। ଗିରଫ ଦ୍ୱୟ ପୂର୍ବରୁ ମଧ୍ୟ ନିଶା କାରବାର ମାମଲାରେ ବହୁଥର ଗିରଫ ହୋଇଛନ୍ତି।

## ବୋଲେରୋ ଧକ୍କାରେ ସ୍ୱାମୀ ମୃତ

ସାଲେପୁର,(ସବ୍ୟୁ) :ଭୋଜି ଖାଇ ଘରକୁ ଫେରୁଥିବା ସମୟରେ ବାଇକ ସହ ବୋଲେରୋ ମୁହାଁମୁହିଁ ଧକ୍କା ହେବ ଫଳରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର । ଗତକାଲି ବିଳମ୍ବିତ ରାତିରେ ପରିବାର ସହ ଫେରୁଥିବା ସମୟରେ ବାଇକକୁ ସାମ୍ନାରୁ ପିଟିଲା ବୋଲେରୋ । ବୁଧବାର ରାତିରେ ବାରିଗୋଳ ଗ୍ରାମର ରାଜ କିଶୋର ସାମଲ, ତାଙ୍କ ସ୍ତ୍ରୀ ଓ ପାଞ୍ଚବର୍ଷ ଝିଅ ଏକ ବିବାହ ଭୋଜିରେ ଯୋଗଦେଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ । କଟକ-ସାଲେପୁର ମୁଖ୍ୟ ରାସ୍ତାର ନାନ୍ଦୋଳ ବଜାର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ଉକ୍ତ ବାଇକୁ ସାମ୍ନାରୁ ଧକ୍କା ଦେଇଥିଲା । ଫଳରେ ରାଜ କିଶୋର ଙ୍କ ମୃତ୍ୟୁ ଘଟିଥିଲା ।

### ଭୁବନେଶ୍ୱରରେ ସାଇନ୍ସ ସିଟି ପାଇଁ କେନ୍ଦ୍ରର ସହଯୋଗ ଲୋଡ଼ିଲା ଓଡ଼ିଶା

# ପ୍ରସ୍ତାବ ବିଚାର ଲାଗି ପ୍ରତିଶ୍ରୁତି ଦେଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ସାଇନ୍ସ ସିଟି ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି ରାଜ୍ୟ ସରକାର । ପୂର୍ବ ଭାରତରେ ବୈଜ୍ଞାନିକ ଅଧ୍ୟୟନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସାଇନ୍ସ ସିଟି ପ୍ରତିଷ୍ଠା କରିବା ଲାଗି ଓଡ଼ିଶା ସରକାର ଲକ୍ଷ୍ୟ ରଖିଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ନୂଆଦିଲ୍ଲୀରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ଡକଟର ଜିତେନ୍ଦ୍ର ସିଂଙ୍କୁ ସାକ୍ଷାତ କରିଛନ୍ତି ।

ରାଜ୍ୟ ସରକାର ପ୍ରସ୍ତାବିତ ସାଇନ୍ସ ସିଟି ପାଇଁ ୧୦୦ ଏକର ଜମି ଯୋଗାଇ ଦେଇଛନ୍ତି । ଏହାର ଲକ୍ଷ୍ୟ ହେଉଛି ବୈଜ୍ଞାନିକ ଅନୁସନ୍ଧିତ୍ସା, ଉଦ୍ଭାବନ ଏବଂ ଶିକ୍ଷା ପାଇଁ ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି କରିବା । କେନ୍ଦ୍ରୀୟ ସହାୟତା ଏହି ଦୃଷ୍ଟିକୋଣକୁ ସାକାର କରିବାରେ ସହାୟକ ହେବ ବୋଲି ଶ୍ରୀ ପାତ୍ର ବୈଠକ ସମୟରେ କେନ୍ଦ୍ର ମନ୍ତ୍ରୀ ଡକଟର ସିଂଙ୍କୁ ଦେଇଥିବା ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି ।

ପ୍ରସ୍ତାବ ଉପରେ ପ୍ରତିକ୍ରିୟା ରଖି ଡକଟର ସିଂ ଏହି ପ୍ରୟାସକୁ ସ୍ୱାଗତ କରିଛନ୍ତି । କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ଏ ଦିଗରେ ଆଗକୁ ବିବା ଲାଗି ପଦ୍ଧତି ଉପରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରସ୍ତାବିତ ନୂତନ ପଦକ୍ଷେପଗୁଡ଼ିକୁ ପରିପୂରକ କରିବା ପାଇଁ ସେ ସିଏସଆଇଆର ପ୍ରୟୋଗଶାଳା ଏବଂ ମହାକାଶ ଗବେଷଣା କେନ୍ଦ୍ର ସମେତ ଓଡ଼ିଶାର ବର୍ତ୍ତମାନର ବୈଜ୍ଞାନିକ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ ।

ସାଇନ୍ସ ସିଟି ବ୍ୟତୀତ ମନ୍ତ୍ରୀ ଶ୍ରୀ ପାତ୍ର ଆହୁରି ଅନେକ ପ୍ରସ୍ତାବ ଦାଖଲ କରିଥିଲେ । ଯେଉଁଥିରେ ଏକ ଜ୍ୟୋତିର୍ବିଜ୍ଞାନ ଅବଜରଭେଟୋରୀ, ଭୂ-ବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଏକ ବଙ୍ଗୋପସାଗର ଉପକୂଳ ଅବଜରଭେଟୋରୀ, ଏକ ବୌଦ୍ଧିକ ସମ୍ପତ୍ତି ଓ ପେଟେଣ୍ଟ ସୁବିଧା କେନ୍ଦ୍ର ଏବଂ ବାୟୋଟେକ୍ନୋଲୋଜି ବିଭାଗ ଅଧୀନରେ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ଏବଂ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ପ୍ରସ୍ତାବଗୁଡ଼ିକ ପାଇଁ ମଧ୍ୟ ମନ୍ତ୍ରୀ ଶ୍ରୀ ପାତ୍ର ସହଯୋଗ ଲୋଡ଼ିଥିଲେ । ଏହା ଭାରତର ବିଜ୍ଞାନ ଏବଂ ପ୍ରଯୁକ୍ତି ପରିଦୃଶ୍ୟକୁ ଆଗକୁ ନେବାରେ ସହଯୋଗୀ ସଂଘୀୟ ବ୍ୟବସ୍ଥାର ଭୂମିକା ଉପରେ ଗୁରୁତ୍ୱାରୋପ କରୁଛି ।

### ଅନୁଗୋଳ 'ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ'ର ନୂତନ ଗୃହ ପାଇଁ ଭୂମିପୂଜନ

# ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଉପରେ ଦିଆଯାଉଛି ଗୁରୁତ୍ୱ : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଅନୁଗୋଳ ଛେଣ୍ଡିପଦା ସ୍ଥିତ 'ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ'(ଡିଆଇଇଟି)ର ନୂତନ ଗୃହ ନିର୍ମାଣ ନିମନ୍ତେ ଭୂମିପୂଜନ କରିବା ସହ ଅନୁଷ୍ଠାନର ଶିକ୍ଷକ ଓ ପ୍ରଶିକ୍ଷକମାନଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟରେ ଅନେକ ଦକ୍ଷତା ସମ୍ପନ୍ନ ଶିକ୍ଷକ ସୃଷ୍ଟି କରି ଗୁଣାତ୍ମକ ଶିକ୍ଷାର ବିକାଶରେ ଏହି ଅନୁଷ୍ଠାନ ମୁଖ୍ୟ ଭୂମିକା ନିର୍ବାହ କରିଆସୁଛି । ବର୍ତ୍ତମାନ ସମୟରେ ଟେକ୍ନୋଲୋଜି ମନୁଷ୍ୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଣୀତ ଜାତୀୟ ଶିକ୍ଷା ନୀତିରେ ଶିକ୍ଷକଙ୍କ କାପାସିଟି ବିଲଡିଂକୁ ମଜଭୂତ୍ କରିବା ସହ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ପ୍ରାଥମିକତା ଦିଆଯାଉଛି । ଶିକ୍ଷା ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧିରେ ଏଆଇର ଉପଯୋଗ ବର୍ତ୍ତମାନ ସମୟର ଆବଶ୍ୟକତା । ଶିକ୍ଷକଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ କରିବା ଦିଗରେ ଏଆଇ ଟେକ୍ନୋଲୋଜିର ବ୍ୟବହାର ଉପରେ ଭାରତ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଅନୁଷ୍ଠାନ ପରିସରରେ ଥିବା ପ୍ରଥିତଯଶା କବି ପଦ୍ମଶ୍ରୀ ରାଧାନାଥ ଗଡ଼ନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।"ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନ ଅଧୀନରେ ବୃକ୍ଷରୋପଣ କରିବା ସହ ଗଛ ଲଗାଇବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ ।


DSPL-159



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚ୍ୟମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

OIPR: 10003/13/0224/2526

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

## ନିଜେ ପଢିଥିବା ତାଳଚେର ହାଣ୍ଡିଧୁଆ ସ୍କୁଲର ରୂପାନ୍ତରଣ ପ୍ରକଳ୍ପର ଶୁଭାରମ୍ଭ

# ନିଜ ସ୍କୁଲକୁ ଆସିଲେ ଘର ପରି ମନେହୁଏ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନିଜେ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ତାଳଚେର ହାଣ୍ଡିଧୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ ତଥା ସ୍କୁଲର ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୧ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି ।

ଏହି ଅବସରରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ସହ ସମୟ ଅତିବାହିତ କରିବା ସହ ପିଲାଦିନର ସ୍ମୃତିକୁ ମନେପକାଇଥିଲେ । ସେ କହିଛନ୍ତି ଯେ ଏହି ସ୍କୁଲରେ ମୁଁ ମୋ ଜୀବନର ପ୍ରାଥମିକ ଶିକ୍ଷା ଗ୍ରହଣ କରିଛି । ପିଲାଦିନର ଅନେକ ସ୍ମୃତି ଏହି ସ୍କୁଲ ସହ ଜଡ଼ିତ । ଏହା ମୋର ଘର ପରି ମନେହୁଏ । ଏହି ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳରେ ପ୍ରାଥମିକ ଶିକ୍ଷାରେ ଏକ ସମ୍ମାନସ୍ପଦ



ଅନୁଷ୍ଠାନ ଭାବରେ ଉଭା ହୋଇଛି । ଏହି ସ୍କୁଲର ଉନ୍ନତି ପାଇଁ ମୋର ବହୁତ ଦିନରୁ ଇଚ୍ଛା ଥିଲା । ଗୁରୁବାର ଏଠାରେ ସ୍ମାର୍ଟ କ୍ଲାସରୁମ, ରୋଷେଇ ଘର, ନୂଆ ଭବନ ଏବଂ ଡାଇନିଂ ହଲ ଏବଂ ଅନ୍ୟାନ୍ୟ କାର୍ଯ୍ୟର ଉଦଘାଟନ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଆଜି ଉଦଘାଟିତ ହୋଇଥିବା ବିକାଶମୂଳକ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହେବେ । ନୂତନ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଆମେ ଯେଉଁ ସାମଗ୍ରିକ, ମୂଳ ଏବଂ ଭବିଷ୍ୟତବାଦୀ ଶିକ୍ଷା ବ୍ୟବସ୍ଥାର କଳ୍ପନା କରୁଛୁ ତାହା ଏହି ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ସାକାର ହେବ, ଯେଉଁଠାରେ ଶିକ୍ଷା କେବଳ ପରୀକ୍ଷା ନୁହେଁ ବରଂ ବ୍ୟକ୍ତିତ୍ୱ ଏବଂ ରାଷ୍ଟ୍ର ନିର୍ମାଣର ଏକ ମାଧ୍ୟମ ହେବ । ହାଣ୍ଡିଧୁଆ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯେଉଁ ଆତ୍ମବିଶ୍ୱାସ ଅଛି, ତାହା ୨୦୪୭ ସୁଦ୍ଧା ବିକଶିତ ଭାରତର ଏକ ଆଲୋକବର୍ତ୍ତିକା ଭାବରେ କାମ କରିବ । ସ୍କୁଲର ଉତ୍ତରୋତ୍ତର ଉନ୍ନତି ସହ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ।

ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲର ମଧ୍ୟାହ୍ନଭୋଜନ ସ୍ଥିତି ପରଖିବା ସହ ଅନ୍ୟାନ୍ୟ ବ୍ୟବସ୍ଥା ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସ୍କୁଲ ଶିକ୍ଷା ସହ ଭିତ୍ତିଭୂମିକୁ ମଜଭୁତ୍ କରିବା ଦିଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଷ୍ଟାର୍ସ ତଥା ଅନ୍ୟ ଯୋଜନା ଅନ୍ତର୍ଗତ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏହି ହାଣ୍ଡିଧୁଆ ସରକାରୀ ସ୍କୁଲକୁ ୧ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଏହି ଅର୍ଥ ସ୍କୁଲର ଶ୍ରେଣୀଗୃହ, ସ୍ମାର୍ଟ କ୍ଲାସରୁମ, ପାନୀୟ ଜଳ, ଖେଳପଡ଼ିଆ ତଥା ସ୍କୁଲର ଆନୁଷଙ୍ଗିକ ବିକାଶ ପାଇଁ ଖର୍ଚ୍ଚ କରାଯାଇଥାଏ ।

## କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଇମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏମ୍ଓୟୁ

# ପଞ୍ଚାୟତ ସ୍ତରରେ ସ୍ଥାପନ ହେବ ସ୍ୱୟଂଚାଳିତ ରେନ ଗଜ୍

ଭୁବନେଶ୍ୱର, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ



ସଶକ୍ତିକରଣ ବିଭାଗ ଏବଂ ସ୍କାଇମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ସରକାର ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ଆରମ୍ଭ କରିଛନ୍ତି ।

ଏହି ପଦକ୍ଷେପ କୃଷି, ବୀମା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପାଣିପାଗ ତଥ୍ୟର ସୁଗମ କରିବ ଏବଂ ବିପର୍ଯ୍ୟୟ ପରିଚାଳନା କରିବା ପାଇଁ ଉଦ୍ଦିଷ୍ଟ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ସମୟୋଚିତ ଏବଂ ସଠିକ୍ ପାଣିପାଗ ତଥ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ ରେନ ଗଜ୍ ସ୍ଥାପନ କରାଯିବ । ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱୟଂଚାଳିତ ରେନ ଗଜ୍ ସ୍ଥାପନ କରାଯିବ । ବ୍ଲକ ସ୍ତରରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯିବ ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ବଜେଟ ବ୍ୟବସ୍ଥାରୁ ରାଜ୍ୟକୁ ପାଣ୍ଠି ଯୋଗାଇ ଦିଆଯିବ । ଏହି ସ୍ଥାପନ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ ପାଣିପାଗ ମନିଟରିଂ ସିଷ୍ଟମ ସୁନିଶ୍ଚିତ କରିବ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବେ । ଏହି ପାଣ୍ଠି ସମବାୟ ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବଜେଟରୁ ଯୋଗାଇ ଦିଆଯିବ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଉତ୍ତମ ଫସଲ ଯୋଜନା, ବିପଦ ମୂଲ୍ୟାୟନ ଏବଂ ଅମଳ ପୂର୍ବାନୁମାନ ପାଇଁ ସଠିକ୍ ପାଣିପାଗ ତଥ୍ୟ ପ୍ରଦାନ କରିବା ଦ୍ୱାରା ଚାଷୀମାନଙ୍କର କୃଷିଦକ୍ଷତା ବୃଦ୍ଧି ପାଇବ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଦକ୍ଷ ଦାବି ମୂଲ୍ୟାଙ୍କନ ଏବଂ ବିପଦ ହ୍ରାସ ରଣନୀତିକୁ ସହଜ କରିବା ଦ୍ୱାରା ଚାଷୀମାନେ ବହୁବିଧ ଫସଲ ଗ୍ରହଣ କରିବାକୁ ଉତ୍ସାହିତ ହେବେ । କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା ଏବଂ ସ୍କାଇମେଟ୍ ପାଣିପାଗ ସେବା ପ୍ରାଇଭେଟ୍ ଲିମିଟେଡ୍ ସିଇଓ ଶ୍ରୀ ଯୋଗେଶ ପାଟିଲ୍ ବୁଝାମଣାପତ୍ରରେ ସ୍ୱାକ୍ଷର ଏବଂ ଆଦାନପ୍ରଦାନ କରିଥିଲେ । ଅତିରିକ୍ତ ସଚିବ ଡକ୍ଟର ଗଣେଶ୍ୱର ଜେନା, ଡକ୍ଟର ରାଜେଶ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିର ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ଅନୁଧ୍ୟାନ କଲେ ଗଜପତି ମହାରାଜ

ପୁରୀ (ସବ୍ୟୁ): ଶ୍ରୀମନ୍ଦିରରେ ଚାଲିଥିବା ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ଆଜି ଅନୁଧ୍ୟାନ କରିଛନ୍ତି ଗଜପତି ମହାରାଜ । ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଅଛି । ଛଅ ଶହରୁ ଅଧିକ ପଥର ବଦଳା ଯାଇଛି । ଭିତର ଭଣ୍ଡାର ଘରରେ ଅନେକ ପଥର ବଦଳାଇ ଥିବା ବେଳେ ସମସ୍ତ ବିମକୁ ଅଧିକ ମଜଭୁତ କରି ଶକ୍ତ କରା ଯାଇଛି । ଭଣ୍ଡାରର ବାହାର ଓ ଭିତର ଅଂଶକୁ ରାସାୟନିକ ପ୍ରଲେପ ଦେଇ ସରକ୍ଷଣ କରାଯାଉଛି । ସମୁଦାୟ ୧୪ ଟି ବିମ ମରାମତି କରାଯାଉଅଛି । ରତ୍ନ ଭଣ୍ଡାର କାର୍ଯ୍ୟରେ ୮୦ ଜଣଙ୍କ ଠାରୁ ଅଧିକ କୁଶଳୀ କାରିଗର ପର୍ଯ୍ୟାୟ କ୍ରମେ ଏହି ମରାମତି କାର୍ଯ୍ୟ କରିଛନ୍ତି । ଶ୍ରୀମନ୍ଦିରର ସମସ୍ତ ରୂପା ଦ୍ୱାରକୁ ପରିଷ୍କାର କରାଯାଉଥିବା ବେଳେ ବଳକା ଥିବା ଦ୍ୱାରକୁ ବର୍ମାଟିକ କାଠରେ ନୂଆ କବାଟ ଲଗାଯାଉଛି । ଗର୍ଭଗୃହର କାଠ ନିର୍ମିତ କନକ ମୁଣ୍ଡିକୁ ବଦଳାଯାଇ ଷ୍ଟେନଲେସ ଷ୍ଟିଲର କନକ ମୁଣ୍ଡି ଲଗାଯାଉଅଛି । ସେହିପରି ଶ୍ରୀମନ୍ଦିରରେ କରାଯାଇଥିବା କାର୍ଯ୍ୟକୁ ଆଜି ଗଜପତି ମହାରାଜ ଅନୁଧ୍ୟାନ କରିବା ପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

# ଅଗଷ୍ଟ ୧୫ରେ ମହାରାଜା କ୍ରିକେଟ ଆସୋସିଏସନର ବୈଠକ

ଭୁବନେଶ୍ୱର, (ସବ୍ୟୁ): ନିକଟସ୍ଥ ପାତ୍ରପଡ଼ାରେ ଗଠିତ ମହାରାଜା କ୍ରିକେଟ ଆସୋସିଏସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ଅଗଷ୍ଟ ୧୫ ତାରିଖ ଅପରାହ୍ନ ୫ଟାରେ ନିଜସ୍ୱ ଅଫିସ୍‌ରେ ଅନୁଷ୍ଠିତ ହେବ । ଏଥିରେ ପାତ୍ରପଡ଼ା ଓ ଭଗବାନପୁର ଗ୍ରାମର ସମସ୍ତ କ୍ରୀଡ଼ାପ୍ରେମୀ ଯୋଗଦେବା ପାଇଁ ଆସୋସିଏସନର ଅଧ୍ୟକ୍ଷ ଜାନକୀ ବଲ୍ଲଭ ପଟ୍ଟନାୟକ ଜଣାଇଛନ୍ତି ଏବଂ ଜୁଲାଇ ୧ ତାରିଖଠାରୁ ଜୁଲାଇ ୨୦ ତାରିଖ ଭିତରେ ଯଦି କିଛି ଅଭିଯୋଗ ବା ପରାମର୍ଶ ଥାଏ ତେବେ (୯୫୮୩୧୭୫୩୪୪) ନମ୍ବରରେ ଯୋଗାଯୋଗ କରିବାକୁ ଜଣାଇଛନ୍ତି ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସିଏମସିର ଉଚ୍ଚ ସ୍ତରୀୟ ବୈଠକ

କଟକ, (ସବ୍ୟୁ) ମହାନଗର ନିଗମ ସମ୍ମିଳନୀ କକ୍ଷରେ କଟକ ମେୟର ଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କିପରି ସୁଚାରୁ ରୂପେ ହୋଇ ପାରିବ ସେଥି ନିମନ୍ତେ ଏକ ଉଚ୍ଚ ସ୍ତରୀୟ ବୈଠକ ହୋଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା , ବନ୍ୟା ପ୍ରଭୃତି ସମୟରେ କିପରି କାର୍ଯ୍ୟ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ବିପର୍ଯ୍ୟୟ ସମୟରେ ପ୍ରାକ ସୂଚନା ଦେବା , କଣ୍ଟ୍ରୋଲ ରୁମ ର ବ୍ୟବସ୍ଥା କରିବା , ଆଶ୍ରୟ ସ୍ଥଳୀ ର ସୁବ୍ୟବସ୍ଥା କରିବା ଓ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା , ଅଧିକାରୀ ଓ କର୍ମଚାରୀ ଙ୍କୁ ନିୟୋଜିତ କରିବା ,ଜଳବନ୍ଦୀ ବିଷୟରେ ଆଲୋଚନା ହୋଇଥିଲା ।

ସୂଚନା ଅନୁସାରେ କଟକ ସହର କୁ ୧୪ ଗୋଟି ସେକ୍ଟର ରେ ବିଭକ୍ତ କରାଯାଇ ୧୪ ଜଣ ସେକ୍ଟର ଅଫିସର ଙ୍କୁ ଦାଇତ୍ୱ ଦିଆଯାଇଅଛି । ସହରର ଜନସାଧାରଣ ଙ୍କ ସୁବିଧା ନିମନ୍ତେ ସି.ଏମ.ସି ଦ୍ୱାରା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଅଛି । ସେଠାରେ ୩ ଟି ସିଫ୍ଟ ରେ କର୍ମଚାରୀ ଙ୍କୁ ଦାଇତ୍ୱ ଦିଆଯାଇଅଛି ।୨୮୪ ଗୋଟି ପମ୍ପ ର ବ୍ୟବସ୍ଥା କରାଯାଇଛି । ଏହି ବୈଠକରେ ମାନ୍ୟବର କଟକ ମେୟର ଶ୍ରୀ ସୁବାସ ସିଂହ ଙ୍କ ସହିତ ଅତିରିକ୍ତ ଆୟୁକ୍ତ କଳ୍ପତରୁ ବେହେରା ,ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ,ଯୁଗ୍ମ ଆୟୁକ୍ତ, ସମସ୍ତ ଉପଆୟୁକ୍ତ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଯାନ୍ତ୍ରିକ ବିଭାଗ ର ସମସ୍ତ ଅଧିକାରୀ , ସାନିଟେସନ ବିଭାଗ ର ସମସ୍ତ ଅଧିକାରୀ ,ସି. ଏମ.ସି ର ସମସ୍ତ ୱାର୍ଡ ଅଫିସର , ସମସ୍ତ ୱର୍କ ସରକାର, ସି.ଏମ.ସି ର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ‘ନୋ ପାର୍କିଂ ଜୋନ୍’କୁ ନେଇ ବିବାଦ

# ଲାଗି ରହିଛି ଟ୍ରାଫିକ୍ ପୁଲିସ ଓ ଦୋକାନୀଙ୍କ ମଧ୍ୟରେ ଟଣାଓଟରା

କଟକ,(ସବ୍ୟୁ): ସହରରେ ଟ୍ରାଫିକ୍ କଟକଣା ଦିନକୁ ଦିନ କଡାକଡି କରାଯାଉଛି ସତ କିନ୍ତୁ ଏହାର କାର୍ଯ୍ୟକାରୀତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କଟକର ରାସ୍ତା ଗୁଡ଼ିକର ସଂକୀର୍ଣ୍ଣତା ଦୃଷ୍ଟିରୁ ଏଠାରେ ପାର୍କିଂଜନିତ ସମସ୍ୟା ଲାଗି ରହିଥିଲା । ଏହାକୁ ମିଳିତ ଭାବେ କଟକ ମହାନଗର ନିଗମ ଓ କମିଶନରେଟ୍ ପୁଲିସ ସମାଧାନ କରିବାକୁ ବହୁ ବର୍ଷ ଧରି ଚେଷ୍ଟା କରି ଆସୁଛନ୍ତି । ହେଲେ ଉପଯୁକ୍ତର ଭିତ୍ତିଭୂମି ତଥା ସ୍ଥାନାଭାବ ଯୋଗୁଁ ଏହି ସମସ୍ୟାର ସମାଧାନ ହୋଇ ପାରୁନାହିଁ । ନିର୍ଦ୍ଦିଷ୍ଟ ପାର୍କିଂ ଏରିଆ ଚିହ୍ନଟ ନକରି ହଠାତ୍ ନୋ-ପାର୍କିଂ ଜୋନ୍ ଘୋଷଣା କରାଯିବା ପରେ ଏବେ ସହରର ବିଭିନ୍ନ ସ୍ଥାନରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଡିସିପିଙ୍କ ଏକ ଚିଠିକୁ ଆଧାର କରି ଓଡିଶା ସହରାଞ୍ଚଳ ଆଇନ ୨୦୦୩ର ଧାରା ୨୮(ଓଡିଶା ଆକ୍ଟ ୨୦୦୭ର ଧାରା ୮) ଏବଂ କମିଶନରେଟ ପୁଲିସ(ଟ୍ରାଫିକ ଓ ପବ୍ଲିକ ଅର୍ଡର) ୨୦୦୮ର ଧାରା ୧୯ ଓ ୨୧କୁ ଆଧାର କରି ସର୍ବସାଧାରଣଙ୍କ ବାଧାମୁକ୍ତ ଗମନାଗମନ ଏବଂ ପାର୍କିଂ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ନୋ-ପାର୍କିଂ ଜୋନ୍ ଗୁଡ଼ିକୁ ଘୋଷଣା କରାଯିବା ସହିତ ସମ୍ପୃକ୍ତ ଅଞ୍ଚଳରେ ଗାଡି ରଖିଲେ ଜରିମାନା ଆଦାୟ କରାଯିବାକୁ କଡା ନିର୍ଦ୍ଦେଶ ରହିଛି । ଏପର୍ଯ୍ୟନ୍ତ ନୋ-ପାର୍କିଂ ଜୋନ୍‌ରୁ ମାତ୍ର ଟଙ୍କାଟିଏ ବି ଜରିମାନା ଆଦାୟ ହୋଇ ପାରିନାହିଁ । ଏ ବାବଦରେ ଟ୍ରାଫିକ୍ ପୁଲିସ କହୁଛି, କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ନୋ-ପାର୍କିଂ ଜୋନ୍ ଘୋଷଣା ହୋଇଛି । ଏହାର ଶତପ୍ରତିଶତ କାର୍ଯ୍ୟକାରୀତା ଏବେ ସମ୍ଭବ ନୁହେଁ । ପାର୍କିଂର ବିକଳ୍ପ ସ୍ଥାନର ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ରାଗର ଶିକାର ହେବାକୁ ପଡ଼ିବ । ଏଣୁ ମହାନଗର ନିଗମ ଉପଯୁକ୍ତ ସ୍ଥାନ ଓ ବ୍ୟବସ୍ଥା କରାଇବା ଜରୁରୀ ବୋଲି ଟ୍ରାଫିକ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଛି ।

ମଧୁପାଟଣା ଛକରୁ ବାଦାମବାଡି ଛକ ରାସ୍ତାର ଉଭୟ ପାଶ୍ୱର୍, ଓଏମପି ଛକରୁ ସିଆରଆରଆଇ ଥାନା ରାସ୍ତାର ଉଭୟ ପାଶ୍ୱର୍, ଓଏମପି ଛକରୁ କାଳିଆବୋଦା ଛକ ଏବଂ କାଳିଆବୋଦା ଛକରୁ ଓଏମପି ଛକର ଉଭୟ ପାଶ୍ୱର୍ରେ ଥିବା ସର୍ଭିସ ରୋଡ, ମଣିମନ୍ଦିର ଛକରୁ ବେଲିଭ୍ୟୁ ଛକ/ ଜୁଡିସିଆଲ ଏକାଡେମି ଛକ ଏବଂ ବେଲିଭ୍ୟୁ/ଜୁଡିସିଆଲ ଏକାଡେମି ଛକରୁ ଚହଟା ଛକର ଉଭୟ ପାଶ୍ୱର୍, ଚହଟା ଛକରୁ ଯୋବ୍ରା ଆନିକଟ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍, ଯୋବ୍ରା ଆନିକଟ ଛକରୁ କାଳିଆବୋଦା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍, ଓଏମପି ଛକରୁ ହାୱଡା ମୋଟର ଛକର ରାସ୍ତାର ଉଭୟ ପାଶ୍ୱର୍, ରାଣୀହାଟ ଛକରୁ ଖାନନଗର ଛକ ରାସ୍ତାର ଉଭୟ ପାଶ୍ୱର୍, ମାତାମଠ ଛକରୁ ଚାନ୍ଦିନଚୌକ ଛକ ରାସ୍ତାର ଉଭୟ ପାଶ୍ୱର୍(ଭାୟା ହାୱଡା ମୋଟର ଛକ, ବକ୍ସିବଜାର ଛକ, ଜେଲ ରୋଡ, ଚୌଧୁରୀ ବଜାର ଛକ, ବାଲୁବଜାର ଛକ, ହାଇକୋର୍ଟ ଛକ), ହାଇକୋର୍ଟ ଛକରୁ ଡିପିଓ ଗଡା ରାସ୍ତାର ଉଭୟ ପାଶ୍ୱର୍ ଭଳି ସମଗ୍ର କଟକ ସହରର ମୁଖ୍ୟ ରାସ୍ତା ପାଶ୍ୱର୍ରେ ଗାଡି ପାର୍କିଂ ନକରିବାକୁ କୁହାଯାଇଛି । ଗାଡି ରଖିଲେ ସମ୍ପୃକ୍ତ ଗାଡିକୁ ଜବତ କରାଯିବା ସହିତ ଜରିମାନା ଆଦାୟ କରାଯିବାକୁ ନିର୍ଦ୍ଦେଶ ରହିଛି । ଏବେ କମିଶନରେଟ୍ ପୁଲିସର ଏହି ଘୋଷଣାକୁ ନେଇ ବିବାଦ ଦେଖା ଦେଇଛି । ଲୋକମାନେ ପାର୍କିଂସ୍ଥାନ ନପାଇବାରୁ ବାଧ ହୋଇ ଏହିସ୍ଥାନ ଗୁଡ଼ିକରେ ପାର୍କିଂ କରୁଛନ୍ତି, ଯାହାଫଳରେ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଛି । ଅନେକ ସମୟରେ ପୁଲିସ ଗାଡି ଜବତ କରିବାକୁ ନେଇ ମଧ୍ୟ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି । ଏହାର ସମାଧାନ ନିମନ୍ତେ ବିଭିନ୍ନ ମହଲରୁ ଦାବି ହେଉଛି ।

# ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବଙ୍କ ଅବସର

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ବ୍ୟକ୍ତିଗତ ସଚିବ ଭାବେ ହିମାଂଶୁ ନାରାୟଣ ପଟ୍ଟନାୟକ କାର୍ଯ୍ୟ କରିଆସୁଥିଲେ। ଗତ ୨ ତାରିଖରେ ଶ୍ରୀ ପଟ୍ଟନାୟକ ତାଙ୍କ ଦାୟିତ୍ୱରୁ ଅବସର ନେଇଛନ୍ତି। ସେ ଜଣେ କର୍ତ୍ତବ୍ୟରତ ଓ ନିଷ୍ଠାପର ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଏଆଇପିଏନ୍‌ବିଓଏ ଭୁବନେଶ୍ୱର ସର୍କଲର କାର୍ଯ୍ୟନିର୍ବାହୀ କମିଟିର ନିର୍ବାଚନ

ଭୁବନେଶ୍ୱର, (ସବ୍ୟୁ): ସର୍ବଭାରତୀୟ ପଞ୍ଜାବ ନ୍ୟାଶ୍ନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ) ଭୁବନେଶ୍ୱର ସର୍କଲର ତିନି ବର୍ଷୀୟା କାର୍ଯ୍ୟକାଳ (୨୫-୨୮) ପାଇଁ ତ୍ରିବର୍ଷୀୟ ନିର୍ବାଚନ ତା।୨୮.୦୬.୨୦୨୫ରିଖରେ ଏଆଇପିଏନ୍‌ବିଓଏର ସମ୍ବିଧାନ ଅନୁଯାୟୀ ଯଥାର୍ଥ ପ୍ରକ୍ରିୟା ଅନୁସରଣ କରି ଗଣତାନ୍ତ୍ରିକ ଉପାୟରେ ଅନୁଷ୍ଠିତ ହୋଇଥିଲା। ସୌମିତ୍ରୀ ପତି, ବରିଷ୍ଠ ପ୍ରବନ୍ଧକଙ୍କୁ ଗୁପ୍ତ ମତଦାନ ମାଧ୍ୟମରେ ନିର୍ବାଚନ ପରିଚାଳନା ପାଇଁ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ତାଙ୍କୁ ସହାୟକ ରିଟର୍ଣ୍ଣିଂ ଅଫିସର ସୋମେନ୍ଦ୍ର ନାଥ ବେହେରା ଏବଂ ରାକେଶ ପ୍ରଧାନ ସହାୟତା କରୁଥିଲେ। ୧୪.୦୫.୨୦୨୫ରେ ନିର୍ବାଚନ ବିଜ୍ଞପ୍ତି ଜାରି କରାଯାଇ କାର୍ଯ୍ୟନିର୍ବାହୀ କମିଟିରେ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଆମନ୍ତ୍ରଣ କରାଯାଇଥିଲା ଏବଂ ଶେଷ ତାରିଖ



ପର୍ଯ୍ୟନ୍ତ ପ୍ରାପ୍ତ ବୈଧ ନାମାଙ୍କନ ଅନୁଯାୟୀ, ଏହା ଜଣାପଡିଲା ଯେ କମ୍ରେଡ୍ ବୈଲୋଚନ ସାହୁ ଏବଂ କମ୍ରେଡ୍ ରୋସାନ୍ ରାୟଙ୍କ ନେତୃତ୍ୱାଧିନ ଟିମ୍ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। କମ୍ରେଡ୍ ବୈଲୋଚନ ସାହୁ ସର୍କଲ ସେକ୍ରେଟାରୀ ଭାବେ ଏବଂ କମ୍ରେଡ୍ ରୋସାନ୍ ରାୟ ସର୍କଲ ସଭାପତି ଭାବେ ନିର୍ବାଚିତ ହୋଇଥିଲାବେଳେ, ମନୋରଞ୍ଜନ ହୋତାଙ୍କୁ କାର୍ଯ୍ୟକାରୀ ସଭାପତି ରୂପେ, ପୂର୍ଣ୍ଣ ଚନ୍ଦ୍ର ରାଉତ ଏବଂ ବ୍ରିଜେଶ ପଲାଇଙ୍କୁ ଉପ ସଭାପତି ରୂପେ ଏବଂ ସଂଯୋଗ ଦାଶ ଏବଂ ଜ୍ଞାନ ରଞ୍ଜନ ମହାନ୍ତିଙ୍କୁ ଯୁଗ୍ମ ସମ୍ପାଦକ ରୂପେ, ରଶ୍ମୀ ରଞ୍ଜନ ମହାପାତ୍ରଙ୍କୁ ସଂଗଠନ ସମ୍ପାଦକ ରୂପେ, ସୁଜାତା ବାରିକଙ୍କୁ କୋଷାଧ୍ୟକ୍ଷ ରୂପେ, ଅନିଲ କୁମାର ଦାସଙ୍କୁ ଉପ-କୋଷାଧ୍ୟକ୍ଷ ରୂପେ ଏବଂ ସୁମନ୍ତ କୁମାର ପରିଡା, ଶୁଭଜିତ ସାହୁ ଏବଂ ସ୍ୱର୍ଣ୍ଣଲତା ସାହୁଙ୍କୁ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ନବ ନିର୍ବାଚିତ କାର୍ଯ୍ୟନିର୍ବାହୀ କମିଟିର ପ୍ରଥମ ସଭା ସମସ୍ତ ନବ ନିର୍ବାଚିତ ପ୍ରତିନିଧି, ବିଶେଷ ନିମନ୍ତ୍ରିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ପ୍ରତିନିଧି ତଥା ପରାମର୍ଶଦାତାଙ୍କ ଉପସ୍ଥିତିରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ହୋଟେଲ ପଦ୍ମଜାରେ ତା ୨.୭.୨୦୨୫ରିଖରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କର ମତାମତ ପ୍ରକାଶ କରିଥିଲେ ଏବଂ ଆଗାମୀ ତିନି ବର୍ଷର କାର୍ଯ୍ୟ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ୨ ଗୁରୁତର

ଚୌଦ୍ୱାର,(ସବ୍ୟୁ.): ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଥିବା ଜଣାପଃଡ଼ିଛି । ସୂଚନାଥାଉକି, ସର୍ଦ୍ଦୋଳା ଗ୍ରାମର ମଙ୍ଗୁ ସାହୁ ଓ ଗୋବିନ୍ଦ ସାହୁ ସ୍କୁଟି ଯୋଗେ ମଙ୍ଗୁଳିରୁ ଘରକୁ ଫେରୁଥିବା ସମୟରେ ମଙ୍ଗୁଳି ଛକ ନିକଟରେ ଥିବା ଏକ ଘରୋଇ ନର୍ସିଂ ହୋମ ସମ୍ମୁଖରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିବା ବେଳେ ଯୁବକ ଦୁଇଜଣ ଯୁବକ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ମେଡ଼ିକାଲ ପଠାଇଥିବା ବେଳେ ପୁଲିସ୍ ପକ୍ଷରୁ ତଦନ୍ତ ଜାରି ରହିଛି ।

# ଶ୍ରୀଗୁଣ୍ଡିଚା ମହୋତ୍ସବରେ ବହୁ ପ୍ରତିଭାଧାରୀ ସମ୍ବର୍ଦ୍ଧିତ

କଟକ, (ସ୍ୱପ୍ର) : ସେ ତ ଭକତ ଭାବରେ ବନ୍ଧା, ତାଙ୍କରି ଭାବକୁ ନେଇ ମହାନଦୀବିହାର ସ୍ଥିତ



ମଙ୍ଗଳାମନ୍ଦିର ଛକରେ ଆୟୋଜିତ ହୋଇଛି ଶ୍ରୀଗୁଣ୍ଡିଚା ମହୋତ୍ସବର ସପ୍ତମ ସନ୍ଧ୍ୟା । ମହୋତ୍ସବ କମିଟିର ଆବାହକ ସଞ୍ଜୟ ଜେନା ଓ ହିମାଂଶୁ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ସପ୍ତମ ସନ୍ଧ୍ୟାରେ ସନ୍ଧ୍ୟାରେ ଉଦଘାଟକ ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଭାବରେ କଟକ ମହାନଗର ନିଗମର ଡେପୁଟି କମିଶନର ଅଶୋକ କୁମାର ଲେଙ୍କା, ବିଶିଷ୍ଟ ଅତିଥି କର୍ପୋରେଟର ପ୍ରଳୟା ବେଉରା, ଇଂ ସୁବ୍ରତ ଘଡାଇ, ନଳିନୀ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ନିଶିକାନ୍ତ ମିଶ୍ର, ଅଶୋକ ବେହେରା, ବିମଳ ପାତ୍ର, ସୁଶ୍ରୀ ଇନ୍ଦୁ ଦାସ, ବୀଣାପାଣି ସିଂ, ସ୍ୱର୍ଣ୍ଣପ୍ରଭା ସାମନ୍ତ, କୃଷ୍ଣପ୍ରୀୟା ତ୍ରିପାଠୀ, ଗାୟତ୍ରୀ ଦାସ, ସଂଘମିତ୍ରା ସାମଲ, ଗୀତାଞ୍ଜଳି ଶତପଥୀ, ନୃତ୍ୟଗୁରୁ ପୁଷ୍ପିତା ମହାପାତ୍ର, ନିହାର ରଞ୍ଜନ ଦାସ, ବିଦ୍ୟା ବିଶ୍ୱଜିତା, ଐଶ୍ୱର୍ଯ୍ୟା ଦଳେଇ, ମଧୁସ୍ମିତା ଷଡ଼ଙ୍ଗୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସପ୍ତମ ସନ୍ଧ୍ୟାରେ କଥାବାଚକ ମାନସ ରଞ୍ଜନ ମହାରାଜ ଉପସ୍ଥିତ ଭକ୍ତମଣ୍ଡଳୀଙ୍କୁ ଜଗନ୍ନାଥ କଥାମୃତ ପାନ କରାଇଥିଲେ । ଶ୍ରୀ ଗୁଣ୍ଡିଚା ମହୋତ୍ସବ କମିଟିର ଅଧ୍ୟକ୍ଷ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭଗବାନ୍ ବିଶ୍ୱାଳ, ବରଦା ପ୍ରସାଦ ନାୟକ, ଧନଞ୍ଜୟ ସାବତ, ସରୋଜ ପ୍ରସାଦ ସ୍ୱାଇଁ, ଗୋଲେଖ ଚନ୍ଦ୍ର କାନୁନଗୋଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତ ବୃନ୍ଦ ଉପସ୍ଥିତ ଥିଲେ ।

# ବିଭିନ୍ନ ଜିଲ୍ଲା ପାଇଁ ଷ୍ଟିଅରିଂ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ):ବଲାଙ୍ଗିର, ନବରଙ୍ଗପୁର ଓ ଗଞ୍ଜାମ (ପୂର୍ବ) ସାଙ୍ଗଠନିକ ଜିଲ୍ଲାରେ ଜିଲ୍ଲା ସଂଯୋଜକ ନିଯୁକ୍ତି ହୋଇନଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ୩ଟି ପୃଥକ ଷ୍ଟିଅରିଂ କମିଟି ଗଠନ କରି ସେମାନଙ୍କ ନାମ ଘୋଷଣା କରିଛନ୍ତି । ବଲାଙ୍ଗିର ଜିଲ୍ଲା ଷ୍ଟିଅରି କମିଟିରେ ଅନିଲ ମେହେର-ଆବାହାକ ଭାବେ ରହିଥିବାବେଳେ ସମରେନ୍ଦ୍ର ମିଶ୍ର, ଅଶୋକ ନନ୍ଦ, ରାଧାକାନ୍ତ ନାୟକ, ନରେନ୍ଦ୍ର ମେହେର, ସନ୍ତକ ବହିଦାର ଓ ବିରେନ୍ଦ୍ର ବାଗ ସଦସ୍ୟ ରହିଛନ୍ତି । ଏହା ସହିତ ସନ୍ତୋଷ ସିଂ ସାଲୁଜା, ଅରବିନ୍ଦ ଦାସ, ଗଣେଷ ସାହୁ ଓ ଆକବର ଖାନ୍ ନିମନ୍ତ୍ରିତ ସଦସ୍ୟଭାବେ ରହିଛନ୍ତି । ସେହିପରି ନବରଙ୍ଗପୁର ଜିଲ୍ଲା ଷ୍ଟିଅରିଂ କମିଟିରେ ସଦନ ନାୟକ-ଆବାହକ ଭାବେ ରହିଥିବାବେଳେ ଭୁଜବଳ ମାଝି, ମନୋରଞ୍ଜନ ତ୍ରିପାଠୀ, ସନରାଜ ଗଣ୍ଡ, ଅଖିଳ ଭତ୍ରା, ଦ୍ୱାରିକା ମହାପାତ୍ର, ଲିପିକା ମାଝୀ, ଅର୍ଜୁନ ସମର୍ଥ, ସବଲମ୍ ସାଉଁତା, ଦିଲ୍ଲୀପ ବେହେରା, ମନସା ତ୍ରିପାଠୀ, ଟି ନାଗରନିମ୍, ବୃନ୍ଦାବନ ତ୍ରିପାଠୀ, ବଂଶୀ, ମାଝୀ, ଧରମ ସିଂ ଧଙ୍ଗଡ଼ାମାଝୀ ଓ କ୍ଷମରାଜ ବାଗ୍ ସଦସ୍ୟ ରହିଛନ୍ତି । ଗଞ୍ଜାମ (ପୂର୍ବ) ସାଂଗଠନିକ ଜିଲ୍ଲା ଷ୍ଟିଅରିଂ କମିଟିରେ ଡଃ ତ୍ରିନାଥ ବେହେରା - ଆବାହକ ରହିଥିବା ବେଳେ ରଶ୍ମିରଞ୍ଜନ ପଟ୍ଟନାୟକ-ସହ ଆବାହକ ରହିଛନ୍ତି ଏବଂ ଶାକା ସୁଜିତ କୁମାର, ଗଣପତି ବାରିକ, ଶ୍ୟାମ ସୁନ୍ଦର ସାହୁ ଓ ବିକାଶ ନାୟକ ସଦସ୍ୟ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

# ବିଶିଷ୍ଟ ନାଟ୍ୟବିତ୍ ସ୍ୱର୍ଗତଃ ନାରାୟଣ ପତିଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର: (ସବ୍ୟୁ): ଭୁବନେଶ୍ୱରର ସୁପ୍ରତିଷ୍ଠିତ ନାଟ୍ୟସଂସ୍ଥା ଇଣ୍ଟରନ୍ୟାସନାଲ ଥିଏଟର ଅଫିସ୍ ଗୃହରେ ବିଶିଷ୍ଟ ନାଟ୍ୟବିତ, ନାଟ୍ୟ କଳାକାରଙ୍କ ଉପସ୍ଥିତିରେ ସ୍ୱର୍ଗତଃ ନାରାୟଣ ପତିଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ତାଙ୍କର ସ୍ମୃତି·ରଣ କରି ସ୍ୱର୍ଗତଃ ପତିଙ୍କର ନାଟକ ପ୍ରତି ପ୍ରତିବଦ୍ଧତା ଏବଂ ନାଟ୍ୟ ଅନୁଭୂତି ଉପରେ ଅନେକ ତଥ୍ୟ ପ୍ରକାଶ କରିଥିଲେ । ଆଜି ପିଢ଼ିର ଯୁବ କଳାକାର ତାଙ୍କର ବ୍ୟକ୍ତିତ୍ୱ ଉପରେ ଅନେକ କଥା ଜାଣିବାର ସୁଯୋଗ ପାଇଥିଲେ । ଭୁବନେଶ୍ୱର ଉତ୍କଳ ସଂଗୀତ ମହା ବିଦ୍ୟାଳୟରେ ପ୍ରଥମ ବ୍ୟାଚ ଭାବେ ନାଟକ ବିଭାଗରେ ଯୋଗଦେଇ ନାଟ୍ୟ ଜଗତରେ ପ୍ରବେଶ କରି ପରବର୍ତ୍ତୀ କାଳରେ ଏନ୍‌ଏସ୍‌ଡିରେ ପାଠ ପଢ଼ିବାର ସୁଯୋଗ ପାଇ ନାଟକ ତଥା ଚଳଚ୍ଚିତ୍ର, ଦୂରଦର୍ଶନ ଜଗତରେ ବେଶ୍ ସୁନାମ ଅର୍ଜନ କରିଥିଲେ ସର୍ବଭାରତୀୟ ସ୍ତରରେ ଓଡିଆ ନାଟକକୁ ପ୍ରଥମେ



ପରିବେଷଣ କରି ଏକ ମାଇଲଖୁଣ୍ଟ ସ୍ଥାପନା କରିଥିଲେ । ତାଙ୍କର ସହପାଠୀ (ସଂଗୀତ ମହାବିଦ୍ୟାଳୟର) ତଥା ଇଣ୍ଟରନ୍ୟାସନାଲ ଥିଏଟର ନିର୍ଦ୍ଦେଶକ ମିହିର ମେହେର ପତିଙ୍କର ‘ଇଟ୍’ ସହ ସଂପୃକ୍ତି, ବିଶେଷଭାବେ ମନୋରଂଜନ ଦାସଙ୍କ ଶବ୍ଦଲିପି ନାଟକ (ହିନ୍ଦୀ)ରେ ବିଜୟା ଗୁପ୍ତା, ମିହିର ମେହେର, ଧୀର ମଲ୍ଲିକ, ପ୍ରତାପ ସାମଲ ଆଦିଙ୍କ ସହ ଅଭିନୟ କରି ସମସ୍ତଙ୍କୁ ଆଚମ୍ବିତ କରିଥିଲେ । ତା’ପରେ ତାଙ୍କର ଜୟଯାତ୍ରା ପ୍ରାରମ୍ଭ କରି ବହୁ ପ୍ରଶଂସିତ ହୋଇଥିଲେ । ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ୍‌ର ନିରବ ପ୍ରାର୍ଥନା ସମୂହ ଭାବେ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ପତି, ଅବିନାଶ ଦଣ୍ଡପାଟ, କୁମାର ଶ୍ରୀ ସୁରଜିତ ପ୍ରସାଦ, ଜିତେନ୍ଦ୍ର ପଟ୍ଟନାୟକ, ଦିଲ୍ଲୀପ ଦାଶଶର୍ମା, ମାନସ ପରିଡା, ସୁରେଶ ନାୟକ, ରେଶମା ସାହୁ, ସମୀର ମେହେର, ରଂଜନ ପଟ୍ଟନାୟକ, ହର ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ଏକ ଦଶନ୍ଧିର ପ୍ରଯୁକ୍ତିଗତ ପରିବର୍ତ୍ତନ

ସଶକ୍ତୀକରଣ ସଦାବେଳେ ଉପଲବ୍ଧତାରୁ ହିଁ ଆରମ୍ଭ ହୋଇଥାଏ - ଅଧିକାରର ଉପଲବ୍ଧତା, ସେବାର ଉପଲବ୍ଧତା, ସୁରକ୍ଷାର ଉପଲବ୍ଧତା ଏବଂ ସୁଯୋଗର ଉପଲବ୍ଧତା ଏହାର ଗୋଟିଏ ଗୋଟିଏ ଉଦାହରଣ । ଗତ ଏକ ଦଶନ୍ଧି ମଧ୍ୟରେ ଏଭଳି ଉପଲବ୍ଧତାର ସଂଜ୍ଞା ନିରୂପିତ ହୋଇଛି ଏବଂ ଏକ ସମାବେଶୀ ତଥା ଡିଜିଟାଲ ସମୃଦ୍ଧି ସଶକ୍ତ ଭାରତ ଗଠନ ନିମନ୍ତେ ମୋଦୀ ସରକାରଙ୍କ ପ୍ରତିବଦ୍ଧତାକୁ ଗଣତାନ୍ତ୍ରିକରଣ ମାଧ୍ୟମରେ ପ୍ରମାଣିତ କରିଛି । ଏଭଳି ପରିବର୍ତ୍ତନର ସମ୍ମୁଖ ଭାଗରେ ରହିଛି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ@୨୦୪୭ର ପରିକଳ୍ପନାରେ ପରିଚାଳିତ ହୋଇ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଶୃଙ୍ଖଳିତ ତଥା ସମନ୍ୱିତ ପ୍ରଯୁକ୍ତି ସାଧନର ଉପଯୋଗ କରି ତା'ର ବିଭିନ୍ନ କାର୍ଯ୍ୟକ୍ରମକୁ ନିଷ୍ପାଦନ କରିଆସୁଛି - ଯାହା ଫଳରେ ସମାଜର ଶେଷତମ ସ୍ଥାନରେ ଥିବା ହିତଧାରକଙ୍କ ସୁଦ୍ଧା ତ୍ୱରିତ, ସ୍ୱଚ୍ଛ ଓ ସକ୍ରିୟତାର ସହିତ ସୁଫଳ ପ୍ରାପ୍ତି ସୁନିଶ୍ଚିତ ହୋଇପାରିଛି।

ଆମେ ସଦାବେଳେ କହିଥାଉ, 'ମହିଳାମାନେ ପ୍ରଗତି କଲେ ଭାରତ ପ୍ରଗତି କରିବ ।' ସେଥିପାଇଁ ସଶକ୍ତୀକରଣର ପ୍ରଥମ ପଦକ୍ଷେପ ପହଞ୍ଚଠାରୁ ହିଁ ଆରମ୍ଭ ହୋଇଥାଏ - ଅଧିକାର, ସେବା, ସୁରକ୍ଷା ଏବଂ ସୁଯୋଗ ପର୍ଯ୍ୟନ୍ତ ସାଧାରଣ ନାଗରିକଙ୍କ ପହଞ୍ଚ ।ଆଜି ସେହିଭଳି ପହଞ୍ଚର ଡିଜିଟାଇଜେସନ୍ ହୋଇଛି।

ଏକଦା ଯାହା କେବଳ ଆମର ଆଶା ଓ ଆକାଂକ୍ଷା ବୋଲି ବିବେଚନା କରାଯାଉଥିଲା ଏବେ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଛି । ଏଥିପାଇଁ ଡିଜିଟାଲ ସାଧାରଣ ସଂସାଧନ ରିଅଲ ଟାଇମ୍ ଡାଟା ବ୍ୟବସ୍ଥା ଏବଂ ସମ୍ବେଦନୀ ପ୍ରଶାସନିକ ବ୍ୟବସ୍ଥା ଉପରେ ସରକାରଙ୍କ ଗୁରୁତ୍ୱାରୋପ ଯୋଗୁ ସମ୍ଭବପର ହୋଇପାରିଛି ।

ସେବା, ସୁରକ୍ଷା ଏବଂ ସଶକ୍ତୀକରଣ ଉପରେ ନିରନ୍ତର ଗୁରୁତ୍ୱ ପ୍ରଦାନ ଫଳରେ ମନ୍ତ୍ରଣାଳୟ ପୌଷ୍ଟିକତା, ଶିକ୍ଷା, ଆଇନଗତ ନିରାପତ୍ତା ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣକୁ କେବଳ ସୁଦୃଢ଼ ନୁହେଁ, ସୁନିଶ୍ଚିତ କରିପାରିଛି ଏବଂ ସେସବୁ ମହିଳା ଓ ଶିଶୁମାନଙ୍କୁ ସୁସ୍ଥ ରଖିବା ସହିତ ସେମାନଙ୍କ ଜୀବନକୁ ସୁରକ୍ଷିତ କରିଛି । ପରିଣାମତଃ, ସ୍ୱାଧୀନତାର ଅମୃତ କାଳରେ ସେମାନେ ଦୃଢ଼ ଆତ୍ମବିଶ୍ୱାସର ସହିତ ଅଧୁନା ସାମାଜିକ ପରିବର୍ତ୍ତନର ବାହକ ସାଜିଛନ୍ତି ।

ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯାହା ଯଥାର୍ଥରେ କହିଛନ୍ତି, 'ମୁଁ ପ୍ରଯୁକ୍ତିକୁ ସଶକ୍ତୀକରଣର ଏକ ସାଧନ ରୂପେ ଦେଖୁଛି ଏବଂ ଏହା ଏପରି ଏକ ସାଧନ ଯାହା ଆଶା ଓ ପ୍ରାପ୍ତି (ସୁଯୋଗ) ମଧ୍ୟରେ ଥିବା ବୈଷମ୍ୟକୁ ଦୂର କରିବାକୁ ସକ୍ଷମ।' ଏହି ଭାବନା ହିଁ ଆମର ଏହି ପର୍ଯ୍ୟାନ୍ତରଣରେ ସହାୟକ ହୋଇଛି ଏବଂ ଆମକୁ ମାନବୀୟ ପ୍ରକ୍ରିୟାଠାରୁ ନେଇ ରିଅଲ ଟାଇମ୍ ଡ୍ୟାସବୋର୍ଡ ନିକଟରେ ପହଞ୍ଚାଇଛି । ବିକ୍ଷିପ୍ତ ଯୋଜନାମାନଙ୍କୁ ସମନ୍ୱିତ ମଞ୍ଚରେ ଉପସ୍ଥାପନ କରିଛି ।

ଏଭଳି ରୂପାନ୍ତରଣର ମୁଖ୍ୟ ଆଧାର ହେଉଛି ସକ୍ଷମ ଅଙ୍ଗନୱାଡ଼ି ଉପକ୍ରମ । ଏହା ଅଧୀନରେ ସାରା ଭାରତରେ ୨ ଲକ୍ଷରୁ ଅଧିକ ଅଙ୍ଗନୱାଡ଼ି କେନ୍ଦ୍ରର ଆଧୁନିକୀକରଣ ଓ ସଶକ୍ତ କରାଯିବାର ଡିଜାଇନ୍ ପ୍ରସ୍ତୁତ କରାଯାଇଛି । ଏହା ପରବର୍ତ୍ତୀ ପିଢ଼ିର ପ୍ରାକ୍ ଶୈଶବାବସ୍ଥାରେ ଯତ୍ନ ଓ ବିକାଶକୁ ପ୍ରତିନିଧିତ୍ୱ କରେ। ଏହିସବୁ କେନ୍ଦ୍ରଗୁଡ଼ିକୁ ସ୍ମାର୍ଟ ସଂସାଧନ, ଡିଜିଟାଲ ଡିଭାଇସ୍ (ଉପକରଣ) ଏବଂ ନବାଚାର ଶୈକ୍ଷିକ ସାଧନ (ଉପକରଣ) - ଯାହା ଫଳରେ ଅତି ସକ୍ରିୟତାର ସହିତ ପୌଷ୍ଟିକତା, ସ୍ୱାସ୍ଥ୍ୟସେବା ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ସେବା ଆଦି ଯୋଗାଇ ଦିଆଯାଇପାରିବ ।

ସାରା ଦେଶରେ ଏଭଳି ସମନ୍ୱିତ ସେବାକୁ ୧୪ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କ ମାଧ୍ୟମରେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ସେଥିରେ ଥିବା ପୋଷଣ ଟ୍ରାକର ମାଧ୍ୟମରେ ରିଅଲ୍ ଟାଇମ୍ ଆଧାରରେ ଡାଟା ଏଣ୍ଟ୍ରି, କାର୍ଯ୍ୟକ୍ରମ ମନିଟରିଂ ଏବଂ ପ୍ରମାଣ ଆଧାରିତ ନୀତିଗତ ହସ୍ତକ୍ଷେପ ସମ୍ଭବପର ହୋଇପାରିଛି । ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସ୍ମାର୍ଟ ଫୋନ୍ ଯୋଗାଇ ଦିଆଯାଇ ସେମାନଙ୍କୁ ଏଥିରେ ବ୍ୟାପକ ମାତ୍ରାରେ ତାଲିମ ପ୍ରଦାନ କରାଯାଇଛି । ଏହା ଫଳରେ ଏଭଳି ଉପକ୍ରମ ସମାଜର ଶେଷତମ ଧାଡ଼ିରେ ଥିବା ଲୋକମାନଙ୍କୁ ଗୁଣାତ୍ମକ ସେବା ଯୋଗାଣକୁ ସୁନିଶ୍ଚିତ କରିଛି । ପୂର୍ବରୁ କାଗଜ କଲମ ଧରି କରାଯାଉଥିବା ଲିଖନରେ ଏହା ଆମୂଳଚୂଳ ପରିବର୍ତ୍ତନ ଘଟାଇଛି । ଏହା ଫଳରେ ୨୦୧୪ ମସିହା ପୂର୍ବରୁ ଡାଟା ବ୍ଲାଇଣ୍ଡ ସ୍ପଟ୍ ସମ୍ପୂର୍ଣ୍ଣ ରୂପେ ଦୂର ହୋଇପାରିଛି ।

ମାତ୍ର ଏକ ଦଶନ୍ଧି ପୂର୍ବରୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ (ଆଇ.ସି.ଡି.ଏସ.) ବ୍ୟବସ୍ଥା ବିକ୍ଷିପ୍ତ ଡାଟା, ପ୍ରଦର୍ଶିତ ପ୍ରତିକ୍ରିୟା ଏବଂ ରିଅଲ ଟାଇମ୍ ଟ୍ରାକିଂ ସୁବିଧା ଅଭାବରୁ ଏକ ପ୍ରକାର ଦୁର୍ବଳ ଅବସ୍ଥା ମଧ୍ୟରେ ଥିଲା । ପୋଷଣ ଟ୍ରାକର ଏହି ଦୃଶ୍ୟପଟ୍ଟରେ ବ୍ୟାପକ ପରିବର୍ତ୍ତନ ଘଟାଇଛି ଯାହା ଫଳରେ ଏକ ସଂକ୍ଷିପ୍ତ, ସକ୍ରିୟ ଓ ଉତ୍ତରଦାୟୀ ପୌଷ୍ଟିକ ଆହାର ବଣ୍ଟନ ସେବା ସୁନିଶ୍ଚିତ ହୋଇପାରିଛି ।

ଏହି କାର୍ଯ୍ୟକ୍ରମ ୧୦.୧୪ କୋଟିରୁ ଅଧିକ ହିତାଧିକାରୀ ଯେଉଁମାନଙ୍କ ମଧ୍ୟରେ ଗର୍ଭବତୀ ମହିଳା, ସ୍ତନ୍ୟପାନକାରୀ ମାତା, ଛଅ ବର୍ଷ ଆୟୁସୀମା ବର୍ଗର ଶିଶୁ ଏବଂ କିଶୋରୀମାନେ ସାମିଲ, ସେମାନେ ବର୍ତ୍ତମାନ ଏହି ପ୍ଲାଟଫର୍ମରେ ନିଜ ନାମ ଦରଜ କରିଛନ୍ତି । ବିକାଶ ପ୍ରକ୍ରିୟା ମନିଟରିଂ ଏବଂ ଅତିରିକ୍ତ ପୌଷ୍ଟିକ ଆହାର ଯୋଗାଣର ରିଅଲ୍ ଟାଇମ୍ ଡାଟା ପ୍ରାପ୍ତି ଯୋଗୁ ସମୟୋଚିତ ଭାବରେ ଏଥିରେ ହସ୍ତକ୍ଷେପ କରିବା ସମ୍ଭବପର ହୋଇପାରୁଛି ଏବଂ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣରେ ମଧ୍ୟ ଏହା ସହାୟକ ହେଉଛି । ଏହାର ମୂଳରେ ରହିଛି ପୋଷଣ ଟ୍ରାକର ଯାହା 'ସୁସ୍ଥ ଭାରତ, ସୁପୋଷିତ ଭାରତ'ର



ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ
ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଭାରତ ସରକାର

ରାଷ୍ଟ୍ରୀୟ ପରିକଳ୍ପନାକୁ ଆଗକୁ ଆଗେଇ ନେଇଛି । ଏଥି ସହିତ ଏହା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ସଂଜ୍ଞା ମଧ୍ୟ ପୁନଃ ନିର୍ଦ୍ଧାରଣ କରିଛି ଏବଂ ସେଗୁଡ଼ିକୁ ଡିଜିଟାଲ ସଶକ୍ତ ଗୋଷ୍ଠୀ ପେଣ୍ଠସ୍ଥଳୀରେ ରୂପାନ୍ତରୀତ କରିଛି । ଏହା ସହରାଞ୍ଚଳ- ଗ୍ରାମାଞ୍ଚଳ ବିଭାଜନକୁ ମଧ୍ୟ ହ୍ରାସ କରିଛି ।

ପ୍ରଧାନମନ୍ତ୍ରୀଙ୍କ ଜନ ପ୍ରଶାସନ ଉତ୍କର୍ଷ ପୁରସ୍କାର (୨୦୨୫) ଭାବରେ ସ୍ୱୀକୃତ ହୋଇ ଏହି ପ୍ଲାଟଫର୍ମ ମଧ୍ୟ 'ପୋଷଣ ବି, ପାଠପଢ଼ା ବି'କୁ ସମର୍ଥନ ଜଣାଉଛି । ଏହା ବ୍ୟତୀତ ଏହା ପ୍ରାକ୍ ଶୈଶବ ଶିକ୍ଷା- ବିକଶିତ ଭାରତର ଅମୃତ କାଳରେ ସାମଗ୍ରିକ ଯତ୍ନର ବ୍ୟବସ୍ଥା ନିମନ୍ତେ ଏହା ଅଙ୍ଗନୱାଡ଼ି କର୍ମୀମାନଙ୍କ ପାଇଁ ଡିଜିଟାଲ ତାଲିମ ମଡ୍ୟୁଲ ଯୋଗାଉଛି ।

ଏହି ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା ଏବଂ ଅତିରିକ୍ତ ପୌଷ୍ଟିକ କାର୍ଯ୍ୟକ୍ରମ (ଏସ.ଏନ.ପି) ରେ ହେଉଥିବା ବାଟମାରଣାକୁ ରୋକିବା ନିମନ୍ତେ ଏକ ମୁହଁ ଚିହ୍ନଟ ବ୍ୟବସ୍ଥା (ଫେସିଆଲ ରେକଗନିସନ୍ ସିଷ୍ଟମ) ପ୍ରବର୍ତ୍ତନ କରାଯାଇଛି । ଏହା ସୁନିଶ୍ଚିତ କରେ ଯେ କେବଳ ଯୋଗ୍ୟ ହିତଧାରକମାନେ ହିଁ ପୌଷ୍ଟିକ ସହାୟତା ପାଇବା ଉଚିତ ଏବଂ ସେଥି ନିମନ୍ତେ ଯୋଗାଣ ବ୍ୟବସ୍ଥାକୁ ଏକ ସୁରକ୍ଷିତ, ଶୁଦ୍ଧ ଏବଂ ମର୍ଯ୍ୟାଦାବନ୍ତ ପ୍ରକ୍ରିୟାରେ ପରିଣତ କରାଯାଇ ପାରିବ ।

ପୌଷ୍ଟିକତା ବ୍ୟତୀତ ଏକ ପ୍ରଯୁକ୍ତି ନେତୃତ୍ୱାଧୀନ ପ୍ଲାଟଫର୍ମ ଜରିଆରେ ମହିଳାମାନଙ୍କୁ ମନ୍ତ୍ରଣାଳୟ ନିରାପତ୍ତା ଓ ସମର୍ଥନ ସୁନିଶ୍ଚିତ କରେ । SHe-Box ପୋର୍ଟାଲ ପ୍ରତ୍ୟେକ ମହିଳାଙ୍କୁ ତା'ର ନିଯୁକ୍ତି ସ୍ଥିତି ନିର୍ବିଶେଷରେ ସେ ସଂଗଠିତ ଅବା ଅସଂଗଠିତ, ଘରୋଇ କିମ୍ବା ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥାଆନ୍ତୁ ନା କାହିଁକି – ସେମାନଙ୍କୁ "ପୋଷ ଆକ୍ଟ" ଜରିଆରେ ଅଭିଯୋଗ ଦରଜ କରିବାର ସୁଯୋଗ ପ୍ରଦାନ କରିଥାଏ । ଫଳରେ ଅନଲାଇନ୍ ମାଧ୍ୟମରେ ଏହାର ସମାଧାନ ଓ ଟ୍ରାକିଂ କରାଯାଇ ପାରିଥାଏ । ଇତି ମଧ୍ୟରେ ମିଶନ ଶକ୍ତି ଡ୍ୟାସବୋର୍ଡ ଓ ମୋବାଇଲ୍ ଆପ୍ ଦୁର୍ଗତ ମହିଳାମାନଙ୍କୁ ସମନ୍ୱିତ ଭାବରେ ସହାୟତା ଯୋଗାଇ ଦେଉଛି – ସେମାନଙ୍କୁ ନିକଟବର୍ତ୍ତୀ ୱାନ୍ ଷ୍ଟପ୍ କେନ୍ଦ୍ର ସହିତ ସଂଯୁକ୍ତ କରିପାରୁଛି । ଏଭଳି ୱାନ୍ ଷ୍ଟପ୍ କେନ୍ଦ୍ର ବର୍ତ୍ତମାନ ଦେଶର ପ୍ରାୟ ପ୍ରତି ଜିଲ୍ଲାରେ କାର୍ଯ୍ୟ କରୁଛି । ଏଭଳି ହସ୍ତକ୍ଷେପ ସୂଚୀତ କରେ – କେବଳ ସକ୍ରିୟତା ପାଇଁ ନୁହେଁ, ବରଂ ନ୍ୟାୟ, ଗରିମା ରକ୍ଷା ଏବଂ ସଶକ୍ତୀକରଣ ନିମନ୍ତେ ପ୍ରଯୁକ୍ତି କିପରି ଭାବରେ କାର୍ଯ୍ୟ କରୁଛି, ସେସବୁର ଗୋଟିଏ ଗୋଟିଏ ବାସ୍ତବ ଉଦାହରଣ ।

ମାତ୍ର ଏକ ଦଶନ୍ଧି ପୂର୍ବରୁ ପ୍ରସବକାଳୀନ ସୁବିଧା ସୁଯୋଗ ମନିଟର କରିବା ବେଶ୍ କଷ୍ଟସାଧ୍ୟ ଥିଲା । ଏଥିରେ ଢେର୍ ବିଳମ୍ବ ମଧ୍ୟ ଘଟୁଥିଲା । ବର୍ତ୍ତମାନ ମୋଦୀ ସରକାର "ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (ପି.ଏମ.ଏମ.ଭି.ୱାଇ.) କୁ କାର୍ଯ୍ୟକ୍ଷମ କରିଛନ୍ତି ଯାହାକି ମହିଳାମାନଙ୍କୁ ପ୍ରସବକାଳୀନ ସୁବିଧା ସୁଯୋଗ ପ୍ରଦାନ କ୍ଷେତ୍ରରେ ଏକ ପଟ୍ଟ ପରିବର୍ତ୍ତନକାରୀ ବ୍ୟବସ୍ଥାରେ ପରିଣତ ହୋଇଛି । ପି.ଏମ.ଏମ.ଭି.ୱାଇ. ନିୟମାବଳୀ ୨୦୨୨ ଅନୁସାରେ ଗର୍ଭବତୀ ମହିଳାମାନେ ସେମାନଙ୍କର ପ୍ରଥମ ଶିଶୁ ପାଇଁ ୫,୦୦୦ ଟଙ୍କା ପାଇବେ । 'ମିଶନ ଶକ୍ତି' ଅଧୀନରେ ଯଦି ସେହି ମହିଳାଙ୍କୁ ଦ୍ୱିତୀୟ ସନ୍ତାନଟି କନ୍ୟା ହୁଏ ତେବେ ଏହି ରାଶିକୁ ୬,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି- ଯାହାକି କନ୍ୟା ସନ୍ତାନମାନଙ୍କ ପାଇଁ ଏକ ସକାରାତ୍ମକ ଭାବନାକୁ ପ୍ରୋତ୍ସାହିତ କରୁଛି । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ ବ୍ୟବସ୍ଥା (ଡି.ବି.ଟି.) ମାଧ୍ୟମରେ ଏହି ସୁବିଧା ଯୋଗାଇ ଦିଆଯାଉଛି ଏବଂ ରୂପାୟନ ହେବା ଦିନଠାରୁ ଅଦ୍ୟାବଧି ଏହା ମାଧ୍ୟମରେ ୪ କୋଟିରୁ ଅଧିକ ମହିଳା ହିତଧାରକଙ୍କୁ ୧୯,୦୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇ ସାରିଛି ।

ପି.ଏମ,ଏମ.ଭି.ୱାଇ. ସମ୍ପୂର୍ଣ୍ଣ ରୂପେ ଏକ ଡିଜିଟାଲ କାର୍ଯ୍ୟକ୍ରମ - ଯାହା ଆଧାର ଭିତ୍ତିକ ପ୍ରମାଣନ, ମୋବାଇଲ୍ ଭିତ୍ତିକ ପଞ୍ଜୀକରଣ, ଅଙ୍ଗନୱାଡ଼ି/ଆଶାକର୍ମୀମାନଙ୍କ ଠାରୁ ନିଜ ଦ୍ୱାରଦେଶରେ ସହାୟତା ପ୍ରାପ୍ତି ଏବଂ ରିଅଲ ଟାଇମ୍ ଡ୍ୟାସବୋର୍ଡକୁ ସହାୟକ ହୋଇଛି । ଅପର ପକ୍ଷରେ ଅଭିଯୋଗ ନିରାକରଣ ନିମନ୍ତେ ଏହା ଏକ ସମର୍ପିତ ମଡ୍ୟୁଲ ଏବଂ ନାଗରିକ ଅଭିମୁଖୀ ପୋର୍ଟାଲ ଯାହା ସ୍ୱଚ୍ଛତା, ଆସ୍ଥା ଏବଂ ଉତ୍ତର ଦାୟିତ୍ୱକୁ ସୁନିଶ୍ଚିତ କରେ – ଏହା 'ବେଟୀ ବଚାଓ, ବେଟୀ ପଢ଼ାଓ' କାର୍ଯ୍ୟକ୍ରମ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ମଧ୍ୟ ସାମର୍ଥ୍ୟ ଯୋଗାଏ ।

ଏହିସବୁ ଲକ୍ଷ୍ୟ ନିର୍ଦ୍ଧାରିତ ପ୍ରୟାସରୁ ପର୍ଯ୍ୟାପ୍ତ ଲକ୍ଷ୍ୟଣୀୟ ସୁଫଳ ପ୍ରାପ୍ତ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଦ୍ୟତମ ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା (ଏସ.ଏମ.ଆଇ.ଏସ.) ର ରିପୋର୍ଟରେ ଦର୍ଶାଯାଇଛି ଯେ ଜନ୍ମ ସମୟରେ ଲିଙ୍ଗଗତ ଅନୁବାଦ ଯାହା ୨୦୧୪-୧୫ ମସିହାରେ ପ୍ରତି ୧୦୦୦ରେ ୯୧୮ ଥିଲା ; ତାହା ୨୦୨୩-୨୪ରେ ୯୩୦କୁ ବୃଦ୍ଧି ପାଇଛି, ଯେଉଁଥିରେ ମୋଟ ସକାରାତ୍ମକ ୧୨ ପଏଣ୍ଟର ପରିବର୍ତ୍ତନ ଘଟିଛି । ୨୦୧୪-୧୬ ମସିହାରେ ପ୍ରତି ୧୦୦୦ ପ୍ରସବ ଘଟଣାରେ ୧୩୦ ଜଣଙ୍କ ମହିଳାଙ୍କ ମୃତ୍ୟୁ ଘଟୁଥିବା ବେଳେ ୨୦୧୮-୨୦ ମସିହାରେ ସେଥିରେ ଉନ୍ନତି ଘଟି ବର୍ତ୍ତମାନ ତାହା ୯୭ ହୋଇଛି ଯାହାକି ବିଗତ ଏକ ଦଶନ୍ଧି ମଧ୍ୟରେ ସରକାରଙ୍କ କ୍ରମାଗତ ପ୍ରୟାସ ଫଳରେ ଏଭଳି ସଫଳତା ହାସଲ କରାଯାଇ ପାରିଛି।

ପ୍ରତ୍ୟେକ ଶିଶୁ ନିରାପଦ ପରିବେଶରେ ବଢ଼ିବା, ଲାଳନପାଳନ ହେବା, ନିରାପଦ ଭାବରେ ଜୀବନ ବଂଚିବା ଦରକାର । ନିକଟ ଅତୀତରେ, ଡିଜିଟାଲ ପରିବର୍ତ୍ତନ ଶିଶୁ ସୁରକ୍ଷା ଏବଂ କଲ୍ୟାଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବାଳ ଅପରାଧ ଆଇନ ଅଧୀନରେ, ମନ୍ତ୍ରଣାଳୟ ପକ୍ଷରୁ ପୋଷ୍ୟ ସନ୍ତାନ ଅଧିଗ୍ରହଣ ବ୍ୟବସ୍ଥାକୁ 'କେୟାରିଂ' ପୋର୍ଟାଲ ମାଧ୍ୟମରେ ସୁଦୃଢ଼ କରାଯାଇଛି । ଏହି ଡିଜିଟାଲ ଇଣ୍ଟରଫେସ୍ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପହଞ୍ଚଯୋଗ୍ୟ ଏବଂ ସକ୍ରିୟ କରିପାରିଛି ।

ଡିଜିଟାଇଜେସନ୍ ମଧ୍ୟ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ମନିଟରକୁ ଉନ୍ନତ କରିଛି ଯାହା ଫଳରେ ଯତ୍ନ ନେବା ଏବଂ ବାଧ୍ୟତାମୂଳକ ସହାୟତା ବିଧିକୁ ଜେଜେ ଆଇନ ଅଧିନରେ ସୁସଙ୍ଗତ କରିଛି । ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ.ସି.ପି.ସି.ଆର.) ଦ୍ୱାରା ବିକାଶ ଘଟାଯାଇଥିବା ପ୍ଲାଟଫର୍ମ ସକ୍ରିୟ ଭାବରେ ଶିଶୁମାନଙ୍କ ଅଧିକାର ଉଲ୍ଲଙ୍ଘନକୁ ଟ୍ରାକିଂ କରିପାରୁଛି । ଇତି ମଧ୍ୟରେ ମିଶନ୍ ବାତ୍ସଲ୍ୟ ଡ୍ୟାସବୋର୍ଡ ବିଭିନ୍ନ ଶିଶୁ କଲ୍ୟାଣ ହିତଧାରକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଇଛି ।

ଏହା ନୂତନ ଭାରତ – ଯେଉଁଠାରେ ସୁଶାସନ ପ୍ରଯୁକ୍ତି ସହିତ ମିଶି କାର୍ଯ୍ୟ କରୁଛି ଏବଂ ଯେଉଁଠାରେ ନୀତି ସହିତ ଲକ୍ଷ୍ୟର ମିଶ୍ରଣ ଘଟିଛି । ଗତ ଏକ ଦଶନ୍ଧି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ କେବଳ ଡିଜିଟାଲ ପରିବର୍ତ୍ତନ ଆଣିନାହିଁ ଏହାକୁ ଆଗକୁ ଆଗେଇ ନେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

ଆମେ ଆଜି ଯେତେବେଳେ ଅମୃତ କାଳରେ ଆଗକୁ ଅଗ୍ରସର ହେଉଛୁ, ସେତେବେଳେ ମନ୍ତ୍ରଣାଳୟ ତା'ର ଅଗ୍ରଣୀ ଭୂମିକାକୁ ଜାରି ରଖିବ ଏବଂ ଦେଶର ପ୍ରତ୍ୟେକ ମହିଳା ଏବଂ ପ୍ରତି ଶିଶୁ ଯେଭଳି ରାଷ୍ଟ୍ର ନିର୍ମାଣ ପାଇଁ ସକ୍ଷମ ହୋଇପାରିବ ତାହା ସୁନିଶ୍ଚିତ କରାଯିବ । ପ୍ରଯୁକ୍ତି ମାଧ୍ୟମରେ ଏକ ସ୍ୱଚ୍ଛ ଏବଂ ଲକ୍ଷ୍ୟ ବିନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ମଧ୍ୟ ଗ୍ରହଣ କରାଯିବ । ଆମେ ଏଭଳି ଏକ ଭବିଷ୍ୟତ ଗଠନରେ ବ୍ରତୀ ଯେଉଁଠାରେ ସଶକ୍ତୀକରଣ କେବଳ ଏକ ସ୍ଲୋଗାନ ନୁହେଁ – ବରଂ ଏହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ଏକ ଜୀବନ୍ତ ବାସ୍ତବତା ।

*******

# ବନଭୂମି କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ଚାଷୀମାନଙ୍କୁ ଧାନ ବିହନ ବଣ୍ଟନ



ବାରିପଦା, (ସବ୍ୟୁ) : ଶାମାଖୁଣ୍ଟା ବନଭୂମି କୃଷକ ଉତ୍ପାଦକ ସଂଗଠନ ପକ୍ଷରୁ ଆନ୍ତଃର୍ଜାତିକ ଧାନ ଗବେଷଣା କେନ୍ଦ୍ରରୁ ଆସିଥିବା ଧାନ ବିହନ ଚାଷୀମାନଙ୍କୁ ବଣ୍ଟନ କରାଯାଇଛି । ଏହି ବଣ୍ଟନ କାର୍ଯ୍ୟକ୍ରମରେ ଗୃହ ନଗର ଓ ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଧାନ ବସ୍ତାରୁ ଧାନ ତଦାରଖ କରି ଦେଖିବା ସହ ଚାଷୀମାନଙ୍କୁ ଧାନ ବିହନ ବଣ୍ଟନ କରିଥିଲେ ଏବଂ ଆନ୍ତଃର୍ଜାତିକ ଧାନ ଗବେଷଣା କେନ୍ଦ୍ରରୁ ଆସିଥିବା ଲୌହସାର ଓ ପୃଷ୍ଟିସାର ଯୁକ୍ତ ଧାନ ବିହନର ଉପକାରିତା ସୁସ୍ଥ ଓ ନିରୋଗ ରହିବା ସମ୍ପର୍କରେ ଚାଷୀମାନଙ୍କୁ କହିବା ସହ ଏହି ଧାନ ଚାଷ କରିବାକୁ ଉତ୍ସାହିତ କରିଥିଲେ ଏବଂ ଆଗାମୀ ଦିନରେ ଜିଲ୍ଲା ସାରା ବିଭିନ୍ନ ପ୍ରକାରର କୃଷି ଓ ଗୋପାଳନ ପାଇଁ ଉନ୍ନତମାନର ଦେଶୀଗାଈ ଯୋଗାଇ ଦିଆଯିବ ବୋଲି ମଧ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଜେପି ଜିଲ୍ଲା ସଭାପତି କାନ୍ହା ସୋରେନ୍, ସଂଗଠନର ପରିଚାଳନା ନିର୍ଦ୍ଦେଶକ ଗତିକ୍ରିଷ୍ଣ ତିଓ୍ୱାର, ଆନ୍ତଃର୍ଜାତିକ ଧାନ ଗବେଷଣା କେନ୍ଦ୍ରର ଆଶିଷ ମହାପାତ୍ର, ବନଭୂମି କୃଷକ ସଂଗଠଣର ଡାଃ ମାନଗୋବିନ୍ଦ ସେନାପତି, ବିଷ୍ଣୁ ଚରଣ ମହାନ୍ତ, ଯତୀନ୍ଦ୍ର ମହାନ୍ତ ଓ ସ୍ଥାନୀୟ କୃଷକ ଚିତ୍ତରଞ୍ଜନ ମହାନ୍ତ ପ୍ରମୁଖଙ୍କ ଉପସ୍ଥିତରେ ଅନିରୁଦ୍ଧ ଦତ୍ତ, ଗଜେନ୍ଦ୍ର ମହାନ୍ତ, ଅଷ୍ଟମୀ ମହାନ୍ତ, ଲିପିକା ଦେହୁରୀ, ସୁନୀଲ ମହାନ୍ତ, କୁନି ମହାନ୍ତ, ସନ୍ଧ୍ୟାରାଣୀ ମହାନ୍ତ, ଫୁଲମଣୀ ମହାନ୍ତ, ଆଲୋମଣୀ ଟୁଡୁ ଓ ସାରଥୀ ମହାନ୍ତିଙ୍କୁ ଧାନ ବିହନ ବଣ୍ଟନ କରିଥିଲେ ।



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ (ଫଟୋ: ସୌମ୍ୟରଞ୍ଜନ ପଟ୍ଟନାୟକ)

# ମହାନଗର ନିଗମ ଆୟୁକ୍ତଙ୍କ ସହ ସହର ତଳି କ୍ରିୟାନୁଷ୍ଠାନ କମିଟିର ଆଲୋଚନା

ବ୍ରହ୍ମପୁର, (ସବ୍ୟୁ): ଆଜି ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମର ନୂତନ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜେଶିରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ମହାନଗର ନିଗମରେ ସହର ତଳି ଅଞ୍ଚଳ ମିଶ୍ରଣ ନେଇ ଆଲୋଚନା କରିଥିଲେ । ୧୮ ଟି ପଞ୍ଚାୟତ ପରିବର୍ତ୍ତେ ଚାରୋଟି ଗ୍ରାମ ବିଏମସିରେ ମିଶ୍ରଣ ନେଇ ସୁପାରିଶ କରାଯାଇଛି। ସେନେଇ ଜାଣିବାକୁ ଚାହିଁଥିଲେ । ରାଜ୍ୟ ସରକାର ଏ ସଂକ୍ରାନ୍ତରେ ଏନଓସି ମାଗିଥିଲେ । ଏହି ଚାରୋଟି ଗ୍ରାମ ଆଗରୁ ରେଜୁଲେସନ ଦେଇସାରିଥିଲେ। ସେମାନଙ୍କ ମିଶ୍ରଣ ନେଇ ସମସ୍ତ ପକ୍ରିୟା ସରିଯାଇଥିବା ହେତୁ ବିଏମସି ତରଫାରୁ ସୁପାରିଶ କରାଗଲା । ବାକି ରହିଥିବା ୧୪ ଟି ପଞ୍ଚାୟତ ସମ୍ପର୍କରେ ଜିଲ୍ଲାପାଳ ରେକୋମେଣ୍ଡସନ କରିବେ । ଖୁବ୍‌ଶୀଘ୍ର ସମସ୍ତ ପଞ୍ଚାୟତର ମିଶ୍ରଣ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବାକୁ ଯାଉଥିବା ସେ ପ୍ରକାଶ କରିଥିଲେ । ପଞ୍ଚାୟତ ମାନଙ୍କ ଠାରୁ ଇଚ୍ଛା ସଂକଳ୍ପ ପତ୍ରକୁ ନୂତନ କମିଶନରଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଥିଲା । ଆଗମୀ କାଉନସିଲ ବୈଠକ ଏଜେଣ୍ଡାରେ ଏହାକୁ ସାମିଲ କରାଯିବକୁ କମିଟିର ପ୍ରସ୍ତାବକୁ ସେ ସମ୍ମତି ଜଣାଇଥିଲେ ।

ସେହିଭଳ କମିଶନରଙ୍କ ସହ ଆଲୋଚନା ସମୟରେ ଟାଓ୍ୱାର ଲାଇନ ରାସ୍ତା କାମ ଓ ଉକ୍ତ ରାସ୍ତା ପରିଦର୍ଶନ କରିବା ନେଇ କମିଶନରଙ୍କୁ ଅନୁରୋଧ କରଯାଇଥିଲା । ଖୁବ୍‌ଶୀଘ୍ର ସେ ପରିଦର୍ଶନରେ ଯିବେ ବୋଲି କହିଥିଲେ । ସେହିପରି ବୈକୁ= ନଗର ସ୍ଥିତ ସ୍ପୋର୍ଟସ ଏରେନା ଠାରୁ ବ୍ରଜନଗର ଦେଇ ଜ୍ୟୋତିନଗର ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଡ୍ରେନ ବିଷୟ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା । ବର୍ଷା ଦିନ ଚାଲିଥିବାରୁ ସେପେଟମ୍ବର ମାସରେ ଡ୍ରେନ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଆଜିର ପ୍ରତିନିଧିମଣ୍ଡଳୀରେ ସଭାପତି ସଞ୍ଜିବ କୁମାର ପଟ୍ଟନାୟକଙ୍କ ସମେତ ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଟି ସୁଦେଶ ପାତ୍ର ପ୍ରମୁଖ ସାମିଲ ଥିଲେ ।

# କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ୯ରେ ସର୍ବଭାରତୀୟ ଧର୍ମଘଟ

ବାରିପଦା, (ସବ୍ୟୁ) : ଭାରତର ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ଆସନ୍ତା ୯ ତାରିଖ ବୁଧବାର ଦିନ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଡାକରା ଦିଆଯାଇଛି । କେନ୍ଦ୍ର ସରକାରର ଖାମଖିଆଲି ଓ ବେପରୁଆ ମନୋଭାବ ଦେଶର ସମସ୍ତ ଶ୍ରମିକ, କୃଷକ, କର୍ମଚାରୀ ଓ ସାଧାରଣ ମଣିଷକୁ ଧର୍ମଘଟକୁ ଟାଣି ନେଉଛି । ଦରଦାମ ବୃଦ୍ଧିର ନିୟନ୍ତ୍ରଣ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ । ପୁଞ୍ଜିପତି ତୋଷଣ ନୀତି ଆପଣାଇବା ଦ୍ୱାରା ଶ୍ରମଜୀବୀ ଜନଗଣ ଘୋର ସଂକଟରେ । ସାଧାରଣ ମଣିଷ ସୁରକ୍ଷିତ ନୁହେଁ । ଦରଦାମ ବୃଦ୍ଧି ନିୟନ୍ତ୍ରଣ, ଶ୍ରମିକ ବିରୋଧୀ ୪ ଶ୍ରମ କୋଡ଼ ବାତିଲ, ଚାଷୀର ଏମ୍‌ଏସ୍‌ପିକୁ ଆଇନ୍ ମାନ୍ୟତା, ଇପିଏଫ ପେନସନ




ମାସିକ ୯ ହଜାର ଟଙ୍କା ପ୍ରଦାନ, ସ୍କିମ ଓ୍ୱାର୍କର ମାନଙ୍କୁ ଶ୍ରମିକର ମାନ୍ୟତା ସହ ମାସିକ ୨୬ ହଜାର ଟଙ୍କା ପ୍ରଦାନ, ପୁରୁଣା ପେନସନ ଯୋଜନା ଚାଲୁ କରିବା ଇତ୍ୟାଦି ୧୭ ଦଫା ଦାବି ନେଇ ଆଗାମୀ ୯ ଜୁଲାଇ ଦେଶବ୍ୟାପୀ ସାଧାରଣ ଧର୍ମଘଟର ସଫଳତା ପାଇଁ ଆଜି ବାରିପଦା ହାଟରେ ପ୍ରଚାର ପ୍ରସାର ଅଭିଯାନ କରାଯାଇଛି । ଏଥିରେ ଏଆଇଟିୟୁସି ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ନିର୍ମାଣ ଶ୍ରମିକ ନେତା କାହ୍ନୁଚରଣ ବେହେରା, ପ୍ରତାପ ଚନ୍ଦ୍ର ପାତ୍ର, ମହେଶ୍ୱର ବେହେରା, ସର୍ବେଶ୍ୱର ମହାନ୍ତ, ସୁଶିଲ ନାଏକ ଓ ସେକ ସଲାଉଦିନ ପ୍ରମୁଖ ସାମିଲ ଥିଲେ ।

# ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗୋସାଇଁନୂଆଗାଁର ଟିଟୁ ଦାସ(୨୪)। ସୂଚନାପ୍ରକାରେ, ଏପ୍ରିଲ ୧୬ ତାରିଖରେ ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ସେହିକ୍ରମରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ନାବାଳିକାଙ୍କୁ ଅପହରଣ ପରେ ଅଭିଯୁକ୍ତ ଟିଟୁ ତାଙ୍କୁ ଧରି ଆନ୍ଧ୍ରପ୍ରଦେଶର ବିଜୟାଓ୍ୱାଡା ଚାଲି ଯାଇଥିଲେ। ପୁଲିସ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ମିଳିନଥିଲା। ପୁଲିସ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରୁଥିଲା। କିଛି ଦିନ ତଳେ ଅଭିଯୁକ୍ତ ଟିଟୁ ବ୍ରହ୍ମପୁର ସ୍ଥିତ ନଜ ଘରକୁ ଆସିଥିବା ଜଣାପଡିବା ପରେ ପୁଲିସ ତାଙ୍କ ଘରେ ଚଢଉ କରିଥିଲା। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଟିଟୁଙ୍କୁ କାବୁ କରାଯାଇଥିଲା। ଆଜି ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିଲା। ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ବାଳାଶ୍ରମରେ ରଖାଯାଇଛି। ସେହିପରି ଅଭିଯୁକ୍ତ ଟିଟୁଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଛି।

# ଯୁବତୀଙ୍କୁ ବଳାତ୍କାର , ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବତୀଙ୍କୁ ବନ୍ଧୁକ ଦେଖାଇ ବାରମ୍ବାର ବଳାତ୍କାର ହୋଇଥିବା ନେଇ ବଡବଜାର ଥାନାରେ ଅଭିଯୋଗରେ ହୋଇଥିଲା । ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଲକ୍ଷ୍ମୀନୃସିଂହ ସାହି ୨ୟ ଲାଇନର ପି. ସୁନୀଲ ଆଚାରୀ(୩୦) । ଗୁରୁବାର ଉଭୟ ପିଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରାଯାଇଛି ।

ଅଭିଯୁକ୍ତ ସୁନୀଲଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ବଡବଜାର ଅଞ୍ଚଳରେ ମିଶ୍ଚର ଓ ଦାନ୍ତିକିଲି ବ୍ୟବସାୟ କରୁଥିବା ଅଭିଯୁକ୍ତ ସୁନୀଲ ପୂର୍ବରୁ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗିଥିଲେ । ତେବେ ସୁନୀଲଙ୍କ ସହ ସେହି ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ । ଏଣୁ ସେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ତାଙ୍କୁ ବାଧ କରିଥିଲେ । ହେଲେ ଯୁବତୀ ଜଣଙ୍କ ଏଥିରେ ରାଜି ନହେବାରୁ ସୁନୀଲ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ଯୁବତୀ ଜଣଙ୍କ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଆଜି ସୁନୀଲଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି ।

# ୮ରେ ଡ୍ରାଇଭର ମହାସଂଘର ଧାରଣା

ଧର୍ମଶାଳା,(ସବ୍ୟୁ) : ସାତ ଦଫା ଦାବି ହାସଲ ପାଇଁ ରାଜ୍ୟ ମହାସଂଘର ନିଷ୍ପତିକ୍ରମେ ଧର୍ମଶାଳା ଶାଖା ଡ୍ରାଇଭର ମହାସଙ୍ଘ ଅସନ୍ତା ୮ ତାରିଖରୁ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ଷ୍ଟିୟରିଙ୍ଗ ଛାଡ ଆନ୍ଦୋଳନ କରିବେ । ଏନେଇ ଜାରକା ଠାରେ ଧର୍ମଶାଳା ଶାଖାର ସଭାପତି ଲୋକନାଥ ପୁରୀ ଓ ସମ୍ପାଦକ ଅମୂଲ୍ୟ କୁମାର ମଳିକ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ଓଡିଶା ଡ୍ରାଇଭର ମହାସଂଘ ତାର ଦାବିରେ ୨୦୨୩ ମସିହା ମାର୍ଚ୍ଚ ମାସ ୧୫ ତାରିଖ ରେ ଭୁବନେଶ୍ୱର ରେ ଏକ ବିରାଟ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ତତକାଳୀନ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଡ୍ରାଇଭରଙ୍କ ସ୍ୱାଭାବିକ ମୃତ୍ୟୁ ରେ ୨ ଲକ୍ଷ ଏବଂ ଦୁର୍ଘଟଣାଜନିତ ମୃତ୍ୟୁରେ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ । ଅନ୍ୟାନ୍ୟ ମୁଖ୍ୟ ଦାବିକୁ ରାଜ୍ୟ ସରକାର ପର୍ଯ୍ୟାୟ କ୍ରମେ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଦାବି ପୂରଣ ନ ହେବାରୁ ଚଳିତ ବର୍ଷ ନୂତନ ସରକାରଙ୍କ ସମୟରେ ମାର୍ଚ୍ଚ ୨୯ ତାରିଖ ରେ ରାଜ୍ୟ ଡ୍ରାଇଭର ମହାସଙ୍ଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜି ଠାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆ ଯାଇଥିଲା । ମାତ୍ର ଅଦ୍ୟାବଧି କୌଣସି ଦାବି ପୂରଣ ନ ହେବାରୁ ରାଜ୍ୟ ମହାସଂଘର ନିଷ୍ପତି କ୍ରମେ ଆସନ୍ତା ୮ ତାରିଖ ଠାରୁ କୌଣସି ଡ୍ରାଇଭର ଗାଡି ଚଳେଇବେ ନାହିଁ ବୋଲି ନିଷ୍ପତି ନେବା ସହିତ ସମସ୍ତ ଡ୍ରାଇଭର ଧାରଣା ଦେବେ ବୋଲି ସଙ୍ଘ କର୍ମକର୍ତା ପ୍ରକାଶ କରିଛନ୍ତି । ଆବଶ୍ୟକ ପଡିଲେ, ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଙ୍ଘ ନିଷ୍ପତି କରିଛି । ଏହି ଧାରଣା ସମୟରେ ରାଜ୍ୟରେ ଯଦି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ ତା ହେଲେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମହାସଂଘ ଚେତାବନୀ ଦେଇଛି ।

# ସ୍କୁଲରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା



ସାଲେପୁର,(ସବ୍ୟୁ) :ସ୍କୁଲରେ ଶିକ୍ଷକ ଅଭାବ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ସ୍କୁଲରେ ତାଲା ପକାଇ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଯୋଜନା କରିଛନ୍ତି । ହେଲେ ସେ ସବୁର ବାସ୍ତବରେ ସଠିକ କାର୍ଯ୍ୟକାରୀ ହୋଇପାରୁନାହିଁ । ସରକାରଙ୍କ ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇ ପଡିଛି । ଏଭଳି ଏକ ଘଟଣା ସାମ୍ନାକୁ ଆସିଛି କଟକ ଜିଲ୍ଲା ସାଲେପୁର ବ୍ଲକ୍ ଯଦୁମଣି ସରକାରୀ ଉ:ପ୍ରା ବିଦ୍ୟାଳୟ ଭିମରାଜପୁରରୁ । ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୧୩୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।

ସ୍କୁଲରେ ୬ଜଣ ଶିକ୍ଷକପଦବୀ ରୁ ଜଣକୁ ବଦଳି ପରେ ୫ଜଣ ଶିକ୍ଷକ ଥିଲେ । ୫ଜଣରୁ ଅନ୍ୟ ଜଣେ ଜଣକୁ ବଦଳି ପରେ ଆଉ ୪ଜଣ ଶିକ୍ଷକରେ ଚାଲିଛି ଶିକ୍ଷାଦାନ । ଏନେଇ ଶିକ୍ଷାଦାନରେ ଘୋର ଅସୁଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ । ସ୍କୁଲର ବଦଳି ହୋଇଥିବା ଶିକ୍ଷକଙ୍କୁ ପୁନର୍ବାର ଅବସ୍ଥାପିତ କରିବା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ସମୂହ ଧାରଣାରେ ବସିଥିଲେ । ଯଦି ଶିକ୍ଷକ ପଦବୀ ପୂରଣ ନହୁଏ ସମସ୍ତ ଛାତ୍ରଛାତ୍ରୀ ସମୂହ ଟିସି ନେଇ ଅନ୍ୟ ସ୍କୁଲ କୁ ପଳାଇବେ ବୋଲି ଚୋତାବନୁ ଦେଇଛନ୍ତି । ଏପଟେ ପ୍ରଧାନ ଶିକ୍ଷକ ବିଇଓକୁ ଏବାବଦ ରେ ଫୋନରେ ଜଣାଇଛନ୍ତି ।

ଅପର ପକ୍ଷରେ ବିଇଓ ଙ୍କୁ ପଚାରିବାରୁ ଛାତ୍ରଛାତ୍ରୀ ମାନଙ୍କ ଅନୁପାତରେ ଠିକ ସଂଖ୍ୟକ ଶିକ୍ଷକ ଅଛନ୍ତି । ଆବଶ୍ୟକୀୟ ଶିକ୍ଷକ ନ ଥିବାରୁ ପାଠପଢା ରେ ଅସୁବିଧା ନହେବା ପାଇଁ ଅନ୍ୟ ବିଦ୍ୟାଳୟମାନଙ୍କୁ ଶିକ୍ଷକଙ୍କ ବଦଳି କରାଯାଉଥିବା ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଲଖେହିରା ଲାବଣ୍ୟବତୀ ବେହେରା ପ୍ରକାଶ କରିଛନ୍ତି ।

# ଗାଧୋଇବାକୁ ଯାଇ ନିଖୋଜ ବୃଦ୍ଧ ମତ୍ସ୍ୟଜୀବୀଙ୍କ ଜାଲରୁ ଉଦ୍ଧାର

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ ତଳିହା ପଞ୍ଚାୟତ ସୁନ୍ଦରାଇମୁଁହ ବୈତରଣୀ ନଦୀ ଘାଟକୁ ଗତ ବୁଧବାର ସକାଳେ ଗାଧୋଇବାକୁ ଯାଇ ନିଖୋଜ ଥିବା ବିରଜାପୁର ପଞ୍ଚାୟତ ବାମଦେବପୁର ଅଞ୍ଚଳର ବିଦ୍ୟାଧର ଦାସ ଓରଫ୍ ଫୁଙ୍କୁନାଙ୍କୁ ମୃତ ଅବସ୍ଥାରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଜାଲରୁ ଉଦ୍ଧାର କରାଯାଇଛି । ସୂଚନାଥାଉକି ବିଦ୍ୟାଧର ସବୁଦିନ ଭଳି ବୁଧବାର ସକାଳୁ ସୁନ୍ଦରାଇମୁହାଁ ବୈତରଣୀ ନଦୀ ଘାଟକୁ ଗାଧୋଇବାକୁ ଯାଇ ନିଖୋଜ ଥିଲେ । ଖବର ପାଇ ଯାଜପୁର ଅଗ୍ନିଶମ ବାହିନୀ ପହଂଚି ବିଦ୍ୟାଧରଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ ସନ୍ଧ୍ୟା ପରେ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା । ଆଜି ସକାଳେ ଓଡ୍ରାଫ୍ ଟିମ୍ ପହଞ୍ଚି ତାଙ୍କୁ ଠାବ କରିବାକୁ ପ୍ରସ୍ତୁତି କରୁଥିବା ବେଳେ ନଦୀରୁ ମାଛ ଧରୁଥିବା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଜାଲରେ ବିଦ୍ୟାଧରଙ୍କ ମୃତଦେହ ଲାଗିଥିଲା । ମୃତଦେହ ଉଦ୍ଧାର ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ମୃତ ବିଦ୍ୟାଧର ସ୍ଥାନୀୟ ଅଞ୍ଚଳରେ ଜଣେ ସମାଜସେବୀ ରୂପେ ପରିଚିତ ଥିବା ବେଳେ ତାଙ୍କ ମୃତ୍ୟୁରେ ସୁନ୍ଦରାଇମୁହାଁ ବଜାର ଆଜି ବନ୍ଦ ରହିଥିଲା ।

# ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ବନ ମହୋତ୍ସବ




ବ୍ୟାସନଗର ,(ଜିପ୍ର ):'ବନ ମହୋତ୍ସବ' ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ୍, ଟାଟା ଷ୍ଟିଲ କଳିଙ୍ଗନଗରର ଲଜିଷ୍ଟିକ୍ସ ଅପରେସନ୍ସ ଏବଂ ପରିବେଶ ବିଭାଗ ସହ ମିଶି ଗୁରୁବାର ବ୍ରାହ୍ମଣୀ ନଦୀ କୂଳରେ ଏକ ବିଶାଳ ଚାରାରୋପଣ ଏବଂ ନଦୀ କୂଳ ସଫେଇ ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କଳିଙ୍ଗନଗର ସ୍ଥିତ ବ୍ରାହ୍ମଣୀ ନଦୀକୂଳ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା ।

ଟାଟା ଷ୍ଟିଲ କଳିଙ୍ଗନଗରର ବିଭିନ୍ନ ବିଭାଗରୁ ଆସିଥିବା ୭୦ରୁ ଅଧିକ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ଅଂଶଗ୍ରହଣ କରି ୩୦୦ ଚାରାରୋପଣ କରିଥିଲେ ।

ଏହି ଅଭିଯାନରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସବୁଜବଳୟ ବୃଦ୍ଧି କରିବା, ମୃତ୍ତିକା କ୍ଷୟ ରୋକିବା ଏବଂ ସ୍ଥାନୀୟ ଜୈବବିବିଧତାକୁ ସମର୍ଥନ କରିବା । ଚାରାରୋପଣ ସହିତ, ପ୍ଲାଷ୍ଟିକ୍ ବର୍ଜ୍ୟ ପଦାର୍ଥ ପରିଷ୍କାର ଅଭିଯାନ ମଧ ଆୟୋଜିତ ହୋଇଥିଲା । ଯାହାଦ୍ୱାରା ପ୍ରଦୂଷଣ ହ୍ରାସ ପାଇବା ସହ ନଦୀ ପରିବେଶର ପ୍ରାକୃତିକ ସଂଗଠନ ପୁନଃସ୍ଥାପିତ ହେବାରେ ସହାୟକ ହେବ । ଏହି 'ବନ ମହୋତ୍ସବ' ଉତ୍ସବ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶ ସଂରକ୍ଷଣ ଏବଂ ସାମୂହିକ ଦାୟିତ୍ୱକୁ ଦର୍ଶାଉଛି ।

# ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଚନ୍ଦ୍ରପୁର,(ସବ୍ୟୁ) : ବଡଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡା ଓ ସହକାରୀ ଶିକ୍ଷକ ବିଜୟ କୁମାର ପରିଡାଙ୍କ ଅସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ମହାରଣାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଶିକ୍ଷକତା ହେଉଛି ଏକ ପବିତ୍ର ବୃତ୍ତି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ , ସମ୍ମାନିତ ଅତିଥି ଭାବେ ବଡଚଣା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ପ୍ରାଧାପକ ଯଚିନ୍ଦ୍ର କୁମାର ରାଉତ, ପତରାଜପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ତନୁଶ୍ରୀ ଦାସ ଓ ସମିତିସଭ୍ୟ କୁଳମଣି ବାରିକ ପ୍ରମୁଖ ଯୋଗଦେଇ ଏହି ବିଦ୍ୟାଳୟ ପାଇଁ ଉଭୟ ଶିକ୍ଷକଙ୍କର ଅବଦାନ ସମ୍ପର୍କରେ ନିଜ ନିଜର ମତପୋଷଣ କରିଥିଲେ । ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାମ୍ବାଦିକ ରାକେଶ କୁମାର ବାରିକ, ପଞ୍ଚସଖା ଶିକ୍ଷା ସମିତିର ସଭାପତି ଜ୍ଞାନ ରଞ୍ଜନ ଦାସ, ପୂର୍ବତନ ଶିକ୍ଷକ ଚନ୍ଦ୍ରମଣି ସାମଲ ଦୁଇ ଶିକ୍ଷକଙ୍କ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

ଏହି ଅବସରର ମୁଖ୍ୟ ପତ୍ର ବୈଜୟନ୍ତୀକୁ ଅତିଥିମାନେ ଉନ୍ମୋଚିତ କରିବା ସହିତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଦୁହିଁଙ୍କୁ ଅତିଥିମାନେ ମାନପତ୍ର,ଉତ୍ତରୀୟ ଓ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ଅମ୍ରିତା ସିଂହ । ଶିକ୍ଷୟିତ୍ରୀ ମଧୁସ୍ମିତା ପଣ୍ଡା ମାନପତ୍ର ପାଠ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷକ ମରୁତ କୁମାର ସାମଲ ।

# ଉତ୍କଳମଣୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ମାହାଙ୍ଗା ,(ସବ୍ୟୁ) :ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅନ୍ତର୍ଗତ ବାଲିପଡାସ୍ଥିତ ପଂଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟ ପରିସରରେ ଶ୍ରୀଧର କୁଅଁର ସ୍ମୃତି ଓ ଛାତ୍ର କଲ୍ୟାଣ ପାଣ୍ଠି ତରଫରୁ ବିଦ୍ୟାଳୟରେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଏବଂ ଏ-୧ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଅଭିଜିତ୍ ଦାସଙ୍କୁ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ ନୂତନ ଭାବେ ବିଦ୍ୟାଳୟ ପରିସରରେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀକୁ ଲୋକାର୍ପଣ କରାଯାଇଥିଲା । ଏହି ପ୍ରତିମୂର୍ତ୍ତୀକୁ ସମାଜ କାର୍ଯ୍ୟାଳୟ କଟକ ତରଫରୁ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଂଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସାମଲ ସଭାପତିତ୍ୱ କରିଥିଲେ । ଉକ୍ତ ଉତ୍ସବରେ ଶ୍ରୀଧର କୁଅଁର ସ୍ମୃତି ସଂସଦର ସଭାପତି ସମାଜସେବୀ ଯୋଗେଶ ଚନ୍ଦ୍ର କୁଅଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀମାନେ ମନ ଦେଇ ପାଠ ପଢିଲେ ବିଦ୍ୟାଳୟ ଏପରିକି ଏ ଅଂଚଳର ସୁନାମ ଅର୍ଜନ ହେବ ବୋଲି ମତବ୍ୟକ୍ତ କରିଥିଲେ ।

# ପୁରଣ ଓଡ଼ପଡ଼ା ପଞ୍ଚାୟତରେ ସାମାଜିକ ସମୀକ୍ଷା ଗ୍ରାମସଭା

ରଘୁନାଥପୁର, (ସବ୍ୟୁ) : ରଘୁନାଥପୁର ବ୍ଲକ ପୁରଣ ଓଡ଼ପଡ଼ା ପଞ୍ଚାୟତର ସାମାଜିକ ସମୀକ୍ଷା ଗ୍ରାମସଭା ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି୍ୱ ଭାବେ ପ୍ରତାପ ପଟ୍ଟନାୟକ ମନୋନୀତ ପୂର୍ବକ ନିଜର କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନା କରିଥିଲେ ।

ସଭାରେ ବିଗତ ୧୨ଦିନ ଧରି ଗ୍ରାମ ସମ୍ବଳ ବ୍ୟକ୍ତି ସସ୍ମିତା ଜେନା, ହେନା ଡାଲୁଆ, ବିଏସଏ ତ୍ରିଲୋଚନ ସାହୁ ୨୦୨୪-୨୫ ଆର୍ଥିକ ବର୍ଷର ପଞ୍ଚାୟତର ପ୍ରତ୍ୟେକଟି୧୫ଟି ଉନ୍ନୟନମୂଳକ କାର୍ଯ୍ୟ ସହିତ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ସରପଂଚ ଶିବରାମ ସାହୁ,ପିଇଓ ପ୍ରଣତି ନାୟକ, ଏଡିଓ ସୈମ୍ୟରଞ୍ଜନ ମିଶ୍ରଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ରହିଥିଲେ ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,(ସବ୍ୟୁ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ ଗ୍ରାମ ପଞ୍ଚାୟତ ଅଧିନସ୍ଥ ମା ମଙ୍ଗଳା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ରଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିର୍ମଳଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଜଳସମ୍ପଦ ବିଭାଗର ପ୍ରାକ୍ତନ ଉପ ନିର୍ଦ୍ଦେଶକ ନିହାର ରଂଜନ ମଲ୍ଲିକ, ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ସହ ଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା, ରଂଜନ କୁମାର ରାଉତରାୟ, ଅନ୍ନପୂର୍ଣ୍ଣା ପଣ୍ଡା, ଦେବଦତ୍ତ ଶତପଥି,ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦ୍ରାପଡ଼ା ,ସଭାପତି ଅଶୋକ କୁମାର ସାହୁ, ମା ମଙ୍ଗଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ଜେନା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଂଜନ କୁମାର ରାଉତ, ଶିକ୍ଷକ ଭାଗିରଥି ମହାନ୍ତି ସିଆରସିସି ମହମ୍ମଦ ଗୟାସୁଦ୍ଦିନ ମିଶ୍ରଙ୍କର ଶିକ୍ଷକ ଓ ଶିକ୍ଷାଦାନ କ୍ଷେତ୍ରରେ ଅନେକ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ଏଥିସହ ସିଆରସିସି ମହମ୍ମଦ ଅଜଗର ଅଲ୍ଲି ,କିଶୋର ଚନ୍ଦ୍ର ଜେନା, ଅଚ୍ୟୁତାନନ୍ଦ ସାମଲ, ପ୍ରାକ୍ତନ ଶିକ୍ଷକ ଗଗନ ବିହାରୀ ସାହୁ, ଚ଼ିରରଞ୍ଜନ ରାଉତ,ବଟକୃଷ୍ଣ ସାମଲ, ଗଙ୍ଗାଧର ମହାପାତ୍ର, ରବିନ୍ଦ୍ରନାଥ ମହାପାତ୍ର, ଶିକ୍ଷକ ଅନିରୁଦ୍ଧ ପାତ୍ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନ୍ତର୍ଗତ ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ ମା ମଂଗଳା ଉପ୍ରା ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଗ୍ରାମବାସୀ,ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ଓ ସମସ୍ତ ଛାତ୍ର ଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ରହି ଶ୍ରୀ ମିଶ୍ରଙ୍କର ଅନେକ ଗୁଣ ଗାନ ଓ ମାନପତ୍ର ସହ ଉପଢୌକନ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଷ୍ଣୁ ଚରଣ ସାମଲ ସଂଯୋଜନା କରିଥିଲେ ।

# ସର୍ପାଘାତରେ ଯୁବକ ମୃତ

ରାଜକନିକା, (ସବ୍ୟୁ) : ରାଜକନିକା ବ୍ଲକ କୋଇଲିପୁରୁ ପଞ୍ଚାୟତ ବିଶ୍ୱନାଥପୁର ଗାଁର ସାନନ୍ଦ ରାଉତଙ୍କ ପୁଅ ମାୟାଧର ରାଉତ (୩୯) ଙ୍କୁ ସାପ କାମୁଡ଼ି ଦେଇଥିବାର ସୂଚନା ମିଳିଥିଲା । ବିଶ୍ୱନାଥପୁର ଗାଁର ମାୟାଧର ରାଉତ ଆଜି ଭୋର ୪ଟା ବେଳେ ବିଲକୁ ଧାନ ତଳିରୁ ପାଣି ବୋହିବାକୁ ଯାଇଥିଲେ । ସେଠାରେ ତାଙ୍କୁ ସାପ କାମୁଡି ଦେଇଥିଲା । ସେ ସଙ୍ଗେ ସଙ୍ଗେ ଘରକୁ ଫେରିଆସି ପରିବାର ଲୋକଙ୍କୁ କହିଥିଲେ ଓ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକନିକା ପୋଲିସ ଖବର ପାଇ ମୃତ ଶରୀରକୁ ଜବଦ କରି ଶବ ବ୍ୟବଛେଦ ପାଇଁ ଆଜି ପଠାଇ ଏକ ଅପମୃତ ମାମଲା ରୁଜୁ କରିଥିବା ସୂଚନା ମିଳିଛି । ତେବେ ମାୟାଧରଙ୍କ ମୃତ୍ୟୁରେ ତାଙ୍କ ପରିବାର ଭାଙ୍ଗିପଡିଛନ୍ତି ଏବଂ ବିଶ୍ୱନାଥପୁର ଗାଁରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ତିନିଟି ଛୋଟ ପିଲା ଅଛନ୍ତି । ତାଙ୍କୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ୱାଟର ହିଟର ପାଇଁ ଜୀବନ ଚାଲିଗଲା

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ପ୍ରଥମଖଣ୍ଡ ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି । ଆଜି ସକାଳ ୭ ଟା ରେ ମୃଷିରାଣୀ ମହାନ୍ତି ୬୪ ବିଦ୍ୟୁତ ଜଳ ହିଟର ରେ ପାଣିକୁ ଗରମ କରି ସାରିବା ପରେ ବିଦ୍ୟତ ହିଟର ସୁଇଚ ବନ୍ଦ କରିବା ପୂର୍ବରୁ ୱାଟର ହିଟର କୁ ଛୁଇଁ ଦେବା ଫଳରେ ତାଂକ ଜୀବନ ଚାଲିଗଲା । ପରିବାର ଲୋକ ଧର୍ମଶାଳା ମେଡିକାଲ ନେଇ ଚିକିତ୍ସା କରିବା ବେଳେ ଡ଼ଃ ସୁଶୀରାଣୀ ମୃତ ବୋଲି ଘୋଷଣା କରିଥିଲେ । ପୋଲିସ ଶବ ଜବତ କରି ପୋଷ୍ଟମଟମ ପାଇଁ ପଠାଇ ତଦନ୍ତ ଜାରିରଖିଛି ।

# ସାପ କାମୁଡ଼ାରେ ଚାଷୀର ମୃତ୍ୟୁ

ନିଶ୍ଚିନ୍ତକୋଇଲ, (ସବ୍ୟୁ) : ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ସୁକରପଡ଼ା ପଞ୍ଚାୟତ ସୁନାଲୁଣ୍ଡା ଗ୍ରାମର ଚାଷୀ ଭରତଚନ୍ଦ୍ର ବେହେରା(୫୦) ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି । ଗୁରୁବାର ସକାଳେ ଖରିଫ ଧାନ ଚାଷ ପାଇଁ କ୍ଷେତରେ ତଳି ଘେରା ପ୍ରସ୍ତୁତ କରୁଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ ଚିକିତ୍ସା ପୂର୍ବରୁ ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଥାନା ପକ୍ଷରୁ ଶବ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ କଟକ ବଡ଼ମେଡ଼ିକାଲ ପଠାଯାଇଛି । ସେ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ବିବି ମଡ଼େଲ ହାଇସ୍କୁଲର ପ୍ରତିଷ୍ଠା ଦିବସ ପାଳିତ



ଡେରାବିଶ,(ସବ୍ୟୁ) : ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ଦୋହଳି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ଆଜି ବିଦ୍ୟାଳୟର ୮୧ ତମ ପ୍ରତିଷ୍ଠା ଗତକାଲି ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣୀ ଗୋପବନ୍ଧୁ ଦାସ ଓ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିଦ୍ୟାଳୟ ପରିସରରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ ।

ଏହି ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦୀର୍ଘ ୮୧ ବର୍ଷ ତଳେ ପ୍ରଥମ ହାଇସ୍କୁଲ ଭାବେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ନେତୃତ୍ୱରେ ଅଂଚଳର ବହୁ ବୁଦ୍ଧିଜୀବୀ ଓ ସମାଜସେବୀମାନଙ୍କୁ ନେଇ ଦୋହଳୀ ମଡ଼େଲ ହାଇସ୍କୁଲ ନାମରେ ୧୯୪୫ ମସିହା ଜୁଲାଇ ମାସ ୧ ତାରିଖରେ ଏହି ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ପରବର୍ତୀ ସମୟରେ ବନମାଳୀ ବ୍ରହ୍ମଚାରୀଙ୍କ ପରଲୋକ ପରେ ତାଙ୍କ ନାମରେ ଏହି ବିଦ୍ୟାଳୟର ନାମ ବଦଳା ଯାଇ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟ କରାଯାଇଥିଲା । ଏହି ବିଦ୍ୟାଳୟରୁ ପୂର୍ବରୁ ଉତୀର୍ଣ୍ଣ ହୋଇଥିବା ବହୁ ଛାତ୍ରଛାତ୍ରୀ ରାଜ୍ୟ ଓ କେନ୍ଦ୍ରର ବହୁ ପ୍ରତିଷ୍ଠିତ ପଦପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି । ଏହାଛଡ଼ା ଏହି ବିଦ୍ୟାଳୟର ଛାତ୍ର ଓଡ଼ିଶା ରାଜନୀତିରେ ଅର୍ଥ ଓ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ ବୋଲି ବକ୍ତାମନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଆଲୋକ କୁମାର ଜେନା, ବ୍ରଜେନ୍ଦୁ କର, କିଶୋର ଚନ୍ଦ୍ର ମହାନ୍ତି, ଶଦାଶିବ ସାହୁ, ଶିକ୍ଷୟିତ୍ରୀ ତବସୁମ ବେଗମ, ସୁଚିସ୍ମିତା ତ୍ରିପାଠୀ, ପ୍ରଜ୍ଞାପରମିତା ମିଶ୍ର, ମମତା ମହାନ୍ତି, କର୍ମଚାରୀ ମଳୟ ପ୍ରସାଦ ରଥ ଓ ସତ୍ୟବ୍ରତ ପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଯୁବକଙ୍କ ଆତ୍ମହତ୍ୟା

ବିଞ୍ଝାରପୁର ,(ସବ୍ୟୁ) : ଜଣେ ଯୁବକଙ୍କ ଆତ୍ମହତ୍ୟା ରେ ଆଜି ସାରା ପରିବାର ଭାଙ୍ଗି ପଡିଛି । ଗୁପଚୁପ ବେପାର କରି ୫ ପ୍ରାଣୀ କୁଟୁମ୍ବ ଙ୍କ ମୁହଁରେ ଦାନା ଦେଉଥିବା ମଣିଷଟି ଆଜି ସମସ୍ତଙ୍କୁ ଛାଡି ଚାଲିଯାଇଛି । ଏମିତି କିଛି ଦୁଃଖଦ ଘଟଣା ସାମ୍ନାକୁ ଆସିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଞ୍ଚଳ ଅରେଇ ଗ୍ରାମରୁ । ଗତକାଲି ବିଳମ୍ବିତ ରାତିରେ ଏହି ଗ୍ରାମର ଗିରିଧାରୀ ସାହୁଙ୍କ ୨୮ ବର୍ଷୀୟ ପୁଅ ବଳରାମ ସାହୁ (ବଳିଆ) ଘର ବାରଣ୍ଡାରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ ଗତକାଲି ରାତିରେ କୌଣସି କାରଣ ବଶତଃ ବଳରାମ ଏବଂ ତାଙ୍କ ସ୍ତ୍ରୀ ଦୁହିଁଙ୍କ ମଧ୍ୟରେ କଳହ ହୋଇଥିଲା ଏବଂ ରାତ୍ର ପ୍ରାୟ ୧୦ଟା ବେଳକୁ ଉଭୟ ନିଜ ୯ ମାସର ଶିଶୁ ପୁତ୍ରକୁ ସହ ଶୋଇବାକୁ ଯାଇଥିଲେ । ରାତ୍ର ପ୍ରାୟ ୧୨ ଟା ବେଳକୁ ବଳରାମର ସ୍ତ୍ରୀଙ୍କ ନିଦ ଭାଙ୍ଗିବା ପରେ ସେ ବଳରାମଙ୍କୁ ବିଛଣାରେ ପାଇ ନଥିଲେ ଏବଂ କବାଟ ଆଉଜା ହୋଇଥିବା ସେ ଦେଖିବାକୁ ପାଇଥିଲେ। ସେ କବାଟ ଖୋଲିଲା ବେଳକୁ ବାରଣ୍ଡା ହୁକରେ ସ୍ୱାମୀଙ୍କୁ ଝୁଲନ୍ତା ଅବସ୍ଥାରେ ପାଇଥିଲେ ଏବଂ ସ୍ୱାମୀଙ୍କୁ ବଞ୍ଚାଇଦେବେ ବୋଲି ଭାବି ଏକ ଛୁରୀ ସାହାଯ୍ୟରେ ରସିକୁ କାଟିଦେଇଥିଲେ । ବଳରାମ ତଳେ ପଡ଼ି ଯିବାରୁ ସେ ଚିତ୍କାର କରି ଘର ଲୋକଙ୍କୁ ଡାକ ପକାଇଥିଲେ । ପାଟିଶୁଣି ଘର ଲୋକ ଏବଂ ପଡୋଶୀ ମଧ ଉଠି ଆସିଥିଲେ । କିନ୍ତୁ ବଳରାମ ସେତେବେଳକୁ ଆଉ ଏ ଦୁନିଆରେ ନଥିଲେ । ଖବର ପାଇ ବିଞ୍ଝାରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ । ବିଞ୍ଝାରପୁର ପୋଲିସ ୧୪/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି । ଶବ ବ୍ୟବଚ୍ଛେଦ ପରେ ବଳରାମଙ୍କର ମର ଶରୀରକୁ ବାରୁଣୀ ପଡିଆରେ ଦାହ କରାଯାଇଛି । ଗାଁ ଲୋକଙ୍କ କହିବା ମୁତାବକ ବଳରାମ ବହୁ ମେଳାପି ଓ ବହୁ ଭଲ ପିଲାଟେ ଥିଲା । ସବୁବେଳେ ହସ ହସ ମୁହଁ ଆଉ ଯେତେ କଥା କହିଲେ ବି ସେ କେବେ ରାଗୁ ନଥିଲା । ବଳରାମର ଦେହାନ୍ତରେ ସାରା ଗାଁରେ ଆଜି ଶୋକର ଛାୟା ଖେଳି ଯାଇଛି ।

# ଗୋପାଳସାଗର ସାଇ ମନ୍ଦିର ବାର୍ଷିକ ଉତ୍ସବ ୫ରୁ

ଜଗତସିଂହପୁର, (ସବ୍ୟୁ): ସଦର ସ୍ଥିତ ଗୋପାଳସାଗର ଠାରେ ଥିବା ଶ୍ରୀ ଶ୍ରୀ ସାଇବାବାଙ୍କର ୧୨ ତମ ଓ ହନୁମାନଜୀଉଙ୍କ ୯ତମ ଏବଂ ଶ୍ରୀ ଦକ୍ଷିଣେଶ୍ୱର ମହାଦେବଙ୍କ ଚତୁର୍ଥ ବର୍ଷ ବାର୍ଷୀକ ଉତ୍ସବ ଆସନ୍ତା ଜୁଲାଇ ୫ ତାରିଖରୁ ୧୦ ତାରିଖ ପ୍ରର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସାଇ ପରିବାର ପକ୍ଷରୁ ଅପରାହ୍ନରେ ସାଇ ମନ୍ଦିର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି ।ସାଇ ଚାରିଟେବଲ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଆଡଭୋକେଟ ସାରଦା ପ୍ରସାଦ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ସଂପାଦକ ସୁକାନ୍ତଙ୍କ ଲେଙ୍କା କାର୍ଯ୍ୟକ୍ରମ ବାବଦରେ ସୁଚନା କରିଥିଲେ ।

ଶେଷ ଦିନ ଅର୍ଥାତ ୧୦ତାରିଖ ପବିତ୍ର ଗୁରୁ ପୂର୍ଣ୍ଣୀମା ଅବସରରେ ଶ୍ରୀ ସାଇନାଥ ମହାରାଜଙ୍କର ମହାଅଭିଷେକ ସ୍ନାନ,ଶ୍ରୀ ସତ୍ୟନାରାୟଣ ପୂଜା,ଶାନ୍ତି ହୋମ ସହିତ ସାଇନାଥ ମହାରାଜଙ୍କର ନଗର ପରିକ୍ରମା ଅର୍ଥାତ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହେବ ।ଏହି ପାଲିଙ୍କି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହେବେ ।

# ଦେଶୀମଦ କାରବାର ବୃଦ୍ଧି : ଚୋରା ବେପାରୀଙ୍କୁ ପୋଲିସର ଅନୁକମ୍ପା

ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ) : ଯାଜପୁର ଜିଲ୍ଲାର ଜେନାପୁର ଥାନା ଅଞ୍ଚଳରେ ଏବେ ଚୋରା ଦେରା ଦେଶୀମଦ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି । ଏହି ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଛୋଟବଡ ଛକ ବଜାର ସମେତ ଗାଁ ଗଣ୍ଡାରେ ଏବେ ଦେଶୀ ମଦ ବେପାର ବଢୁଥିବା ବହୁ ଅଭିଯୋଗ ହୋଇଛି । ଜେନାପୁର ଥାନା ପୋଲିସ ଓ ଅବକାରୀ ବିଭାଗ ଜ୍ଞାନ୍ତସାରରେ ଏହି ଚୋରାମଦ ବେପାର ବହୁଳ ପ୍ରସାର ହେବା ଫଳରେ ସମଗ୍ର ଅଞ୍ଚଳରେ ଅସାମାଜିକ କାର୍ଯ୍ୟ କଳାପ ବଢିଚାଲିଛି । ମଦୁଆଙ୍କ ପାଦୁର୍ଭାବ ବଢି ଚାଲୁଲୁଥିବାରୁ ଦୈନିକ ଗାଁ ଗଣ୍ଡାରେ ଗଣ୍ଡଗୋଳ ବଢୁଛି ଓ ସାଧାରଣ ଲୋକେ, ଝିଅବୋହୁ ମଦୁଆଙ୍କ ଦ୍ୱାରା ଅତ୍ୟାଚାରିତ ହେଉଛନ୍ତି । ପୋଲିସ ଓ ଅବକାରୀ ବିଭାଗର ନିସକ୍ରିୟତା ପରେ ସ୍ଥାନୀୟ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ମଧୁପୁରଗଡ, ରଗଡିପଶୀ, ବାଉଁଶମୂଳି ତାଳଜଙ୍ଗ, ଜେନାପୁର ପ୍ରଭୃତି ଅଞ୍ଚଳରେ ଚୋରା ଦେଶୀମଦ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଛି ।

ସଂଘବଦ୍ଧ ମହିଳାମାନେ ଗାଁ ଗଣ୍ଡାରେ ଚୋରା ଦେଶୀମଦ ବିକ୍ରି ହେଉଥିବା ଦୋକାନକୁ ବନ୍ଦ କରିବାସହ ମହଜୁଦ ଚୋରାମଦ ଓ ମଦ ବେପାରିଙ୍କୁ ଅଟକରଖି ଜେନାପୁର ପୋଲିସକୁ ସହଯୋଗ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରୁଥିଲେ ମଧ ସଂପୃକ୍ତ ଚୋରାମଦ ବିରୋଧୀ ମହିଳା ମାନଙ୍କୁ ପୋଲିସ ସହଯୋଗ ମିଳୁନାହିଁ । ଚୋରାମଦ ସହ ମଦ ବିକୁଥିବା ଲୋକ ଓ ଗାଁ ଗଣ୍ଡାକୁ ଚୋରାମଦ ଯୋଗାଉଥିବା ଭେଣ୍ଡରକୁ ମହିଳାମାନେ ଅଟକ ରଖି ଜଗି ବସୁଛନ୍ତି । ଥାନା ଅଧିକାରୀଣୀଙ୍କ ସହ କଥାହୋଇ ଘଟଣା ସମ୍ପର୍କରେ ଜଣାଉଛନ୍ତି । ଥାନା ଅଧିକାରିଣୀ ଥରେ ଫୋନ ଉଠାଇବା ପରେ ଆଉ ମଦ ବିରୋଧୀ ମହିଳାଙ୍କ ଫୋନ ଉଠାଉ ନଥିବା ମହିଳାମାନେ ସଂଗୀନ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଥାନା ଅଧିକାରିଣୀ ନିରୂପମା ବେହେରାଙ୍କୁ ପଚାରିବାରେ ତାଙ୍କ ପାଖରେ କେହି ଷ୍ଟାଫ ନାହାଁନ୍ତି । ସେ ନିଜେ ଥାନା ଜଗିବାକୁ ପଡୁଛି, ତେଣୁ ମୁଁ କାହାକୁ ଚୋରା ମଦ ଧରିବାକୁ ପଠାଇବି ବୋଲି କହି ଘଟଣା କ୍ରମରୁ ଖସିଯିବାକୁ ଚେଷ୍ଟା କରିଛନ୍ତି । ଉକ୍ତ ଥାନାର ମଧୁପୁରଗଡ ପଞ୍ଚାୟତର ରଗଡିପଶୀ ଓ ବାଉଁଶମୂଳି ଗ୍ରାମରେ ଚୋରାଦେଶୀ ମଦ ବିକ୍ରି କରୁଥିବା ବେପାରୀ ଓ ତାଙ୍କୁ ଚୋରାମଦ ଯୋଗାଉଥିବା ଭେଣ୍ଡରକୁ ଗତ ସପ୍ତାହରେ ମହିଳାମାନେ ଅଟକ ରଖି ସେମାନଙ୍କ ପାଖରୁ ଦେଶୀମଦ ଜବତ କରିଥିଲେ । ଏ ସମ୍ପର୍କରେ ପୋଲିସକୁ ଖବର ଦେବାର ୪ ଘଣ୍ଟାପରେ ପଲିସ ଗାଡି ଘଟଣା ସ୍ଥଳରେ ପହଞ୍ଚିଥିଲା ।

ଶେଷରେ ମହିଳାମାନେ ଥାନାକୁଯାଇ ଏତଲା ଦେଲେ ସତ କିନ୍ତୁ ଅଦ୍ୟାବଧି ତା ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାପଡିଛି । ଯାହାକୁ ନେଇ ମହିଳାମାନେ ଗତ ରବିବାର ଥାନାକୁ ଯାଇ ହୋହାଲା କରିବା ସହ କିଛି ସମୟ ଧାରଣା ଦେଇଥିଲେ । ଏବେ ମଧୁପୁରଗଡ, ରଗଡିପଶୀ, ରାମଚନ୍ଦ୍ରପୁର, ଚାରଗୋଠ, ତାଳଜଙ୍ଗ, ରେଖିଦେଇପୁର, ଜେନାପୁର, ଚଡେଇଧରା, ମହିଶରା, ବରଡା, ତେଲିପୋଖରୀ ସହ ଅନେକ ସ୍କୁଲ, କଲେଜ, ଦେବାଳୟ ନିକଟରେ ବହୁଳଭାବେ ଚୋରା ଦେଶୀମଦ ଖୋଲା ମେଲାରେ ବିକ୍ରି ହେଉଥିବା ଦେଖାଯାଇଛି । ସର୍ବାନ୍ତରେ ଚୋରା ବେପାରୀଙ୍କୁ ସ୍ଥାନୀୟ ପୋଲିସର ଅନୁକମ୍ପାକୁ ନେଇ ଚର୍ଚ୍ଚା ଜୋର ଧରିଛି । ପରିସ୍ଥିତି ଅଣାୟତ ପୂର୍ବରୁ ପୋଲିସ ଓ ଅବକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି ।

# ଜୟନ୍ତୀ ବିଦ୍ୟାପୀଠରେ ବୃକ୍ଷରୋପଣ



ନିଶ୍ଚିନ୍ତକୋଇଲି, (ସବ୍ୟୁ): ମହାପୁରୁଷ ଅଚ୍ୟୁତାନନ୍ଦ ସେବା ପରିଷଦ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଗସପୁର ସ୍ଥିତ ଜୟନ୍ତୀ ବିଦ୍ୟାପୀଠରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଶିକ୍ଷକ ସୁଧାକର ସ୍ୱାଇଁ ଓ ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଅନନ୍ତ କିଶୋର ଭୂୟାଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ, ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ହୋତା, ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୀର୍ ଅନସାର ଅଲ୍ଲୀ, ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ସମାଜସେବୀ ନାରାୟଣ ଦ୍ୱିବେଦୀ, ପରାମର୍ଶଦାତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧିର ଚନ୍ଦ୍ର ଷଡ଼ଙ୍ଗୀ, ଉପସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ପ୍ରସାଦ ସ୍ୱାଇଁ, ଇଂ ନରେନ୍ଦ୍ର ନାଥ ଜେନା, ଶିକ୍ଷକ ଗୋଲକ ବିହାରୀ ମହାପାତ୍ର, ସର୍ବେଶ୍ୱର ନାୟକ, ଅଶୋକ କୁମାର ପରିଡ଼ା, ସିରାଜଉଦିନ୍, ରାଜକିଶୋର ଦାସ, ସୁଲୋଚନା ବେହେରା, ମୌସୁମୀ ଭୋଇ, ପ୍ରିତୀ ତାଣ୍ଡି, ଜ୍ୟୋସ୍ନାରାଣୀ ଦଳାଇ, ମାନସୀ ମିଶ୍ର, ସରସ୍ୱତୀ ସାମଲ, ହିମାଂଶୁ ଶେଖର ଷଡ଼ଙ୍ଗୀ, ମୀନକେତନ ଭୂୟାଁ, ପବିତ୍ର ମହାରଣା, ସୁଜିତ ଷଡ଼ଙ୍ଗୀ, ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ବିଦ୍ୟାଳୟର ପୁରାତନ ଛାତ୍ର ଇଂ ଆଲୋକ ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀଜୀଉଙ୍କ ରାମାବତାର ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼



ନୟାଗଡ଼, (ସବ୍ୟୁ): ନୟାଗଡ଼ ଗୁଣ୍ଡିଚାମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଶେଷ ସେବା ନୀତ ଅନୁଷ୍ଠିତ ହୋଇଛି। ଗୁରୁବାର ପର୍ଶୁରାମାଷ୍ଟମୀ ତିଥିରେ ମହାପ୍ରଭୁ ଶ୍ରୀରାମାବତାର ବେଶରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦୁର୍ଲଭ ଶ୍ରୀରାମାବତାର ବେଶ ଦର୍ଶନ କରି ଶ୍ରଦ୍ଧାଳୁ ଆତ୍ମସନ୍ତୋଷ ଲାଭ କରିଛନ୍ତି। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଲାଗିଥିଲା। ଆଉ ଦିନକ ପରେ ଆଡ଼ପ ମଣ୍ଡପ ଲୀଳା ଶେଷକରି ମହାପ୍ରଭୁ ମନ୍ଦିର ବାହୁଡ଼ିବେ। ନୟାଗଡ଼ ଗୁଣ୍ଡିଚାମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ୱତନ୍ତ୍ର ସେବା ନୀତି ଭକ୍ତଜନଙ୍କୁ ବିଶେଷ ଆକୃଷ୍ଟ କରିଛି। ଗୁରୁବାର ରାମାଷ୍ଟମୀ ତିଥିରେ ଶ୍ରୀଜୀଉଙ୍କ ଶ୍ରୀରାମାବତାର ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କର ଏହି ସ୍ୱତନ୍ତ୍ର ବେଶ ଦର୍ଶନ କରି ନିଜକୁ ଧନ୍ୟ ମଣିଛନ୍ତି। ନବଦିନ ଗୁଣ୍ଡିଚାଯାତ୍ରା କ୍ରମରେ ଶୁକ୍ରବାର ଶ୍ରୀଜୀଉଙ୍କ ଆଡ଼ପ ମଣ୍ଡପ ସନ୍ଧ୍ୟାବେଶ ଦର୍ଶନ ବା ଗରୁଡ଼ଗୋବିନ୍ଦ ବେଶ ଅନୁଷ୍ଠିତ ହେବ। ଗୁଣ୍ଡିଚା ମଣ୍ଡପରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ମହାପୁଣ୍ୟପ୍ରାପ୍ତିର ବିଶ୍ୱାସ ରହିଛି। ସେଥିଲାଗି ନୟାଗଡ଼ ସହର ଓ ଆଖ ପାଖ ଅଚଂଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଗୁଣ୍ଡିଚା ମଣ୍ଡପରେ ଶ୍ରୀବିଗ୍ରହଙ୍କୁ ନିକଟରୁ ଦର୍ଶନ କରିବା ପାଇଁ ପ୍ରତ୍ୟେହ ସନ୍ଧ୍ୟାରେ ଭିଡ଼ ଲାଗି ରହିଛି। ନବଦିବସୀୟ ଗୁଣ୍ଡିଚା ଯାତ୍ରାର ମାନବୀୟ ଲୀଳା ଶେଷ କରି ମହାପ୍ରଭୁ ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥି, ଶନିବାର ବହୁଡ଼ା ଯାତ୍ରାରେ ଦେଉଳକୁ ଅଗ୍ରସର ହେବେ। ସେଥିଲାଗି ତିନି ରଥ ଦକ୍ଷିଣ ମୋଡ଼ ଏବଂ ଅନ୍ୟାନ୍ୟ ପ୍ରସ୍ତୁତି ଶେଷ ହୋଇଛି।

# ଗାଈଗୋରୁଙ୍କ କବ୍ଜାରେ ନୂଆ ଜଗନ୍ନାଥ ସଡ଼କ

ନିରାକାରପୁର,(ସବ୍ୟୁ): ନୟାଗଡ ଠାରୁ ପୁରୀ ଆଡ଼କୁ ଯାଉଥିବା ନୂଆ ଜଗନ୍ନାଥ ସଡ଼କ ଉପରେ ବର୍ତ୍ତମାନ ପଲପଲ ଗାଈଗୋରୁ ଯାତ୍ରୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି। ରାସ୍ତା ଉପରେ ଗାଇ ଗୁହାଳ ସୃଷ୍ଟି ହୋଇ ଥିବାରୁ ଜଗନ୍ନାଥ ସଡ଼କ ଯାତ୍ରୀ ମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କିଛି କିଛି ଏମିତି ଜାଗା ନୂଆ ଜଗନ୍ନାଥ ସଡ଼କ ରେ ରହିଛି ଟା ଉପରେ ବର୍ଷ ସାରା ଅଞ୍ଚଳର ବହୁ ସଂଖ୍ୟାରେ ଗାଈଗୋରୁ ଶୋଇ ରହି ପୁରୀ ନୂଆ ଜଗନ୍ନାଥ ସଡ଼କ ଯାତାୟାତ କରୁଥିବା ଯାନବାହାନ ଓ ଯାତ୍ରୀ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ଅନ୍ଧାରରେ ଗାଈଗୋରୁ ଶୋଇ ବିଭିନ୍ନ ସମୟରେ ଛୋଟମୋଟ ଦୁର୍ଘଟଣାର ସୂତ୍ରପାତ ମୁଖ୍ୟ କାରଣ ହେଉଛି। ରଥ ଯାତ୍ରା ଦେଖିବାକୁ ଦକ୍ଷିଣ ଓ ପଶ୍ଚିମ ଭାରତ ଯାତ୍ରୀ ମାନଙ୍କ ଟୁରିଷ୍ଟ ଗାଡିମଟର ଶହ ଶହ ସଂଖ୍ୟାରେ ଏହି ରାସ୍ତା ଦେଇ ପୁରୀ ଯାଉଥିବାବେଳେ ଗାଈ ଗୋରଙ୍କ ରାସ୍ତା ଅବରୋଧ କାରଣରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତିଛି। ଗୋରୁ ମାଲିକ ମାନେ ଗାଈଗୋରୁ ରାସ୍ତା ଉପରକୁ ଛାଡ଼ି ଆରାମରେ ଘରେ ଶୋଉଥିବାବେଳେ ଏମାନେ ନିଜ ପାଇଁ ଓ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି।ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଜଳ ନିଷ୍କାସନ ପଥ ଅବରୋଧ : ଚାଉପଲ୍ଲୀ ଗ୍ରାମବାସୀଙ୍କ ରାସ୍ତାରୋକ



ଖଣ୍ଡପଡ଼ା, (ସବ୍ୟୁ) :ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଚାଉପଲ୍ଲୀ ଗ୍ରାମ ନିକଟରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜଳ ନିଷ୍କାସନ ପଥକୁ ଅନଧିକାର ଭାବେ ଅବରୋଧ କରି ରାସ୍ତା ପାର୍ଶ୍ୱରେ ଏକ ସ୍ଥାୟୀ ପକ୍କା ଗୃହ ର୍ନିମାଣ କରିଥିବାରୁ ବର୍ଷାଜଳ ନିଷ୍କାସନ ହୋଇନପାରି ରାସ୍ତାର ଗୋଟିଏ ପାର୍ଶ୍ୱରେ ୫ ଦିନ ହେଲା ଜମା ହୋଇ ରହିଛି।ଫଳରେ ଏକରଏକର ଚାଷ ଜମି ଜଳମଗ୍ନ ହେବା ସହ ତଳିଆ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ବାସଗୃହରେ ପାଣି ପ୍ରବେଶ କରିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି।ଫଳରେ ଚାଉପଲ୍ଲୀ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ।ଜଳ ନିଷ୍କାସନ ପଥରୁ ଅବରୋଧ ହଟାଇବା ନିମନ୍ତେ ଗ୍ରାମବାସୀ ସଂପୃକ୍ତ ବ୍ୟକ୍ତିଙ୍କୁ ବହୁବାର ଜଣାଇବା ସହ ଏ ସଂପର୍କରେ ଖଣ୍ଡପଡ଼ା ପୋଲିସ ପ୍ରଶାସନ ଓ ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିଲେ ।ବାରମ୍ବାର ପ୍ରଶାସନିକ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଗ୍ରାମବାସୀ ବାଧହୋଇ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇ ରାସ୍ତାରୋକ ଆନ୍ଦୋଳନ କରିଥିବା ଜଣାଯାଇଛି। ଶତାଧିକ ଗ୍ରାମବାସୀ ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାକୁ ଚାଉପଲ୍ଲୀ ଗ୍ରାମ ନିକଟରେ ଅବରୋଧ କରିବା ଯୋଗୁଁ ଉକ୍ତ ରାସ୍ତାଦେଇ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେବାସହ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀଙ୍କ ରାସ୍ତାରୋକ ଆନ୍ଦୋଳନ ସଂପର୍କରେ ଖବରପାଇ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏସଡିପିଓ ମଦନମୋହନ ପ୍ରଧାନ ,ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ,ନୟାଗଡ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରା ,ଖଣ୍ଡପଡ଼ା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିବା ସହ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଯାଇଥିବା ଜଣାପଡିଛି।

# ସ୍ୱୟଂ ସେବକ ସଙ୍ଘର ମେଧାବୀ ସମ୍ବର୍ଦ୍ଧନା ଉତ୍ସବ



ନିରାକାରପୁର,(ସବ୍ୟୁ): :ଖୋର୍ଦ୍ଧା ଜିଲ୍ଲା ନୂଆଗଡ ପଞ୍ଚାୟତସ୍ଥିତ ଉଗ୍ରତାରା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ନୂଆଗଡ ସ୍ୱୟଂ ସେବକ ସଙ୍ଘ, ହରିପୁର ପକ୍ଷରୁ ତୃତୀୟ ବାର୍ଷିକ ମେଧାବୀ ସମ୍ବୋର୍ଦ୍ଧନା ଉତ୍ସବ ଶିକ୍ଷାବିତ ଭାସ୍କର ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅତିଥିଭାବେ,ପୂର୍ବତନ ଟାଙ୍ଗୀବ୍ଲକ ଅଧକ୍ଷା ଗୀତାଞ୍ଜଳି ପାଟଶାଣୀ,ସରପଞ୍ଚ ରଘୁନାଥ ମାଝୀ, ପ୍ରାକ୍ତନ ସରପଞ୍ଚ ଗିରିଶ ମହାରଣା, ପ୍ରାକ୍ତନ ସରପଞ୍ଚ ପ୍ରଫୁଲ୍ଲ ହରିଚନ୍ଦନ, ଶିଳ୍ପପତି ତରଣୀ ସେନ ଦଳାଇ, ସମାଜ ସେବୀ ସୁଶାନ୍ତ କୁମାର ଜେନା ଓ ସୁଜାତା ଜେନା, ଶିକ୍ଷାବିତ ରସିଦ ଖାଁ,ମୋରମୋରସିଂହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିଥିଲେ ।ସ୍ୱୟଂସେବକ ସଙ୍ଘ ସଭାପତି ମନୋରଞ୍ଜନ ମୁଦୁଲି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ସମ୍ପାଦକ ସମୀର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ ଏହି ଅବସରରେ ସ୍ଥାନୀୟ ସ୍କୁଲର ମେଧାବୀ ଛାତ୍ର ଛାତ୍ରୀଙ୍କ ସମେତ ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜ୍ଜନ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ ରଣସିଂହ, ଗୌରାଙ୍ଗ ସାହୁ, ଶଶୀଭୂଷଣ ପାଟ୍ଟଶାଣି, ଗଣେଶ ମାଝୀ, ଆଲୋକ ସାମନ୍ତରାୟ,ଜ୍ୟୋତି ରଞ୍ଜନ ସ୍ୱାଇଁ, ମାନସ ଜେନା, ତପନ ପାଟ୍ଟଶାଣି, ନଳିନୀକାନ୍ତ ହରିଚନ୍ଦନଙ୍କ ସମେତ ସ୍ବୟଂସେବକ ସଙ୍ଘର ସମସ୍ତ କର୍ମକର୍ତ୍ତା, ଅଭିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ

ଅସ୍ତରଙ୍ଗ,(ସବ୍ୟୁ): କାକଟପୁର ବିଦ୍ୟୁତ ସବ ଡିଭିଜନ ଅଧୀନ ଅସ୍ତରଙ୍ଗ ବ୍ଲକର ବେଳାଭୂମି ହାଇସ୍କୁଲ ଠାରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ- ୨୦୨୫,ବୁଧବାର ଦିନ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଆଲୋଚନା ଚକ୍ର ବେଳାଭୂମି ହାଇସ୍କୁଲ ସଭାଗୃହରେ ଅବସର ପ୍ରାପ୍ତ ଶିକ୍ଷାବିତ କାହ୍ନୁ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଓଡିଶା ସରକାରଙ୍କ ବିଭାଗୀୟ ବରିଷ୍ଠ ଅଧିକାରୀ ଶ୍ରୀକାନ୍ତ ଦାସ ଓ ସତ୍ୟଜିତ ନାଇଡୁ, କାକଟପୁର ଅଧିକ୍ଷଣ ଯନ୍ତ୍ରୀ ସ୍ମୃତି ରଞ୍ଜନ ବେହେରା, ଅସ୍ତରଙ୍ଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ବେଉରା,ଲାଇନ ମ୍ୟାନ ରାକେଶ ସାହୁ, ପ୍ରମୁଖ ଯୋଗଦେଇ ବିଦ୍ୟୁତ୍ ଅପଚୟ ନ କରିବା ପାଇଁ ଶପଥ ପାଠ କରାଇଥିଲେ। ଶିକ୍ଷାବିତ ପ୍ରମୋଦ କୁମାର ନାୟକ,ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ, ସରପଞ୍ଚ କ୍ଷୀରୋଦ କାଣ୍ଡି, ପୂର୍ବତନ ସରପଞ୍ଚ ପ୍ରଫୁଲ ବିଶ୍ୱାଳ, ବିଦ୍ୟାଳୟ ପରି ଚାଳନା କମିଟି ସଭାପତି ପ୍ରତାପ ନାୟକ, ମଣି ବିଶ୍ୱାଳ, କନକା ନାୟକ,ଦେବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ, ଶିକ୍ଷକ ବିଜୟ କୁମାର ଭଟ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସନ୍ତୋଷ କୁମାର ଓଝା ।

# ବନୋମହୋତ୍ସବରେ ଚାରାରୋପଣ କାର୍ଯ୍ୟକ୍ରମ

ଟାଙ୍ଗୀ,(ସବ୍ୟୁ): ଟାଙ୍ଗୀ ବ୍ଲକ ଅଧିନସ୍ଥ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୭୬ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କରାଯାଇଛି ।ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ମୁକ୍ତେଶ୍ୱର ଶାଖା ବନପାଳ ମୀନାକୁମାରୀ ନାୟକ ଯୋଗଦେଇ ମାଆଙ୍କ ନାମରେ ଗଛଟିଏ ଲଗାଇ ତାର ଯତ୍ନ ନେବାକୁ କହିଥିଲେ ।ଅନ୍ୟମାନଙ୍କମଧ୍ୟରେ ,ବନପାଳ ମଧୁସ୍ମିତା ଜେନା ,ବନରକ୍ଷୀ ଜାନକୀ ସାହୁ,ନିରଞ୍ଜନ ମହାରଣା,ଯନ୍ତ୍ରୀ ରମେଶ ଚନ୍ଦ୍ର ଛୋଟରାୟ,ସ୍ୱାସ୍ଥ୍ୟକର୍ମୀ କାହ୍ନୁଚରଣ ପରିଡା,ଅଙ୍ଗନବାଡି କର୍ମୀ ଭାରତୀ ପରିଡା ପ୍ରମୁଖ ଜନ୍ମଦିନରେ ଗଛଟିଏ ଲଗାଇବା, ଅନ୍ୟମାନଙ୍କୁ ଗଛ ଉପହାରଦେବା,ସୁସ୍ଥ ପରିବେଶ ନିମନ୍ତେ ଯତ୍ନବାନ ହେବାପାଇଁ ମତବ୍ୟକ୍ତ କରିଥିଲେ ।ଶ୍ରୀ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।ଶିକ୍ଷକ ବାଇଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଦ୍ୟାଳୟର ଶିଶୁମାନଙ୍କଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନୋମୁଗ୍ଧକର ଥିଲା । ଅନ୍ୟମାନଙ୍କମଧ୍ୟରେ ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ,ମନୋରମା ସାହୁ,ରୂପାଲୀ ପାତ୍ର,ଗାୟତ୍ରୀ ବିଶ୍ୱାସ,ସୁପ୍ରିୟା ମଣ୍ଡଲ,ଶେଷଦେବ ପରିଡା,ଜଗନ୍ନାଥ ପଲେଇ,ଗୋବର୍ଦ୍ଧନ ସ୍ୱାଇଁ,ରାଜେଶ ସେଠୀ ,ବାପା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଜାତୀୟ ଡାକ୍ତର ଦିବସରେ ସମ୍ବର୍ଦ୍ଧନା ସଭା

ନୟାଗଡ଼, (ସବ୍ୟୁ): ନୟାଗଡ଼ ଇଟାମାଟି ଠାରେ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଡାକ୍ତର ରୋଗୀଙ୍କ ପାଇଁ ଭଗବାନ ସଦୃଶ ମତ ପ୍ରକାଶ ପାଇଥିଲା। ସମଗ୍ର ମାନବ ସଭ୍ୟତାକୁ ସୁସ୍ଥ ରଖିବାରେ ଡାକ୍ତରୀ ସେବା ଓ ଗୁଣର ମହାନତା ଦିଗ ଉପରେ ଏଠାରେ ଆଲୋଚନା କରାଯାଇଥିଲା।ଅବସରପ୍ରାପ୍ତ ଡାକ୍ତର ରାଜ କିଶୋର ବରାଡ଼, ଡାକ୍ତର ଦେବୀଦତ୍ତ ଦିବ୍ୟରଜଂନ ମିଶ୍ର, ମନ୍ଦାକିନୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ରୋଗୀ ସେବାପ୍ରତି ଡାକ୍ତରୀ ବିଦ୍ୟା ଉତ୍ସର୍ଗୀକୃତ କହିଥିଲେ। ବୈଠକରେ ଇଟାମାଟି ଶିକ୍ଷାବୈଶୟିକ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଡାକ୍ତର ପ୍ରସନ୍ନ କୁମାର ପୃଷ୍ଟି, ଡାକ୍ତର ନର୍ମଦା ମିଶ୍ର, ଶିକ୍ଷାବିତ ଶ୍ରବଣ କୁମାର ରାମ, ସଚ୍ଚିଦାନନ୍ଦ ସାଥୁଆ ଆଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠାତା ଲଡୁ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଇଟାମାଟି ଗିଭ ବ୍ଲକ ସେଭ ଲାଇଫ ଅନୁଷ୍ଠାନ ସଭାପତି ଭାଗିରଥୀ ବାଇ, 'ନିକୁଲ' ଅନୁଷ୍ଠାନ ର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ ଏବଂ ଉପଦେଷ୍ଟା କ୍ରିଷ୍ଣା କୁମାର ଅଗ୍ରୱାଲ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଉପସ୍ଥିତ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୁଣେରେ ଓଡ଼ିଆ ପାଳିଲେ ରଥ ଯାତ୍ରା

କାକଟପୁର ,(ସବ୍ୟୁ): ଓଡ଼ିଆମାନେ ଏକାଠି ହୋଇ ମହାରାଷ୍ଟ୍ରର ପୁଣେ ସ୍ଥିତ ଜଗନ୍ନାଥ ମନ୍ଦିରରେ ପାଳିଛନ୍ତି ରଥଯାତ୍ରା । ଭାଇ ଭଉଣୀ ଙ୍କୁ ରଥରେ ଟାଣି ମାଉସୀ ମା (ଖଦ୍କୀ ମନ୍ଦିର)କୁ ନେଇଥିଲେ । ହଜାର ହଜାର ଓଡ଼ିଆ ଭକ୍ତ ମାନେ ଏକାଠି ହୋଇ ଏଥିରେ ସାମିଲ ହୋଇ ରଥ ଟାଣିଥିଲେ । ପରେ ଜଗନ୍ନାଥ ସେବା ସମିତି ଆନୁକୂଲ୍ୟରେ ଓଡ଼ିଆ ଦଳ ତରଫରୁ ମନ୍ଦିର ପରିସରରେ ଓଡ଼ିଆମାନଙ୍କ ଦାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗୀତ, ନୃତ୍ୟ, ଡ୍ରମିଂ, ଜପ, ଭଜନ, ଓଡ଼ିଶୀ, କଥକ, ଭାରତନାଟ୍ୟମ, ସମ୍ବଲପୁରୀ ନୃତ୍ୟ ପରି ଅନେକ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ସଂଗୀତ ନୃତ୍ୟରେ ଅନେକ ନୃତ୍ୟ ରୂପରେ ନିଜକୁ ଉତ୍ସାହିତ କରିଥିଲେ ।

# ବ୍ୟାଙ୍କ ଡକାୟତି: ୩ ଗିରଫ, ଲୁଟ ଟଙ୍କା ଜବତ


ନୟାଗଡ଼, (ସବ୍ୟୁ): ନୟାଗଡ଼ ଥାନା ମାନ୍ଧାତାପୁର ଇଣ୍ଡିଆନ ବ୍ୟାଙ୍କରୁ ଡକାୟତି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅନ୍ୟ ୩ଜଣ ଫେରାର ହୋଇ ଯାଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ଠାରୁ ପୋଲିସ ଲୁଟ ଟଙ୍କା ଓ ସୁନା ଗହଣା ଜବତ କରିଥିବା ସୂଚନା ମିଳିଛି। ହେଲେ କେତେ ପରିମାଣର ଟଙ୍କା ଜବତ ତାହା ସ୍ପଷ୍ଟ ହୋଇ ନାହିଁ। ଅଭିଯୁକ୍ତଙ୍କ ବିଭିନ୍ନ ବ୍ୟାଙ୍କ ଲୁଟ ଓ ରାହାଜାନି ଘଟଣାରେ ସଂପୃକ୍ତି ରହିଥିବା ପୋଲିସ ଜାଣିବାକୁ ପାଇଛି। ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ନୟାଗଡ଼ ଜିଲ୍ଲା ମାନ୍ଧାତାପୁର ଇଣ୍ଡିଆନ ବ୍ୟାଙ୍କରେ ୬ ଜଣ ମୁଖାପିନ୍ଧା ବନ୍ଧୁକଧାରୀ ଦୁର୍ବୃତ୍ତ ପଶି ୨୦ ଲକ୍ଷରୁ ଅଧିକ ପରିମାଣର ଟଙ୍କାର ଓ ସୁନା ଅଳଙ୍କାର ଲୁଟି ନେଇ ଯାଇଥିଲେ। ପୋଲିସ୍ ପିଛା କରି ୩ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ସୂଚନା ମିଳିଛି। ତେବେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ୍ ର ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ଅଧିକ ତଦନ୍ତ ଚାଲି ଥିବାରୁ ଅଭିଯୁକ୍ତଙ୍କ ନାମ ପ୍ରକାଶ କରାଯାଇ ନାହିଁ। ଦୁର୍ବୃତ୍ତମାନେ ବ୍ୟାଙ୍କ କର୍ମଚାରୀ ଏବଂ ଗ୍ରାହକଙ୍କୁ ବନ୍ଧୁକମୁନରେ ଅଟକ ରଖି ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟ କରି ପଳାଇ ଯାଇଥିଲେ। ଡକାୟତଙ୍କ ଆକ୍ରମଣରେ ବ୍ୟାଙ୍କ କର୍ମଚାରୀ ଓ କେତେକ ଗ୍ରାହକ ଆହତ ହୋଇଥିଲେ। ଡକାୟତି ଘଟଣାରେ ଆଉ କାହାର ହାତ ରହିଛି । ପୋଲିସ ସେନେଇ ତଦନ୍ତ କରୁଥିବା ସୂଚନା ମିଳିଛି।

# ରଥଯାତ୍ରାରେ ବୃକ୍ଷ ବଣ୍ଟନ କରି ସଚେତନତା ସୃଷ୍ଟି କଲେ ତାପସ



ଗୋପ,(ସବ୍ୟୁ): ଯୁବ ଇଂଜିନିୟର ତାପସ କୁମାର ସାହୁ କିଛି ଦିନ ହେବ ଗଛ ମଣିଷ ଭାବରେ ନିଜକୁ ପରିଚିତ କରି ପାରିଛନ୍ତି। ପରିବେଶ କୁ ସୁନ୍ଦର ରଖିବା ଓ ମା ମାଟି ପାଇଁ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବାର ସ୍ୱପ୍ନ ଦେଖୁଥିବା ଏହି ଯୁବ ଇଂଜିନିୟର ଗୁରୁବାର ରଥଯାତ୍ରାରେ ଗୋପ ଓ ନିମାପଡ଼ା ଅଞ୍ଚଳରେ ବୁଲି ବୁଲି ଗଛ ଲଗାଇବା ସହିତ ବିଭିନ୍ନ ବର୍ଗର ସାଧାରଣ ଲୋକ ମାନଙ୍କୁ ବୃକ୍ଷ ବଣ୍ଟନ କରିଛନ୍ତି। ଏହି ଯୁବ ଇଂଜିନିୟର ତାପସ ଜଣେ ଇଂଜିନିୟର ହୋଇଥିଲେ ମଧ ତାଙ୍କର ଦରମା ରୁ ଏହି ସବୁ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ଆଉ ମଧ୍ୟ ଦୀର୍ଘ ୪/୫ ବର୍ଷ ଭିତରେ ୫ ହଜାର ରୁ ଅଧିକ ବୃକ୍ଷ ରୋପଣ କରିଥିବା ବେଳେ କାକଟପୁର ବ୍ଲକ ଅଞ୍ଚଳରେ ଏକ ୫ ଏକର ବିଶିଷ୍ଟ ଜମିରେ ଆମ୍ବ,ପଣସ,ଆକାଶୀ, କୃଷ୍ଣଚୁଡା, ଅଁଳା ସହିତ ବିଭିନ୍ନ ଔଷଧୀୟ ବୃକ୍ଷ ଲଗାଇଛନ୍ତି।

# ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ପର୍ଶୁରାମ ଅବତାର



ଦଶପଲ୍ଲା,(ସବ୍ୟୁ): ଗୁରୁବାର ଦିନ ଆଡ଼ପ ମଣ୍ଡପ ରେ ମହାପ୍ରଭୁ ପତିତପାବନଙ୍କ ପର୍ଶୁରାମ ଅବତାର ଦେଖିବାକୁ ମିଳିଛି । ଏହା ଶ୍ରୀ ବିଷ୍ଣୁଙ୍କ ଷଷ୍ଠ ଅବତାର । ପୌରାଣିକ କଥାବସ୍ତୁ ଅନୁଯାଇ ତ୍ରେତୟା ଯୁଗରେ ମହାରାଜା ଶହସ୍ରାର୍ଜୁନ ଅତୀବ ବଳିୟାନ ଥିଲେ ଏବଂ ସେ ଜଣେ ଅତ୍ୟାଚାରୀ ରାଜା ଥିଲେ । ଏପରିକି ପର୍ଶୁରାମ ଙ୍କ ପିତା ଭୃଗୁ ବଂଶୀୟ ଋଷି ଯମଦଗ୍ନି ଙ୍କୁ ସହସ୍ରାଅର୍ଜୁନ ହତ୍ୟା କରିଥିଲା । ଏଥିରେ ରାଗାନ୍ୱିତ ହୋଇ ପର୍ଶୁରାମ ସହସ୍ରାର୍ଜୁନ କୁ ବଦ୍ଧ କରିବା ସହ ୨୧ ଥର ପୃଥିବୀ ଜୟ କରି ଖେତ୍ରୀୟ ମାନଙ୍କୁ ନିପାତ କରି ପୃଥିବୀ ରେ ଶାନ୍ତି ଫେରାଇ ଆଣିଥିଲେ । ଶେଷରେ ପ୍ରଭୁ ଶ୍ରୀରାମ ଙ୍କୁ ତାଙ୍କ ବୈଷ୍ଣବା ଧନୁ ସମର୍ପଣ କରି ପ୍ରଭୁ ପର୍ଶୁରାମ ତପସ୍ୟା କରିବାକୁ ଚାଲିଯାଇଥିଲେ । ଭଗବାନ ପର୍ଶୁରାମ ହେଉଛନ୍ତି ଅନ୍ୟାୟ ଉପରେ ନ୍ୟାୟର ବିଜୟ ର ପ୍ରତୀକ ଏବଂ ସେ ଚିରଞ୍ଜିବୀ । ମହାପ୍ରଭୁଙ୍କ ଏହି ପର୍ଶୁରାମ ଅବତାର ଦେଖିବାକୁ ଆଡ଼ପ ମଣ୍ଡପ ରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା ।

# ଏନ୍ଏସିରେ ଟେଣ୍ଡର ଫିକ୍ସିଂ ଅଭିଯୋଗ : ଠିକାଦାର ମହାସଂଘର ବିକ୍ଷୋଭ



ନିମାପଡା,(ସବ୍ୟୁ): ବିଭିନ୍ନ ଉନ୍ନୟନ ମୂଳକ ଟେଣ୍ଡର କାମରେ ସ୍ୱଚ୍ଛତା ରହୁନଥିବା ନେଇ ଅଭିଯୋଗ କରି ଗୁରୁବାର ଦିନ ଠିକାଦାର ମହାସଂଘ ପକ୍ଷରୁ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିନା ପରିଷଦ ବୈଠକରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ ମନଇଚ୍ଛାରେ ସ୍ୱିଟପ ମାଧ୍ୟମରେ ଅନାମଧେୟ ଲୋକଙ୍କୁ ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦେଉଛନ୍ତି । ଏପରିକି ବାହାରର କେତେକ ଠିକାଦାର ଜାଲ ଦସ୍ତଖତ ଓ ଅନିୟମିତତା କରି ଟେଣ୍ଡର କାର୍ଯ୍ୟ ପାଉଥିବା ନେଇ ଠିକଦାର ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଟେଣ୍ଡର ଫିକ୍ସିଂ ହେଉଥିବା ଅଭିଯୋଗ କରି ମହାସଂଘ ପକ୍ଷରୁ ଏହି ବିକ୍ଷୋଭ କରାଯାଇଛି । ବିକ୍ଷୋଭରେ ନିମାପଡା ଠିକାଦାର ମହାସଂଘର ସଭାପତି,ଯୁବ ଠିକାଦାର କ୍ଷିତିଶ ପ୍ରସାଦ ମହାନ୍ତିଙ୍କ ସମେତ ମହାସଂଘର ସମସ୍ତ ସଭ୍ୟ ସାମିଲ ହୋଇଥିଲେ । ହେଉଥିବା ଟେଣ୍ଡର କାର୍ଯ୍ୟ ଗୁଡିକ ସମସ୍ତ ସରକାରୀ ନିତୀନିୟମ ଅନୁଯାୟୀ କରାଯାଉଛି ଏଥିରେ କୌଣସି ଅନିୟମିତତା ହୋଇନାହିଁ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ କହିଛନ୍ତି ।


# ୪୦ କୋଟି ଟଙ୍କା ବ୍ୟୟରେ ୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

କାକଟପୁର ,(ସବ୍ୟୁ): କାକଟପୁର ଗ୍ରାମ୍ୟଉନ୍ନୟନ ବିଭାଗ ସବଡ଼ିଭିଜନ ପକ୍ଷରୁ ଗୁରୁବାର ଦିନ ୪୦ କୋଟି ଟଙ୍କା ବ୍ୟୟ ବରାଦରେ ୪ ଗୋଟି ରାସ୍ତା କାର୍ଯ୍ୟ ସହ ୧ ଗୋଟି ସେତୁ ର୍ନିମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି । ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି କାକଟପୁର ଠାରୁ ପାଟସୁନ୍ଦରପୁର ୫ କିମି ୪୨ ମିଟର ରାସ୍ତା । ଗ୍ରାମ୍ୟଉନ୍ନୟନ , ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀ ରବି ନାୟକଙ୍କ ଦ୍ୱାରା ଏହି ପ୍ରକଳ୍ପକର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥି । ବେଳେ କାର୍ଯ୍ୟକ୍ରମରେ ଜଗତସିଂହପୁରପୁର ଲୋକସଭା ସାଂସଦ ଡ଼ଃ ବିଭୂପ୍ରସାଦ ତରାଇ , ,କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ , ପୂର୍ବତନ ବିଧାୟକ ବାଇଧର ମଲ୍ଲିକ,କଣ୍ଟାପଡା ଗ୍ରାମପଞ୍ଚାୟତ ମଙ୍ଗଳା ପ୍ରସାଦ ସାମନ୍ତରାୟ, ପ୍ରମୁଖ ଶତାଧିକ କର୍ମୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ ।

# ପଥପ୍ରାନ୍ତ ବିଶ୍ରାମସ୍ଥଳ ଉଦଘାଟିତ

କଣ୍ଟାପଡ଼ା,(ସବ୍ୟୁ): ଓଲଟପୁର ଥାନା ଅନ୍ତର୍ଗତ ସୁନ୍ଦରଗ୍ରାମ ଠାରେ ପଥପ୍ରାନ୍ତ ବିଶ୍ରାମସ୍ଥଳ ଉଦଘାଟିତ ହୋଇଛି। ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ତିଥିରେ ଏହି କେନ୍ଦ୍ରକୁ ବାଗଲପୁର ସରପଞ୍ଚ ଜୋସ୍ନାରାଣୀ ସେଠୀ ଉଦଘାଟନ କରିଥିଲା ବେଳେ ସ୍ୱାଧିକାରୀ ଅନିଲ କୁମାର ମହାନ୍ତି, ଚିନ୍ମୟୀ ମହାନ୍ତି, ଦିଲୀପକୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ ସ୍ୱାସ୍ଥ୍ୟପ୍ରଦ ତଥା ସ୍ୱାଦିଷ୍ଟ ଜଳଖିଆ ସୁଲଭ ଦରରେ ଉପଲବ୍ଧ ହେବ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ରିହାତି ମୂଲରେ ଜଳଖିଆ ଦିଆଯିବବୋଲି ଚିନ୍ମୟୀ ମହାନ୍ତି ସୂଚନା ଦେଇଛନ୍ତି। ଫୁଲନଖରା-ନିଆଳି ୬୦ ନମ୍ବର ରାଜ ରାଜପଥରେ ଏ ଧରଣର ପ୍ରଥମ ଶୀତତାପ ନିୟନ୍ତ୍ରିତ ରେସ୍ତୋଂରା ବୋଲି ଜଣାପଡ଼ିଛି। ବିଜୟକୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।

# ଅବସର ନେଲେ ୬ ଶିକ୍ଷକ ଶିକ୍ଷୟତ୍ରୀ



ବାଲିପାଟଣା ,(ସବ୍ୟୁ): ବାଲିପାଟଣା ଶିକ୍ଷା ମଣ୍ଡଳର ବିଭିନ୍ନ ବିଦ୍ୟାଳୟର ଛଅ ଜଣ ଶିକ୍ଷକ ଶିକ୍ଷୟତ୍ରୀ ସୋମବାର ପୂର୍ବାହ୍ନରେ ଆୟୋଜିତ ଏକ ସମୂହ ଅବସର ଗ୍ରହଣ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ ପ୍ରଭାତ କୁମାର ରଥଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଆର୍ତ୍ତତ୍ରାଣ ବିଦ୍ୟା ନିକେତନ ର ପ୍ରଧାନ ଶିକ୍ଷକ ଶିବ ନାରାୟଣ ହୋତା, ଜନବିଦ୍ୟାମନ୍ଦିର ର ପ୍ରଧାନ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ବରିହା,ଶିକ୍ଷକ ଗୋକୁଳାନନ୍ଦ ଜୟସିଂହ, ମକୁନ୍ଦାସ ପୁର ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅବଦୁଲ ସାଜିଦ ଖାଁ, ଆଦଲାବାଦ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ କାଦମ୍ବିନୀ ସେନାପତି ଓ ସାରଦା ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରୀ ମଞ୍ଜୁଲତା ପାଢ଼ୀ ପ୍ରମୁଖଙ୍କୁ ପେନସନ କାଗଜପତ୍ର ସହିତ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶିକ୍ଷା ଅଧିକାରୀ ଯଶୋଦା ସାହୁ ଓ ଅନ୍ୟତମ କର୍ମଚାରୀ ଅର୍ଜୁନ ବାରିକ ଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ସେମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।କାର୍ଯ୍ୟକ୍ରମ ପ୍ରାରମ୍ଭରେ ଝୁନି ଦେଇ, ମମୀତା ଦଳାଇ,ଲକ୍ଷ୍ମୀପ୍ରିୟା ବେହେରା ସାଗତ ସଙ୍ଗୀତ ଗାନ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଅର୍ଣ୍ଣବ ବେଉରା,ସୁଷମା ରାଣୀ ମହାପାତ୍ର,ପ୍ରଦୀପ୍ତ କୁମାର ସାହୁ,ବିଜୟ ବେହେରା,ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ବେହେରା,ଶିକ୍ଷକ ନେତା ପ୍ରଭାକର ମଲ୍ଲିକ,ଆଲୋକ ସାହୁ,ଦୀନକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# 'କାଣିଚାଏ ଅନୁଭୂତି' ଉନ୍ମୋଚିତ

କଣ୍ଟାପଡ଼ା, (ସବ୍ୟୁ): ଅବସରପ୍ରାପ୍ତ ଉଦାନ କୃଷି ଅଧିକାରୀ ତଥା ସାରସ୍ୱତ ସାଧକ ଆରତଭନ ମହାନ୍ତିଙ୍କଦ୍ୱାରା ଲିଖିତ 'କାଣିଚାଏ ଅନୁଭୂତି' ପୁସ୍ତକ ସୁନ୍ଦରଗ୍ରାମଠାରେ ଲୋକାର୍ପିତ ହୋଇଛି। 'ସୌଦାମିନୀ' ପତ୍ରିକା ସମ୍ପାଦକ ପ୍ରକାଶ ନନ୍ଦଙ୍କଦ୍ୱାରା ପ୍ରକାଶିତ ଏହି ୧୯୦ ପୃଷ୍ଠା ବିଶିଷ୍ଟ କାବ୍ୟ ପୁସ୍ତିକାକୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ମହାନ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ସୁରେନ୍ଦ୍ରନାଥ ଛୋଟରାୟ, ଲିଙ୍ଗରାଜ ମହାନ୍ତି, ଦ୍ୱାରିକାନାଥ ଦାଶ, ଇଂ.ଫଣିଭୂଷଣ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଦୁର୍ଗାପ୍ରସାଦ ମହାନ୍ତି ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିରନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୭/୦୮)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ )

**ଆୟୁଃସତ୍ତ୍ୱବଳାରୋଗ୍ୟସୁଖପ୍ରୀତିବିବର୍ଦ୍ଧନାଃ ।**
**ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ।।୮।।**

ପରମାୟୁ, ଉତ୍ସାହ, ସାମର୍ଥ୍ୟ, ସ୍ୱାସ୍ଥ୍ୟ, ଚିତ୍ତର ପ୍ରସନ୍ନତା ଓ ରୁଚି–ଏମାନଙ୍କର ବର୍ଦ୍ଧନକାରୀ ଅଥଚ ରସଯୁକ୍ତ, ଚିକ୍କଣ, ସ୍ଥିରଗୁଣସମ୍ପନ୍ନ ଏବଂ ମନୋହର, ଏପରି ଯେଉଁ ଭକ୍ଷ୍ୟଭୋଜ୍ୟାଦି ତାହା ସାତ୍ତ୍ୱିକଗୁଣବିଶିଷ୍ଟ ବ୍ୟକ୍ତିମାନଙ୍କର ପ୍ରିୟ ଅଟେ ।।୮।।

# ଫୌଜଦାରୀ ଆଇନରେ ସଂସ୍କାର ବ୍ୟବସ୍ଥା

## ସମ୍ପାଦକୀୟ

'ଭାରତୀୟ ନ୍ୟାୟ ସଂହିତା' ନୂତନ ଫୌଜଦାରୀ ଆଇନ କ୍ଷେତ୍ରରେ ବିରାଟ ସଂସ୍କାର ଆସିଛି ସ୍ୱାଧୀନ ଭାରତରେ ବୋଲି ନୂଆଦିଲ୍ଲୀରେ ନିକଟରେ ଅନୁଷ୍ଠିତ ଏକ ସଭାରେ ଗୃହମନ୍ତ୍ରୀ ଅମିତ ଶାହା ପ୍ରକାଶ କରିଛନ୍ତି । 'ନ୍ୟାୟ ପଦ୍ଧତିରେ ବିଶ୍ୱାସର ସୁବର୍ଣ୍ଣ ବର୍ଷ ଗୋଟିଏ' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା କହିଥିଲେ ଯେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ପ୍ରଭୃତିକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କାର୍ଯ୍ୟକାରୀ କରିବା ଦ୍ୱାରା ନ୍ୟାୟ ଶାସନକୁ ସେ ଜନସାଧାରଣଙ୍କର ନିକଟବର୍ତ୍ତୀ କରାଇ ପାରିଛନ୍ତି । ସ୍ୱଚ୍ଛ ଓ ସରଳ ଉପାୟରେ ଜଣେ ନ୍ୟାୟ ପାଇପାରିବ ବୋଲି ବିଶ୍ୱାସ ଜାତ ହୋଇଛି ବୋଲି ସେ କହିଛନ୍ତି ।

ଅତୀତରେ ବ୍ରିଟିଶ ଶାସନରେ ଦାସତ୍ୱରୁ ମୁକ୍ତି ପାଇବା ସହିତ ଭାରତୀୟ ସଂବିଧାନ ଦ୍ୱାରା ପ୍ରଦତ୍ତ ଅଧିକାରଗୁଡ଼ିକ ଭାରତୀୟମାନେ ହାସଲ କରିବା କ୍ଷେତ୍ରରେ ଯେ ବିରାଟ ସଂସ୍କାର କରାଯାଇ ପାରିଛି, ଏଥିରେ ସନ୍ଦେହ ନାହିଁ । ଫୌଜଦାରୀ ଆଇନ ପଦ୍ଧତିରେ ବିରାଟ ପରିବର୍ତ୍ତନ ସଂଘଟିତ ହୋଇଛି । ପୁରୁଣାକାଳିଆ ବ୍ରିଟିଶ ଅମଳର ଇଣ୍ଡିଆନ ପେନାଲ କୋର୍ଡ (IPC) ଆଉ ନାହିଁ କି କୋର୍ଡ ଅଫ୍ କ୍ରିମିନାଲ ପ୍ରୋସିଡିଅର (CrPC) ଓ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ (IEA) ଆଉ ନାହିଁ । ନୂତନ କୋର୍ଡ ବା ସଂହିତା ସେହି ସ୍ଥାନ ନେଇଛି, ଜଣେ ଅପରାଧୀକୁ ଦଣ୍ଡବିଧାନ କରିବା ପରିବର୍ତ୍ତେ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି । ଆଇ.ପି.ସି. ଯାହା ୧୮୬୦ ମସିହାରୁ ପ୍ରଚଳିତ ଥିଲା, ସେଥିରୁ ବି.ଏନ୍.ଏସ୍. (ଭାରତ ନ୍ୟାୟ ସଂହିତା)ରେ ୫୧୧ ଗୋଟି ଧାରାରୁ ୩୬୫ ଗୋଟି ଧାରାକୁ ସଂଯୁକ୍ତ କରାଯାଇଛି । ମାତ୍ର ସେହି ଧାରାଗୁଡ଼ିକ ପ୍ରାୟ ଅପରିବର୍ତ୍ତିତ ହୋଇଛି ନୂତନ ଧାରାରେ । ଦୃଷ୍ଟାନ୍ତ ସ୍ୱରୂପ ଚୋରୀ ହୋଇଥିବା ସଂପତ୍ତି ସଂକ୍ରାନ୍ତରେ ଯାହା ଆଇ.ପି.ସି.ରେ ଥିଲା, ନୂତନ ବି.ଏନ୍.ଏସ୍. ବ୍ୟବସ୍ଥାରେ ସେ ସବୁ ସଂଯୁକ୍ତ ହୋଇ ସେକ୍ସନ ୩୧୭ରେ ରହିଛି । ସେହିପରି ମହିଳା ଓ ଶିଶୁ ସଂକ୍ରାନ୍ତୀୟ ଯେଉଁ ବ୍ୟବସ୍ଥା ଆଇ.ପି.ସି.ରେ ଥିଲା, ତାହାକୁ ନୂତନ ବି.ଏନ୍.ଏସ୍. ବ୍ୟବସ୍ଥାରେ ଏକତ୍ର କରି ପଞ୍ଚମ ଅନୁଚ୍ଛେଦରେ ରଖାଯାଇଛି ।

ଉଲ୍ଲେଖନୀୟ ଯେ ୧୭୫ଟି ଧାରାର ପରିବର୍ତ୍ତନ ନୂତନ ବି.ଏନ୍.ଏସ୍. ବ୍ୟବସ୍ଥାରେ କରାଯାଇଛି । ସେହିପରି ୮ ଗୋଟି ନୂତନ ଧାରାକୁ ସଂଯୁକ୍ତ କରାଯାଇଛି ଏବଂ ୨୨ ଗୋଟି ଧାରାକୁ ରଦ୍ଦ କରାଯାଇଛି । କେତେକ ପୁରାତନ ଭାଷାକୁ ପରିବର୍ତ୍ତନ କରାଯାଇଛି । ଉଦାହରଣ ସ୍ୱରୂପ 'ନାବାଳକ' (minor) ପରିବର୍ତ୍ତେ 'ଶିଶୁ' (child) ବୋଲି ରଖାଯାଇଛି । ସେହିପରି ଭାରତ ନ୍ୟାୟ ସଂହିତାର ନୂତନ ବ୍ୟବସ୍ଥାରେ ୧୦୬ ଧାରା ଅନୁଯାୟୀ ଜଣେ ଡାକ୍ତରଙ୍କ ଅବହେଳାରୁ କୌଣସି ରୋଗୀର ମୃତ୍ୟୁ ହୋଇଥିଲେ, ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଦୁଇ ବର୍ଷ ସକାଶେ କାରାଦଣ୍ଡ ଓ ଜରିମାନାର ବ୍ୟବସ୍ଥା ରହିଛି ।

ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଆଇନଟି ପୁରାତନ କ୍ରିମିନାଲ ପ୍ରୋସିଡ୍ୟୁଅର କୋର୍ଡ (CrPC) ବଦଳରେ କରାଯାଇଛି । ପେଷାଦାର ଅପରାଧୀ ପ୍ରଭୃତିଙ୍କୁ ହ୍ୟାଣ୍ଡକପ୍ ଦେଇ କୋର୍ଟମାନଙ୍କୁ ନବା ଆଣିବା କରାଯାଉଥିଲା । ମାତ୍ର ନୂତନ ବ୍ୟବସ୍ଥାରେ ଏହି ହ୍ୟାଣ୍ଡକପ୍ ବ୍ୟବସ୍ଥା ଉଠାଇ ଦିଆଯାଇଛି ।

ସେହିପରି ପୁରାତନ ଭାରତୀୟ ସାକ୍ଷ୍ୟ ଆଇନ ପରିବର୍ତ୍ତେ 'ଭାରତୀୟ ସାକ୍ଷ୍ୟ ଅଧିନିୟମ'୨୦୨୩ ଆଇନରେ ୧୭୦ଟି ସେକ୍ସନ ରଖାଯାଇଛି । ପୂର୍ବରୁ ଏଥିରେ ୧୬୭ଟି ସେକ୍ସନ ଥିଲା ଏବଂ ସେଥିରୁ ୨୩ଟି ସେକ୍ସନରେ ସଂଶୋଧନ କରାଯାଇଛି । ଗୋଟିଏ ନୂତନ ସେକସନକୁ ଏଥିରେ ସଂଯୁକ୍ତ କରାଯାଇ ୫ଟି ସେକସନକୁ ରଦ୍ଦ କରାଯାଇଛି । ଏହି ନୂତନ ଆଇନ ବ୍ୟବସ୍ଥାରେ ଏତଲା ଦେବାଠାରୁ, କେସ୍ ଡାଏରୀ ଓ ତା'ପରେ ଚାର୍ଜସିଟ୍ ଆଉ ଜଜମେଣ୍ଟ ବା ରାୟ ଦେବା ପର୍ଯ୍ୟନ୍ତ ସବୁ କଥାକୁ ଡିଜିଟାଇଜେସନ କରାଯିବ । ଏହି ନୂତନ ସାକ୍ଷ୍ୟ ବ୍ୟବସ୍ଥାରେ ନୂତନ ବୈଷୟିକ ବ୍ୟବସ୍ଥାକୁ ସଂଯୁକ୍ତ କରାଯାଇ କମ୍ପ୍ୟୁଟର, ଇ–ମେଲ୍, ସ୍ମାର୍ଟ ଫୋନ, ଫୋନ୍‌ର ସଂକ୍ଷିପ୍ତ ବାର୍ତ୍ତା SMS ବ୍ୟବସ୍ଥାଗୁଡିକ ଅନ୍ତର୍ଭୁକ୍ତ କରାଯାଇଛି । ମାତ୍ର ଶିଶୁ ବଳାତ୍କାର ପ୍ରଭୃତି ଘଟଣାରେ ଅଧିକାରୁ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା କରା ନଗଲେ ଏହି ସବୁ ନୂତନ ଆଇନ ବିଶେଷ ଭାବେ ଫଳପ୍ରଦ ହୋଇ ନ ପାରେ ବୋଲି ମନେ ହେଉଛି ।

## ଯଶ

**ସମୟ ସହିତ ତାଳ ଦେଇ ଭଲ କାମ କରିପାରିଲେ ଜୀବନ ଧନ୍ୟ ହୁଏ । ଜୀବନ କ୍ଷଣସ୍ଥାୟୀ । ଏଣୁ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଭଲ କାର୍ଯ୍ୟରେ ଉପଯୋଗ କରାଯିବା ଆବଶ୍ୟକ । ଏ ଶରୀର, କାମନା, ଆଶା, ଆକାଂକ୍ଷା, ଧନ ସମ୍ପତ୍ତି ସବୁ କିଛି ଧ୍ୱଂସ ହୋଇଯାଏ ମୃତ୍ୟୁରେ । ମୃତ୍ୟୁ ଆଗରୁ ଏମିତି କିଛି କାମ କରାଯିବା ଆବଶ୍ୟକ, ଯାହା ଫଳରେ କାଳ କବଳିତ କରିପାରିବନି ଯଶ ଓ ସୁନାମକୁ ।**

*ସଂଗ୍ରାହକ–ଡ. ପ୍ରଦୀପ କୁମାର ଚୌଧୁରୀ*


ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶ୍ରୀକ୍ଷେତ୍ରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା



ଡକ୍ଟର ଲକ୍ଷ୍ମଣ ସାହୁ



ରଥଯାତ୍ରା ବନାମ ରଥ, ଘୋଷଯାତ୍ରା ଓ ଶ୍ରୀଗୁଣ୍ଡିଚା ନାମରେ ମଧ ନାମିତ ହୋଇଆସୁଛି । ଏହି ମହୋତ୍ସବ ଓଡ଼ିଶାର ପୁରୀଠାରେ ପାଳିତ ଓ ଜଗନ୍ନାଥଙ୍କ ସହ ସମ୍ବନ୍ଧିତ ଏକ ହିନ୍ଦୁମାନଙ୍କ ଶ୍ରେଷ୍ଠ ପର୍ବ ବୋଲି ଧରାଯାଏ । ବିଶ୍ୱ ଦରବାରରେ ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସର୍ବପ୍ରସିଦ୍ଧ । ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରାର ମଧରେ ପ୍ରଧାନ । ଏହି ଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୋଇଥାଏ । ଏହି ଯାତ୍ରା ଘୋଷଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ଆଦି ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକକଥାରେ ଅଭିହିତ ହୋଇଛି । ଓଡ଼ିଶାରେ ରଥଯାତ୍ରା ପୁରୀ ସମେତ ବିଭିନ୍ନ ସ୍ଥାନରେ ଓ ଓଡ଼ିଶା ବାହାରେ ଦେଶ ବିଦେଶରେ ପାଳିତ ହେଉଛି ।

ବିଭିନ୍ନ ମତାନୁସାରେ ରଥଯାତ୍ରାର ୮ଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ । ୧) ସ୍ନାନ ଉତ୍ସବ, ୨) ଅନବସର, ୩) ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୪) ଶ୍ରୀଗୁଣ୍ଡିଚା, ୫) ହେରାପଞ୍ଚମୀ, ୬) ଆଡ଼ପ ଉତ୍ସବ, ୭) ବାହୁଡ଼ା ଯାତ୍ରା ଓ ୮) ନୀଳାଦ୍ରି ବିଜେ । ପୁନଶ୍ଚ ରଥଯାତ୍ରା ୫ ଭାଗରେ ବିଭକ୍ତ ହୋଇଛି । ଯଥା ୧) ଅନ୍ତର୍ବେଦୀ, ୨) ମହାବେଦୀ ମହୋତ୍ସବ, ୩) ଆଡ଼ପ ଉତ୍ସବ, ୪) ଦକ୍ଷିଣାମୁଖୀ ଉତ୍ସବ ଓ ୫) ନୀଳାଦ୍ରି ବିଜେ । ଏହାକୁ ଗୁଣ୍ଡିଚା ପଞ୍ଚକ କୁହଯାଏ ।

ବହୁ ପ୍ରାଚୀନ ତଥ୍ୟ ନେଇ ଗବେଷକମାନେ ରଥଯାତ୍ରା ଉପରେ ମତ ପ୍ରଦାନ କରିଛନ୍ତି । ଋଗ୍‌ବେଦ ଓ ଅଥର୍ବ ବେଦ ଇତ୍ୟାଦିରେ ରଥ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ । ପରବର୍ତ୍ତୀ କାଳରେ ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ମଧ ଏହାର ଆଭାସ ମିଳିଥାଏ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ମଧରେ ଖୋଦିତ ହୋଇଥିବା କେତେକ ପ୍ରାଚୀନ ଭାସ୍କର୍ଯ୍ୟକୁ ଅନୁଧ୍ୟାନ କଲେ ସୂର୍ଯ୍ୟଙ୍କ ରଥଯାତ୍ରାର ସମ୍ୟକ୍ ନିଦର୍ଶନ ମିଳିଥାଏ । ତେଣୁ ବୋଧହୁଏ ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତୀ ପରିକଳ୍ପନା ହେଉଛି ପୁରୁଷୋତ୍ତମ କ୍ଷେତ୍ରସ୍ଥ ମହାପ୍ରଭୁଙ୍କ ରଥଯାତ୍ରା । ଯେଉଁ ସବୁ ରଥଯାତ୍ରାର ଉଲ୍ଲେଖ ହୋଇଛି ସେଥିମଧରେ ଶ୍ରୀକ୍ଷେତ୍ର ଧାମ ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସବୁଠାରୁ ଅଧିକ ପ୍ରସାରିତ ଓ ଜନାଦୃତ । କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି ବୋଲି ଅନୁମାନ କରନ୍ତି । କାରଣ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ଖୋଟାନରେ ଅନୁଷ୍ଠିତ ରଥଯାତ୍ରାର ଯେଉଁ ବିବରଣୀ ଲିପିବଦ୍ଧ କରିଛନ୍ତି, ତାହା ଆଜି ସୁଦ୍ଧା ପ୍ରଚଳିତ ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ସହ ମେଳ ଖାଉଛି ।

ରଥଯାତ୍ରାର ଅନେକ ପ୍ରତିଶବ୍ଦ ରହିଛି । ବିଶ୍ୱର ମଙ୍ଗଳ ଘୋଷଣା କରୁଥିବାରୁ ବା ନନ୍ଦିଘୋଷ ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ଘୋଷଯାତ୍ରା କୁହାଯାଏ । ସେଭଳି ଗୁଣ୍ଡିଚା ମଣ୍ଡପରେ ଥିବା ଆଡ଼ପମଣ୍ଡପରେ ବିଜେ କରୁଥିବାରୁ ଆଡ଼ପମଣ୍ଡପ ଯାତ୍ରା କହନ୍ତି । ଅନ୍ୟ ପକ୍ଷରେ ପ୍ରଭୁଙ୍କର ଜନ୍ମ ବେଦୀ ଆଡ଼ପମଣ୍ଡପଠାରେ ହୋଇଥିବାରୁ ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା ଧରାଯାଏ । ଏପରିକି ଗୁଣ୍ଡିଚା ଘରେ ଦଶ ଅବତାର ବେଶ ହେଉଥିବାରୁ, ଏହାକୁ ଦଶାବତାର ଯାତ୍ରା କହିଥାନ୍ତି । ପ୍ରଭୁ ପତିତମାନଙ୍କୁ ଉଦ୍ଧାର କରିବାକୁ ଏହି ଯାତ୍ରା ହେଉଥିବାରୁ ପତିତପାବନ ଯାତ୍ରା ବୋଲାଯାଏ । ମହାପ୍ରଭୁଙ୍କ ଏହି ଯାତ୍ରା ଯିବା ଆସିବା ଓ ରହଣୀକୁ ମିଶେଇ ୯ ଦିନ ହେଉଥିବାରୁ ଏହାକୁ ନବଦିନାତ୍ମକ ଯାତ୍ରା କୁହାଯାଏ । ବିଶେଷତଃ ପ୍ରଭୁ ଗୁଣ୍ଡିଚା ଘରକୁ ଯାତ୍ରା କରୁଥିବାରୁ ଏହା ଗୁଣ୍ଡିଚା ଯାତ୍ରା ଅଟେ । ଜଗନ୍ନାଥ ସଂସ୍କୃତିର ଗବେଷକ ହରିହର କାନୁନଗୋଙ୍କ ମତରେ ଜଗନ୍ନାଥଙ୍କ ରଥଯାତ୍ରା ଏକ ବୌଦ୍ଧ ଅନୁଷ୍ଠାନ । ସିଂହଳରେ ଯେଉଁ ରଥଯାତ୍ରା ପାଳିତ ହୁଏ, ସେଥିରେ ବୁଦ୍ଧଙ୍କ ଦନ୍ତକୁ ବୈଶାଖ ଶୁକ୍ଳ ତ୍ରୟୋଦଶୀ ଦିନ ବାହାର କରି ହାତୀ ଉପରେ ଥୋଇ ମହା ସମାରୋହରେ ଶୋଭାଯାତ୍ରାରେ ନିଆଯାଏ ଓ ନଗରର ରାଜମାର୍ଗ ମାନ ବୁଲାଇ ସେହି ଦନ୍ତକୁ ଶେଷରେ ଏକ ମଣ୍ଡପରେ ସ୍ଥାପନ କରାହୁଏ । ସେଠାରେ ଛଅଦିନ ରହିବା ପରେ ପୁଣି ଦନ୍ତ ମନ୍ଦିରକୁ ଫେରି ଆସେ । ତେଣୁ ପୁରୀରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଜଗନ୍ନାଥ ମହାପ୍ରଭୁ କାଷ୍ଠ ନିର୍ମିତ ରଥରେ ବାହାରି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ ଅତିକ୍ରମ କରି ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚନ୍ତି ଓ ସେଠାରେ ୭ଦିନ ରହି ପୁଣି ଶୁକ୍ଳ ଦଶମୀ ଦିନ ଶ୍ରୀମନ୍ଦିରରକୁ ବାହୁଡା ବିଜେରେ ଫେରିଥାନ୍ତି ।

ପୁରାତନତତ୍ତ୍ୱବିତ୍ ରାଜେନ୍ଦ୍ର ଲାଲ ମିତ୍ରଙ୍କ ମତାନୁଯାୟୀ ପୁରୀର ରଥଯାତ୍ରା ବୁଦ୍ଧଦେବଙ୍କ ଜନ୍ମୋତ୍ସବ ପାଳନର ସ୍ମୃତି ମାତ୍ର । ଷୋଡ଼ଶ ଶତାବ୍ଦୀରେ ରଚିତ ମାଦଳା ପାଞ୍ଜିରେ ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବର୍ଣ୍ଣନା ଦେଖିବାକୁ ମିଳେ । ଏଥିରେ ଉଲ୍ଲେଖ ଅଛି ଯେ, ବୀର ନରସିଂହ ଦେବ ରାଜା ରାଜୁତି କଲେ । ଏ ରାଜା ବାଙ୍କୀ ମୁହାଣ ପୋତାଇଲେ । ଆଗରୁ ଛଅ ରଥ ହେଉଥିଲା, ରାଜା ତାହା ପୋତାଇ ତିନି ରଥ କରାଇଲେ । ଗୁଣ୍ଡିଚା ଘର ଦେଉଳ କାଠ ମଣ୍ଡପ ହୋଇଥିଲା, ତାହା ପଥର ମଣ୍ଡପ କଲେ । ଏ ଦୁଇ ପାଖେ ବଳଗଣ୍ଡି କଲେ । ସେଭଳି କେହି ଜଣେ ଗବେଷକ ଲାଙ୍ଗୁଳା ନରସିଂହ ଦେବଙ୍କ ପରବର୍ତ୍ତୀ ରାଜା ଭାନୁଦେବଙ୍କ (ଖ୍ରୀ.ଅ ୧୨୬୪–୧୨୭୮)ଙ୍କ ସମୟରେ ଛଅ ରଥ ପରିବର୍ତ୍ତେ ତିନି ରଥ ହେବାର ବ୍ୟବସ୍ଥା ହୋଇଥିଲା ବୋଲି ଦର୍ଶାଇଛନ୍ତି । ମାଦଳା ପାଞ୍ଜିରୁ ଏହି ଛଅ ରଥ କେବେଠାରୁ ଶ୍ରୀକ୍ଷେତ୍ରରେ ପ୍ରଚଳିତ ହେଲା, ସେ ସମ୍ପର୍କରେ କୌଣସି ତଥ୍ୟ ମିଳୁନାହିଁ । ***କିନ୍ତୁ ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ପୁରୀରେ ରଥ ଯାତ୍ରା ଅନୁଷ୍ଠିତ ହେଉଥିବାର ପ୍ରମାଣ ମିଳୁଛି । ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ରଚିତ ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡର ପୁରୁଷୋତ୍ତମ ମାହାତ୍ମ୍ୟରେ ରଥଯାତ୍ରାର ସବିଶେଷ ବିବରଣୀ ମଧ ଉଲ୍ଲେଖ ରହିଛି ।***

ଖ୍ରୀ.ଅ ଅଷ୍ଟମ ବା ନବମ ଶତାବ୍ଦୀରେ ସୋମବଂଶୀ ରାଜା ଯଯାତି କେଶରୀଙ୍କ ସମୟରେ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବିଷୟ ଭିକାରୀ ପଟ୍ଟନାୟକଙ୍କ ୧୮୫୯ ସାଲରେ ରଚିତ ରଥ ଚକଡା ପୋଥିରୁ ଉଦ୍ଧାର କରି ଗବେଷକ ସଦାଶିବ ରଥଶର୍ମା ପ୍ରକାଶ କରିଛନ୍ତି । ଏହି ରଥ ଚକଡା ପାଣ୍ଡୁଲିପିଟି ପୁରୀ ବାସେଲି ସାହିର ତତ୍କାଳୀନ ରଥ ଅମୀନ ଓ ରଥକାର ଫକୀର ମହାପାତ୍ରଙ୍କ ଠାରୁ ପ୍ରାପ୍ତ ଓ ପୁରୀ ବଡ଼ ଓଡ଼ିଆ ମଠରେ ତାହା ସୁରକ୍ଷିତ ଥିଲା ବୋଲି ରଥଶର୍ମା ଉଲ୍ଲେଖ କରିଛନ୍ତି । ଯଯାତିଙ୍କ ବେଳେ ଜଗନ୍ନାଥ ମନ୍ଦିରର ଉଚ୍ଚତା ମାତ୍ର ୪୮ ହାତ ଥିଲା । ଠାକୁରେ ୨ହାତ ୧୦ଆଙ୍ଗୁଳର ଥିଲେ ଓ ରଥମାନ ୧୮ ହାତ ଉଚ୍ଚ ଥିଲା । ତିନି ରଥ ବୋଧେ ସମାନ ଥିଲା । ରଥ ଛଅ ଗୋଟି ହେଉଥିଲା । ବଳଗଣ୍ଡି ପର୍ଯ୍ୟନ୍ତ ତିନିରଥ ଯାଉଥିଲା । ଇନ୍ଦ୍ରଦ୍ୟୁମ୍ନ ପାଟଣାରେ ତିନିରଥ ନିର୍ମାଣ କରାଯାଉଥିଲା । ଏହା ଚାରି ଚକିଆ ରଥ ଶଗଡି ସଦୃଶ୍ୟ ହେଉଥିଲା । ଏହି ତିନିଗୋଟି ରଥ ମାଳିନୀ ବା ବଡ଼ ନଈର ଉତ୍ତର ଭୂମିରେ ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ଘରକୁ ଯାଉଥିଲା ।

ବିଶେଷତଃ ସିଂହଦ୍ୱାର ଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ଯାଉଥିବା ରଥ ଷୋହଳ ଚକିଆ, ଚଉଦ ଚକିଆ ଓ ବାର ଚକିଆ । ରଥ ଉପରେ ସୁନାର ତିନିବେଣ୍ଟିଆ ଧ୍ୱଜ କଳସ ଲାଗୁଥିଲା । କନକ ମୁଣ୍ଡାଇରେ ରତ୍ନ ଚାନ୍ଦୁଆ ଟଣା ହେଉଥିଲା । ଅନ୍ୟ ଗୋଟିଏ ଛୋଟ ରଥରେ ବଜନ୍ତରି, ରଥ ଘଣ୍ଟୁଆ, ବାଦ୍ୟକାରମାନେ ଯାଉଥିଲେ । ପଛରେ ଭକ୍ତମାନେ ତିନି ରଥକୁ ଟାଣୁଥିଲେ । ରଥରେ ଚାଉଳ, ନଡିଆ ଖଣ୍ଡ ପଡି ଭୋଗ ଲାଗୁଥିଲା । ତାହା ଅଳ୍ପ ସଂଖ୍ୟକ ସମବେତ ଭକ୍ତଗଣଙ୍କୁ ବଣ୍ଟନ କରାଯାଉଥିଲା । ବଳଗଣ୍ଡିଠାରେ ରଥ ପହଞ୍ଚିଲେ ଦୋଳଚାପରେ ନଈ ପାରି ହୋଇ ଆର ପଟକୁ ଠାକୁରମାନେ ବିଜେ କରି ଚାରି ଚକିଆ ଶଗଡି ରଥରେ ବସି ଗୁଣ୍ଡିଚା ମନ୍ଦିର ବେଢାକୁ ଯାଆନ୍ତି । ସାତ ଦିନ ପରେ ନବଦିନ ଯାତ୍ରା ସମାପ୍ତ ହେବା ପରେ ବାହୁଡା ଯାତ୍ରା ଅନୁଷ୍ଠିତ ହେଉଥିଲା ।

ଡକ୍ଟର ହରିହର କାନୁନଗୋଙ୍କ ମତରେ ଯଯାତିଙ୍କ ସମୟରେ ହୋଇଥିବା ଘଟଣାଟି ବିଶ୍ୱାସଯୋଗ୍ୟ ମନେହୁଏ । ସମ୍ଭବତଃ ଜଗନ୍ନାଥଙ୍କୁ ୩୮ ହାତର ଏକ ପଟୋଳରେ ସ୍ଥାପନା କଲାବେଳେ ପୂର୍ବରୁ ଅନୁସୃତ ରଥଯାତ୍ରା ପରମ୍ପରାର ପ୍ରଭାବରେ ଯଯାତି ଏହି ରଥଯାତ୍ରାର ପ୍ରଚଳନ କରିଥିଲେ । ପରବର୍ତ୍ତୀ ଦ୍ୱାଦଶ ଶତାବ୍ଦୀରେ ୧୦୦ ହାତର କିମ୍ବା ୧୨୫ ହାତର ବଡ଼ ଦେଉଳ ନିର୍ମାଣ ସମାପ୍ତି ଓ ଠାକୁରମାନଙ୍କ ବିଜେ ତୃତୀୟ ଅନଙ୍ଗଭୀମ ଦେବ (ଖ୍ରୀ.ଅ.୧୨୧୧–୧୨୩୮)ଙ୍କ ସମୟ ହୋଇଥିବାରୁ ସେହି ବର୍ଷଠାରୁ ପୂର୍ବ ସ୍ମୃତିକୁ ମନେ ରଖିବା ପାଇଁ ବଡ଼ ଦେଉଳରୁ ଗୁଣ୍ଡିଚା ଘରକୁ ଦିଅଁଙ୍କର ରଥଯାତ୍ରା ଦକ୍ଷିଣାଭିମୁଖୀରେ ହୋଇଥିବା ସମ୍ଭବପର । ଯଯାତିଙ୍କ ସମୟରେ ବଡ଼ ଦାଣ୍ଡର ବଳଗଣ୍ଡିଠାରେ ମାଳିନୀ ନଦୀ ପ୍ରବାହିତ ହେଉଥିବାରୁ ଛଅ ରଥ ନିର୍ମାଣ କରାଯାଉଥିଲା ଓ ବୀର ନରସିଂହ ଦେବ ଓରଫ ପ୍ରଥମ ଭାନୁଦେବ (ଖ୍ରୀ.ଅ.୧୨୬୪–୧୨୭୮) କିମ୍ବା ଦ୍ୱିତୀୟ ନରସିଂହ ଦେବ (ଖ୍ରୀ.ଅ ୧୨୭୮–୧୩୦୭)ଙ୍କ ସମୟରେ ଏହି ମାଳିନୀ ନଦୀ (ଶରଧାବାଲି)କୁ ପୋତି ଦେବା ଫଳରେ ଛଅ ରଥ ପରିବର୍ତ୍ତେ ତିନି ରଥ ନିର୍ମିତ ହୋଇ ଆସୁଅଛି ।

ଅପରପକ୍ଷରେ ଦେଖିବାକୁ ଗଲେ ଗବେଷକ ଡ. ନୀଳକଣ୍ଠ ମିଶ୍ର ଉଲ୍ଲେଖ କରିଛନ୍ତି ଯେ, ***ଖ୍ରୀ.ଅ ୧୨୭୦ରେ ମାଧବାଚାର୍ଯ୍ୟଙ୍କ ଶ୍ରୀକ୍ଷେତ୍ର ଆଗମନ କାଳରେ ଏକ ଯାତ୍ରାରେ ଦୁଇ ପ୍ରକାର ରଥ ବ୍ୟବହାର ଶାସ୍ତ୍ର ବିରୋଧୀ ବୋଲି ମତ ଦେଇ ମାଳିନୀ ନଦୀ ପୋତି ବଡ଼ଦାଣ୍ଡରେ ମାତ୍ର ତିନି ଗୋଟି ରଥରେ ରଥଯାତ୍ରା ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ ।*** ତେଣୁ ଗଙ୍ଗ ସମ୍ରାଟ ଅନଙ୍ଗ ଭୀମ ଦେବଙ୍କ ପୁତ୍ର ପ୍ରଥମ ଭାନୁଦେବ (୧୨୬୪–୧୨୮୭) ଏ ବ୍ୟବସ୍ଥା କରିଥିଲେ । ମାଳିନୀ ବା ଶରଧା ନଦୀ ପୋତା ହେଲା ପରେ ଏହା ବଡ଼ ଦାଣ୍ଡରେ ପରିଣତ ହେଲା । ସେବେଠାରୁ ବଡ଼ ଠାକୁରଙ୍କ ବଡ଼ ଦାଣ୍ଡରେ ବିଜେ କୁହାଯାଏ ।

ଖ୍ରୀଷ୍ଟୀୟ ନବମ ଶତାବ୍ଦୀର କବି ମୁରାରୀ ମିଶ୍ର ସ୍ୱୀୟ ସୃଷ୍ଟିରେ ରଥଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି ବୋଲି କେତେକ ଅଲୋଚକ ମତପୋଷଣ କରିଛନ୍ତି । ଶ୍ରୀବିଗ୍ରହମାନଙ୍କ ରଥଯାତ୍ରା କାଳରେ ମୁରାରୀ ମିଶ୍ରଙ୍କ ରଚିତ ସୁପ୍ରସିଦ୍ଧ ସଂସ୍କୃତ ନାଟକ ଅନର୍ଘ ରାଘବ ସମେତ ବହୁ ସଂସ୍କୃତ କାବ୍ୟ ଭକ୍ତମାନଙ୍କର ଚିତ୍ତ ବିନୋଦନ ପାଇଁ ଅଭିନୀତ ହେଉଥିବାରୁ ସୂଚନା ତାଙ୍କ ରଚନାରୁ ମିଳିଥାଏ । କବି ମୁରାରୀ ମିଶ୍ରଙ୍କ ରଚନାରୁ ଜଣାଯାଏ ଯେ, 'ଭାଗବତଃ ପୁରୁଷୋତ୍ତମସ୍ୟ ଯାତ୍ରାୟା ମୁପସ୍ଥାନୀୟା ସଭାସଦଃ ' । ଏଠାରେ ଶ୍ରୀପୁରୁଷୋତ୍ତମ ବା ଶ୍ରୀଜଗନ୍ନାଥଙ୍କ ଯେଉଁ ଯାତ୍ରାର ନାମ ଉଲ୍ଲେଖ କରିଛନ୍ତି, ତାହା ଆଲୋଚକମାନଙ୍କ ଦ୍ୱାରା ରଥଯାତ୍ରା ରୂପେ ଗୃହୀତ ହୋଇଛି । ମାତ୍ର ବର୍ଣ୍ଣିତ ଯାତ୍ରାର କାଳ ନିରୂପିତ ହୋଇନଥିବାରୁ ଏହାକୁ ରଥଯାତ୍ରା ଭାବରେ ଗ୍ରହଣ କରିବାରେ ମତଦ୍ୱୈଧ ପରିଲକ୍ଷିତ ହୋଇଥାଏ । ବିଶିଷ୍ଟ ଐତିହାସିକ ଡକ୍ଟର ସତ୍ୟନାରାୟଣ ରାଜଗୁରୁ ୧୨୨୩ ଖ୍ରୀଷ୍ଟାବ୍ଦର ପରବର୍ତ୍ତୀ କାଳରେ ରଥଯାତ୍ରା ପ୍ରଚଳନ କଥା ଉଲ୍ଲେଖ କରିଛନ୍ତି । ରାଜଗୁରୁଙ୍କ ମତରେ ୧୨୨୩ ଖ୍ରୀଷ୍ଟାବ୍ଦ ପରେ କୈଣସି ସମୟରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଦାରୁ ନିର୍ମିତ ହେବାରେ ଓ ଆଦିବାସୀ ଦଇତାମାନେ ଶ୍ରୀଜଗନ୍ନାଥଙ୍କ ସେବକ ରୂପେ ନିଯୁକ୍ତି ହେବାରେ ରଥଯାତ୍ରାର ସୃଷ୍ଟି ହୋଇଛ ।

ପୌରାଣିକ କିମ୍ବଦନ୍ତୀ ତଥା ପୌରାଣିକ ଆଖ୍ୟାୟିକା ଅନୁଯାୟୀ, ଜାରା ଶବର ଶରରେ ପ୍ରାଣ ଛାଡ଼ିଲେ ଦ୍ୱାରକାଧିପତି ଶ୍ରୀକୃଷ୍ଣ । ଶେଷତମ ଆତ୍ମୀୟ ଭାବରେ ପାଣ୍ଡବଗଣ ସଖା ଶ୍ରୀକୃଷ୍ଣଙ୍କ ଶରୀରକୁ ଦାହ କରିବା ପାଇଁ ଚେଷ୍ଟାକରି ବିଫଳ ହେଲେ । କାରଣ ଅଗ୍ନିର ଦାହିକା ଶକ୍ତି ନିକଟରେ ପୂର୍ଣ୍ଣବ୍ରହ୍ମ ସ୍ୱରୂପ ଶ୍ରୀକୃଷ୍ଣଙ୍କ ଶରୀରକୁ ପଞ୍ଚଭୂତରେ ବିଲୀନ କରିବାର ସାମର୍ଥ୍ୟ ନ ଥିଲା । ଶୂନ୍ୟବାଣୀ ହେଲା–'କୃଷ୍ଣଙ୍କର ନାଭିକମଳ ଅଗ୍ନିରେ ଭସ୍ମ ହେବନାହିଁ, ତୁମେମାନେ ତାହାକୁ ମହୋଦଧିରେ ବିସର୍ଜନ କରିଦିଅ'। ପାଣ୍ଡବମାନେ ତାହାହିଁ କଲେ ।

ତେଣୁ ଉପସଂହାରରେ କୁହାଯାଇପାରେ ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁରୂପରେ ବାଙ୍କୀ ମୁହାଣରେ ଆର୍ବିଭୂତ ହେଲା । ସମୁଦ୍ରରେ ଭାସୁଥିବା ସେହି ଦାରୁକୁ ଆଣି ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିଥିଲେ । ସ୍ୱୟଂ ମହାପ୍ରଭୁ ଜଣେ ବୃଦ୍ଧ ବେଶରେ ଆସି ସେହି ଦାରୁରେ ମୂର୍ତ୍ତି ପ୍ରସ୍ତୁତ କଲେ । ସର୍ତ୍ତ ଥିଲା ମୂର୍ତ୍ତି ସମ୍ପୂର୍ଣ୍ଣ ନହେବା ଯାଏ ଦ୍ୱାର ଖୋଲାଯିବ ନାହିଁ । ମାତ୍ର ପନ୍ଦର ଦିନ ପରେ ଦ୍ୱାର ଖୋଲାଗଲା । ମୂର୍ତ୍ତି ନିର୍ମାଣ କରୁଥିବା ବୃଦ୍ଧ ଉଭାନ ହୋଇଗଲେ । କେବଳ ଅଧାଗଢ଼ା ମୂର୍ତ୍ତି ରହିଗଲା ଅଧାଗଢ଼ା ମୂର୍ତ୍ତିକୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା । ସେହି ସମୟରେ ମହାପ୍ରଭୁ କହିଥିଲେ :'ହେ ରାଜା, ବର୍ଷକୁ ଥରେ ଜନ୍ମଭୂମିକୁ ଆଣିବ' । ସେଥିପାଇଁ ଶ୍ରୀଜିଉମାନେ ନଅ ଦିନ ପାଇଁ ଗୁଣ୍ଡିଚାଘରକୁ ବୁଲି ଯାଆନ୍ତି ଓ ନ'ଦିନ ରହି ଶେଷରେ ବଡ଼ଦେଉଳକୁ ବାହୁଡ଼ି ଆସନ୍ତି...!!!

**ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ –୪ ,**
**ମୋ– ୯୦୪୦ ୧୫୧୪୭୫**

# ଯୁବ ଚେତନାର ପ୍ରତୀକ ସ୍ୱାମୀ ବିବେକାନନ୍ଦ

ଡ. ମନୋଜ କୁମାର ମହାନ୍ତି

ଇତିହାସର କେବେ ଅନ୍ତ ହେବନାହିଁ । ଏ ଧରାଧାମରେ ଯେପର୍ଯ୍ୟନ୍ତ ମାନବଜାତି ଜୀବିତ, ସେ ପର୍ଯ୍ୟନ୍ତ ଦର୍ଶନର ଝଲକ୍ ଦେଖିବାକୁ ମିଳିବ । ପରିବର୍ତ୍ତନ ପ୍ରକୃତିର ନିୟମ ତଥାପି ମଣିଷ ତା ପରମ୍ପରା ବିନା ପୁନରାବୃତ୍ତିରେ କଣ ନିଜର ପରିଚୟ ଜାହିର କରିପାରିବ? ଇତିହାସ ହିଁ ତ ପ୍ରାଚୀନ ପରମ୍ପରା ଓ ସଂସ୍କୃତିର ବୃହତ ଗନ୍ତାଘର, ଯାହା ମାନବସମାଜର ବିକାଶ ଆଧାର ହୋଇଥାଏ । ସାମାଜିକ ବିକାଶ ପ୍ରଚ୍ଛଦପଟରେ ବ୍ୟକ୍ତିବିଶେଷଙ୍କ ଚିନ୍ତାଚେତନା ଓ ଜୀବନଦର୍ଶନ ନିଶ୍ଚିତରୂପେ ଜଡିତ । ସେମାନଙ୍କ ଆଦର୍ଶ ଓ ବଳିଷ୍ଠ ବ୍ୟକ୍ତିତ୍ୱ ସମାଜର ଜନସାଧାରଣଙ୍କ ପ୍ରେରଣାର ଉତ୍ସ । ମାନବ ଇତିହାସର ଅଧ୍ୟାୟରେ, ଜାତୀୟ ଚେତନାର ସ୍ରୋତରୂପେ ଏକ ସ୍ୱତନ୍ତ୍ର ପୃଷ୍ଠାଭାବେ ଲିପିବଦ୍ଧ ହୁଏ । ନିର୍ଦ୍ଦିଷ୍ଟ ଭୌଗଳିକ ପରିସୀମାର ପରିଧିରୁ ଊର୍ଦ୍ଧ୍ୱକୁ ଯାଇ ବିଶ୍ୱର ଭିନ୍ନ ଭିନ୍ନ କୋଣରେ ଛାଡ଼ିଯାଆନ୍ତି ସେମାନଙ୍କର ପାଦଚିହ୍ନ ।

ପ୍ରଥମ ଭାରତୀୟ ଯୁବସନ୍ଥ ଓ ଦାର୍ଶନିକ ଭାବେ ୧୮୯୩ରେ ଆମେରିକାର ଚିକାଗୋ ସହରରେ ମାତ୍ର ୨୯ ବର୍ଷ ବୟସରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଯେଉଁଭଳି ବିଶ୍ୱଧର୍ମ ସଂସଦରେ ଉପସ୍ଥାପନ କରିଥିଲେ, ତାହା ବିଶ୍ୱଜନମାନସକୁ ଖାଲି ଚକିତ କରିନଥିଲା ବରଂ ପ୍ରେରଣା ଯୋଗାଇଥିଲା । ବେଦାନ୍ତ ଦର୍ଶନର ମୂଳତତ୍ତ୍ୱ, ପ୍ରତ୍ୟେକ ଜୀବନ ପାଇଁ କିପରି ମହତ୍ତ୍ୱପୂର୍ଣ୍ଣ ତାହା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଥିଲା ଏକ ମହୌଷଧି । ବେଦାନ୍ତ ଦର୍ଶନର ଚିନ୍ତାଧାରା ଯେଉଁ ମାତ୍ରାରେ ବସ୍ତୁବାଦୀ ସାମାଜିକ ଜୀବନକୁ ପ୍ରଭାବିତ କରିଥିଲା, ତାହାର ଫଳସ୍ୱରୂପ ଆମେରିକା ଓ ଇଉରୋପରେ ବେଦାନ୍ତ ଦର୍ଶନର ଆକର୍ଷଣ ଦେଖିବାକୁ ମିଳିଥିଲା । ଚିକାଗୋ ଧର୍ମସଂସଦରେ ନିଜର ଆକର୍ଷଣୀୟ ଭାଷଣ ପରେ ଆମେରିକା ଓ ଇଉରୋପରେ ବେଦାନ୍ତ ଦର୍ଶନର ଖୁବ୍ ଚର୍ଚ୍ଚିତ ବ୍ୟକ୍ତି ଭାବରେ ସ୍ୱାମୀଜୀଙ୍କୁ ନିମନ୍ତ୍ରଣ ପରେ ନିମନ୍ତ୍ରଣ ମିଳିଥିଲା । ପ୍ରାୟ ଅଢେଇ ବର୍ଷ କାଳ ବେଦାନ୍ତ ଦର୍ଶନର ବକ୍ତା ଭାବେ ଆମେରିକା ଓ ଇଂଲଣ୍ଡରେ ଭ୍ରମଣ ପରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ । ସ୍ୱଳ୍ପ ଜୀବନକାଳ ମଧ୍ୟରେ ଯେଉଁ ଚିନ୍ତାଧାରା ବିଜୁଳିଗତିରେ ବ୍ୟାପିଥିଲା, ସେଭଳି ବ୍ୟକ୍ତିତ୍ୱର ଅଧିକାରୀଙ୍କୁ ନିଶ୍ଚିତଭାବେ ଇତିହାସ ତା ପୃଷ୍ଠାରେ ସ୍ଥାନିତ କରିବ । ଏକ ବିରଳ ବ୍ୟକ୍ତିତ୍ୱ ଯିଏ ଭାରତର ପରମ୍ପରା,ସଂସ୍କୃତି ଓ ସଭ୍ୟତାର ମହତ୍ତ୍ୱକୁ ବିଶ୍ୱଦରବାରରେ ଉପସ୍ଥାପନ କରି ଭାରତୀୟ ଗୌରବର ମହିମାମଣ୍ଡନରେ ନିଜକୁ ସାମିଲ୍ କରିଥିଲେ ସେ ହିଁ ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ । ଭାରତୀୟ ସାଧୁସନ୍ଥଙ୍କୁ ସ୍ୱାମୀ ବୋଲି ମଧ୍ୟ ସମ୍ବୋଧନ କରାଯାଏ । ତେଣୁ ବିବେକାନନ୍ଦ ପରବର୍ତ୍ତୀ ସମୟରେ ସ୍ୱାମୀବିବେକାନନ୍ଦ ଭାବେ ପରିଚିତ ହୋଇଥିଲେ ।

ଶୈଶବର ଧୂଳିଖେଳ ପରେ କୈଶୋର, ପୁଣି କୈଶୋର ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ । ଯୌବନ, ପ୍ରତ୍ୟେକ ଜୀବନର ସବୁଠୁ ମହତ୍ତ୍ୱପୂର୍ଣ୍ଣ ସମୟ, ଯୁବଶକ୍ତିର ଏକ ଚଳଚଞ୍ଚଳ ପ୍ରବାହମାନ ସ୍ରୋତ । ସ୍ୱାମୀ ବିବେକାନନ୍ଦ ଏକଥା ମର୍ମେ ମର୍ମେ ଅନୁଭବ କରିଥିଲେ ।



୩୯ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ବିଶ୍ୱ ଯୁବସମାଜକୁ ସେ ଯେଉଁ ମନ୍ତ୍ରରେ ବିମୁଗଧ କରିଥିଲେ, ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ । ତାଙ୍କୁ ମାତ୍ର ୨୧ ବର୍ଷ ବୟସ, ସେ ସମୟରେ ତାଙ୍କ ପିତାଙ୍କ ଆକସ୍ମିକ ମୃତ୍ୟୁ ପରେ, ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କ ନିକଟରେ ନିଜକୁ ସମର୍ପିତ କରିଥିଲେ । ପିତୃ ବିୟୋଗର ଦୁଃଖ, ମାତା ତଥା ଭ୍ରାତୃଭଗିନୀଙ୍କ ମୋହ ତାଙ୍କୁ କେବେ ବିଚଳିତ କରିପାରି ନଥିଲା । ରାମକୃଷ୍ଣ ପରମହଂସଙ୍କ ଦେହତ୍ୟାଗ ପରେ ସ୍ୱାମୀଜୀ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିଥିଲେ ସନ୍ନ୍ୟାସୀ ରୂପରେ । ଗେରୁଆବସ୍ତ୍ର ପରିଧାନ ପୂର୍ବକ ସନ୍ନ୍ୟାସୀ ବେଶରେ ସେ ଭାରତର ଭିନ୍ନ ଭିନ୍ନ ରାଜ୍ୟର ଅଞ୍ଚଳମାନ ଭ୍ରମଣ କରିଥିଲେ । ଏହି ଭ୍ରମଣ କାଳ ମଧ୍ୟରେ ସେ ନୀରିକ୍ଷଣ କରିଥିଲେ ଭାରତୀୟଙ୍କର ଦୁର୍ଦ୍ଦଶାପୂର୍ଣ୍ଣ ଜୀବନ ଓ ଜୀଇଁବାର ଶୈଳୀ । ଇଂରେଜ ଶାସନ କାଳରେ ଭାରତୀୟଙ୍କର ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତ ବିବ୍ରତ କରିଥିଲା ଓ ସେ ମାନସିକ ସ୍ତରରେ ଅତ୍ୟନ୍ତ ମର୍ମାହତ ହୋଇଥିଲେ । ଜଣେ ଯୁବକ ହୋଇଥିବାରୁ ଭାରତୀୟ ଯୁବ ଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସେ କିପରି ସାକାର କରି ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଅଣାଯାଇପାରିବ ସେଥିପାଇଁ ସେ ଉପାୟ ଖୋଜିଲେ । ସବୁ ଦୁଃଖର କାରଣ ଦାରିଦ୍ର୍ୟ, ଓ ଦାରିଦ୍ର୍ୟର କାରଣ ନିରକ୍ଷରତା । ନିରକ୍ଷର ଜନସାଧାରଣଙ୍କ ମଧ୍ୟରୁ ଅଧିକାଂଶ ଯୁବଗୋଷ୍ଠୀ । ସେ ଅନୁଭବ କରିଥିଲେ ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର, ଯାହାକୁ ପାଥେୟ କରି ଯୁବକମାନଙ୍କ ଜୀବନକୁ ପରିବର୍ତ୍ତନ କରାଯାଇପାରିବ । ଶିକ୍ଷାକୁ ଆଧାର କରି ଫିକା ପଡ଼ିଯାଇଥିବା ଜୀବନର ମାନଚିତ୍ରକୁ ମଧ୍ୟ ଉଜ୍ଜୀବୀତ କରିହେବ ବୋଲି ସେ ମନେ କରିଥିଲେ ।

ଜଣେ ଆଧାତ୍ମିକ ଯୋଗୀ ଓ ସମାଜ ସଂସ୍କାରକ ଭାବେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ରହିଥିଲା । ସେ ଅନୁଭବ କରିଥିଲେ ଯେ ଯଦି ଶିକ୍ଷା କେବଳ ଜୀବିକା ଅର୍ଜନର ମାଧ୍ୟମ ନହୋଇ, ବଞ୍ଚିବାର ଶୈଳୀ ହୋଇଯାଆନ୍ତା ତା'ହେଲେ ଯୁବକଙ୍କ ମଧ୍ୟରେ ନୈରାଶ୍ୟ ବସାବାନ୍ଧି ପାରନ୍ତା ନାହିଁ । ସେ ଅନୁଭବ କରିଥିଲେ, ବେଦାନ୍ତ ଦର୍ଶନର ତତ୍ତ୍ୱ ହିଁ ଏକମାତ୍ର ମାଧ୍ୟମ, ଯାହା ଯୁବସମାଜକୁ ଗଢିପାରେ । ଯେପର୍ଯ୍ୟନ୍ତ ଜଣେ ନିଜକୁ ନିଜ ଭିତରେ ନ ଖୋଜିଛି, ନିଜକୁ ନିଜେ ଅନୁଭବ ନ କରିଛି ସେ ପର୍ଯ୍ୟନ୍ତ ସେ ଅନ୍ଧ, ମୂକ ଓ ବଧିର । ତାଙ୍କ ମତରେ ବିଶ୍ୱର ସମସ୍ତ ଶକ୍ତି ଓ ସମ୍ଭାବନା ଆମ ପାଖରେ ଅଛି କିନ୍ତୁ ଆମେ ଆମ ହାତକୁ ଆଖି ଆଗରେ ରଖି ଦୁଃଖ କରୁଛନ୍ତି ଯେ ଏ ସଂସାର ଅନ୍ଧକାର ବୋଲି । ଆମ ମଧ୍ୟରେ ଦୃଢବିଶ୍ୱାସର ଅଭାବ ରହିଛି । ଅନ୍ଧକାର ଭିତରେ ନିଜକୁ ଲୁଚେଇ ରଖିଥିବା ମଣିଷ କେବେ ଅନୁଭବ କରିପାରେନା ଆଲୋକର ଦିବ୍ୟତା । ଚରିତ୍ର ଗଠନ ସହ ଆତ୍ମିକ ଶୁଦ୍ଧତ୍ୱ ହିଁ ଯୁବସମାଜ ପାଇଁ ନିହାତି ଜରୁରୀ । ନୈତିକ ମୂଲ୍ୟବୋଧ, ନ୍ୟାୟ ଓ ସାମାଜିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ଜାତିବର୍ଣ୍ଣର ସଂକୀର୍ଣ୍ଣତାବୋଧ କେବଳ ସଂସ୍କାର ମୂଳକ ଶିକ୍ଷା ମାଧ୍ୟମରେ ସମ୍ଭବ । କେବଳ ଅର୍ଥ ଉପାର୍ଜନ ତଥା ବସ୍ତୁବାଦୀ ମାନସିକତାର ପ୍ରୋତ୍ସାହନ ପାଇଁ ଶିକ୍ଷାକୁ ଜୀବନର ମାଧ୍ୟମ କରାନଯାଉ । ଶିକ୍ଷା ମାଧ୍ୟମରେ ସମାଜର ଉତ୍ଥାନ, ସମାନତା ସୃଷ୍ଟି ହେବା ସହ ଅନ୍ଧବିଶ୍ୱାସ ଦୂର ହୋଇପାରିବ । ଆଧାତ୍ମିକ ଶିକ୍ଷାକୁ ଆଧୁନିକ ବସ୍ତୁବାଦୀ ଜୀବନରେ ପ୍ରୟୋଗ କରି ଆତ୍ମିକ ଚେତନାର ବିକାଶ କରିପାରିଲେ, ସାମାଜିକ ଅଭିବୃଦ୍ଧିର ନୂଆ ରାସ୍ତା ଉନ୍ମୁକ୍ତ ହେବ । ଜଣେ ଯୁବ ଆଧାତ୍ମିକ ଯୋଗୀ ଭାବରେ ଜ୍ଞାନ, କର୍ମ, ଭକ୍ତି ଓ ଯୋଗକୁ ସାଧନାର ମାର୍ଗ କରି ଯୁବସମାଜ ନିଜ ବ୍ୟକ୍ତିତ୍ୱକୁ ବହୁଗୁଣିତ କରିପାରିବ ।

ବିବେକାନନ୍ଦ ବିଶ୍ୱର ଜନସାଧାରଣଙ୍କୁ ସଦାସର୍ବଦା ଯୁବକ ବୋଲି ଅଭିହିତ କରୁଥିଲେ । ତାଙ୍କ ମତରେ ବୟସ ବଢ଼ିଗଲେ, କେହି ବୃଦ୍ଧ ହୁଏନି । ମାନସିକ ସ୍ତରରେ ସୁସ୍ଥ ପ୍ରତ୍ୟେକ ମଣିଷ ଜଣେ ଜଣେ ଯୁବକ । ସମାଜରେ ସଂସ୍କାର ଆଣିପାରୁଥିବା ପ୍ରତ୍ୟେକ ବ୍ୟକ୍ତି ହିଁ ଜଣେ ଯୁବକ । 'ଉଠ, ଜାଗ୍ରତ ହୁଅ, ଅଟକି ଯାଅନି, ଯେପର୍ଯ୍ୟନ୍ତ ନିଜ ଲକ୍ଷ୍ୟରେ ନ ପହଞ୍ଚିଛ'। ଏ ପୃଥିବୀ ଏକ ବ୍ୟାୟାମଶାଳା, ଯେଉଁଠି ମଣିଷ ଜନ୍ମ ନିଏ ସୁସ୍ଥ ହୋଇ ଦୁର୍ବଳତାକୁ ବିନାଶ କରିବାପାଇଁ । ଶୋଇ ଯାଇଥିବା ଭାରତର ଜନସାଧାରଣ ତଥା ଯୁବକମାନଙ୍କୁ ଜାଗ୍ରତ କରି ସେମାନଙ୍କ କାନରେ ଜୀଇଁବାର ଯେଉଁ ମନ୍ତ୍ରଫୁଙ୍କି ନୂତନ ରାସ୍ତା ଦେଖାଇବାରେ ପ୍ରୟାସରେ ସେ ବ୍ରତୀ ହୋଇଥିଲେ, ତାହା ଭାରତ ଇତିହାସର ଅବିସ୍ମରଣୀୟ ଅଧ୍ୟାୟ । ଜଣେ ଯୁବ ନାୟକ ଭାବରେ,ପ୍ରଚଣ୍ଡ ଜ୍ଞାନର ଅଧିକାରୀ ହୋଇ ନିଜର ମହତ ଉଦ୍ଦେଶ୍ୟକୁ ସାକାର କରିବାକୁ ସେ ଯେଉଁ ସଂକଳ୍ପ ନେଇଥିଲେ, ତାହା ଯୁବସମାଜ ପାଇଁ ନିଶ୍ଚୟ ଶିକ୍ଷଣୀୟ । ନିଜ ଯୌବନକୁ ଶୁଦ୍ଧକରି, ସଂଯମୀ ମାନବ ଭାବରେ ସମାଜକୁ ସୁଧାରିବାରେ ନେଇଥିବା ନିଷ୍ପତ୍ତି ନିକଟରେ ବର୍ତ୍ତମାନ ଓ ଭବିଷ୍ୟତ ଯୁବପିଢି ନିଶ୍ଚିତ ଭାବେ କୃତଜ୍ଞ ରହିବ । ସବୁ ଘାତ ପ୍ରତିଘାତ ସତ୍ତ୍ୱେ ଭାରତୀୟ ଦାର୍ଶନିକ ଚିନ୍ତଚେତନାକୁ ଓ ଯୁବସମାଜକୁ ସଭ୍ୟତାର ଶିଖରରେ ପହଞ୍ଚାଇବାର ସତ ପ୍ରଚେଷ୍ଟାକୁ ଯୁବଶକ୍ତି ନିଶ୍ଚୟ ହୃଦୟଙ୍ଗମ କରିବ । ରାମକୃଷ୍ଣ ମିଶନ ମାଧ୍ୟମର ଜାତୀୟ ଯୁବଚେତନାକୁ ବେଦାନ୍ତ ଦର୍ଶନସହ ଯୋଡ଼ି ଯେଉଁ ନୂତନ ଭାରତର ସ୍ୱପ୍ନ ସେ ଦେଖିଥିଲେ, ତାର ବାସ୍ତବ ଚିତ୍ର ରୂପାୟନ କରିବାରେ ଏ ଯୁବଗୋଷ୍ଠୀ କେବେ ବି ପଛଘୁଞ୍ଚା ଦେବନାହିଁ । ସଚିଦାନନ୍ଦର ତତ୍ତ୍ୱରେ ଲୀନ ହୋଇ ଯେଉଁ ଯୁବକ ଦିନେ ଅନୁଭବ କରିଥିଲେ ପରମସତ୍ତାର ଅନ୍ତର୍ନିହିତ ଶକ୍ତି, ତାହା ହିଁ ହେଉ ସମାଜିକ ଆଦର୍ଶର କେନ୍ଦ୍ରବିନ୍ଦୁ । ଯେଉଁ ବ୍ୟକ୍ତିତ୍ୱ କେବେ ମଳିନ ପଡ଼ିନି ନା କେବେ ପଡ଼ିବ, ସେହି କାଳଜୟୀ, ଜାଜ୍ୱଲ୍ୟମାନ ଓ ମୂର୍ତ୍ତିମନ୍ତ ବ୍ୟକ୍ତିର ପ୍ରତିଛବି ପାଲଟିଯାଉ ଯୁବପ୍ରତିଭାଙ୍କ ପ୍ରେରଣାର ଉତ୍ସ । ତାହାଙ୍କ ଗୁରୁଭକ୍ତି, ନିର୍ଭୀକତା, ବାଗ୍ମିତା ଓ ପରିଶେଷରେ ଦାର୍ଶନିକ ଚିନ୍ତାଧାରା କେବଳ ଭାରତୀୟଙ୍କ ମାନସ ପଟରେ ନୁହେଁ ବରଂ ବିଦେଶ ଭୂମିରେ ଯୁଗ ଯୁଗ ଧରି ଉଜ୍ଜୀବୀତ ହୋଇରହିବ । ବୟସର ଅପରାହ୍ନକୁ ସ୍ପର୍ଶ କରିବାର ବହୁ ପୂର୍ବରୁ ଯିଏ ସବୁଦିନ ପାଇଁ ଯୁବକ ହୋଇ ନିଜେ ଇତିହାସ ରଚନା କରିଥିଲେ, ସେଭଳି ଯୁବ ବ୍ୟକ୍ତିଙ୍କୁ ଶ୍ରାଦ୍ଧଦିବସରେ ବିନମ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

**ଅଧ୍ୟାପକ, ଦର୍ଶନ ବିଭାଗ, ଭଦ୍ରକ**
**ମୋ–୮୮୯୫୩୪୧୦୩୩**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜେଲ୍..

କରିବି ବୋଲି କହିଛନ୍ତି । ଗିରଫ ପରେ ଜଗନ୍ନାଥ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡିସିପି ଜଗମୋହନ ମୀନା କହିଛନ୍ତି। ତିନି ଦିନ ତଳେ ବିଏମସି ଅଫିସ୍‌ରେ ଅତିରିକ୍ତ କମିଶନର ଅତିରିକ୍ତ କମିଶନର ରତ୍ନାକର ସାହୁ ଲୋକଙ୍କ ଅଭିଯୋଗ ଶୁଣାଣି କରୁଥିବା ବେଳେ ୪/୫ ଜଣ ଯୁବକ ତାଙ୍କ ଅଫିସ୍‌କୁ ପଶି ଜଗା ଭାଇଙ୍କୁ କାହିଁକି ଆପଣ ଏପରି କହିଲେ ବୋଲି ଟେଚାରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ମାଡ଼ ମାରୁଥିବା ଯୁବକଙ୍କ ମଧ୍ୟରେ ଜଣେ ବିଜେପି କର୍ପୋରେଟର ଥିଲେ। ସେ ମଧ୍ୟ ଗିରଫ ହୋଇଛନ୍ତି। ଶ୍ରୀ ସାହୁଙ୍କୁ ମାଡ଼ ମାରିବା ଘଟଣାକୁ ନେଇ ରାଜ୍ୟବ୍ୟାପୀ ଓଏଏସ୍‌ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଗୁରୁବାର ତାଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଆନ୍ଦୋଳନ ଯୋଗୁଁ ରଥଯାତ୍ରା ଓ ବନ୍ୟା ପ୍ରଭାବିତ ଅଞ୍ଚଳ କାର୍ଯ୍ୟ ପ୍ରଭାବିତ ହେଲା। ଏପରିକି ସବୁ ଜିଲ୍ଲାର ମୁଖ୍ୟାଳୟରେ ଓଏଏସ୍‌ମାନେ ଅନୁପସ୍ଥିତ ରହିଲେ। ଏଥିସହ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟରେ ମଧ୍ୟ କାର୍ଯ୍ୟ ବନ୍ଦ ରହିଥିଲା ଯାହା ଫଳରେ କାର୍ଯ୍ୟାଳୟରେ ଲୋକେ ନାହିଁ ନଥିବା ହଇରାଣ ଭୋଗ କଲେ। ଓଏଏସ୍ ସଂଘ ଡାକରାରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସଫଳ ହେଲା। କାରଣ ସେମାନଙ୍କ ଦାବି ଥିଲା ଶ୍ରୀ ସାହୁଙ୍କୁ ଆକ୍ରମଣ ପଛରେ ଜଗନ୍ନାଥ ପ୍ରଧାନ ଷଡଯନ୍ତ୍ରକାରୀ। ତାଙ୍କୁ ଗିରଫ ନକରାଯିବା ପର୍ଯ୍ୟନ୍ତ ଓଏଏସ୍‌ମାନେ ଆନ୍ଦୋଳନ କରିବେ ବୋଲି ଦାବି ରଖିଥିଲେ।

ଗୁରୁବାର ରାତି ୯.୪୫ରେ ଜଗନ୍ନାଥ ପ୍ରଧାନ ଡିସିପି ଅଫିସ୍‌ରେ ପହଞ୍ଚିଥିଲେ। ସେ ପହଞ୍ଚିବା ପୂର୍ବରୁ ତାଙ୍କର ଶହ ଶହ ସମର୍ଥକ ସେଠାରେ ପହଞ୍ଚି ନାରାବାଜି କରିଥିଲେ। ଜଗନ୍ନାଥ ପ୍ରଧାନ ପହଞ୍ଚିବାର ୧୦ ମିନିଟ୍ ମଧ୍ୟରେ ତାଙ୍କୁ ମେଡ଼ିକାଲ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଏହା ଦେଖି ସମର୍ଥକମାନେ ଜାତୀୟ ରାଜପଥକୁ ଆସି ରାସ୍ତା ଅବରୋଧ କଲେ। ଏହିପରି ଉତ୍ତେଜିତ ପରିବେଶକୁ ଲକ୍ଷ୍ୟ କରି ଡିସିପି ଅଫିସ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅତିରିକ୍ତ ଫୋର୍ସ ସେଠାରେ ପହଞ୍ଚି ସଜାଗ ରହିଥିଲେ। ଜଗନ୍ନାଥ ପ୍ରଧାନଙ୍କ ସମର୍ଥକମାନେ ରାଜପଥ ଅବରୋଧ କରିବା ପରେ ଫୋର୍ସମାନେ ସେଠାରେ ପହଞ୍ଚି ପଥଚାରୀଙ୍କୁ ସୁରକ୍ଷା ଯୋଗାଇ ଥିଲେ। ରାସ୍ତା ଅବରୋଧ ହେବା ଫଳରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ବାଣୀବିହାର ଛକରୁ ରସୁଲଗଡ଼ ପର୍ଯ୍ୟନ୍ତ ଗାଡ଼ି ଲାଗି ରହିଥିବା ବେଳେ ଅପରପକ୍ଷରେ ବାଣୀବିହାର ଛକରୁ ଜୟଦେବ ବିହାର ପର୍ଯ୍ୟନ୍ତ ଗାଡ଼ି ଲାଗି ରହିଥିଲା। ଜଗନ୍ନାଥ ପ୍ରଧାନଙ୍କ ସମର୍ଥକଙ୍କ କହିବା ଅନୁଯାୟୀ ଓଏଏସ୍ ଆନ୍ଦୋଳନ ପଛରେ ବିରୋଧୀ ଦଳର ଭୂମିକା ରହିଛି। ଜଗନ୍ନାଥ ପ୍ରଧାନ ଆତ୍ମସମର୍ପଣ ପରେ ଗିରଫ କରାଯାଇଥିବା କୁହାଯାଇଥିବା ବେଳେ ତାଙ୍କୁ ପ୍ରମାଣ ଅନୁଯାୟୀ ଗିରଫ କରାଯାଇଥିବା ପୋଲିସ୍ କହିଛି।

### ଆଜି...

ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ନୀତି ଅନୁଷ୍ଠିତ ହୋଇ ଥିଲା । ଆଡ଼ପ ମଣ୍ଡପରେ ବିରାଜମାନ ବିଗ୍ରହଙ୍କର ନନ୍ଦିଘୋଷ ରଥ ନିକଟକୁ ଆଜ୍ଞା ମାଳ ବିଜେ ହୋଇ ଥିଲା । ସେଠାରେ ରଥ ନିକଟରେ ଆଜ୍ଞା ମାଳ ସମର୍ପଣ ହୋଇ ପୂଜାର୍ଚ୍ଚନା କରା ଯାଇ ଥିଲା । ପରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ନୀତି ଅନୁଷ୍ଠିତ ହୋଇ ଥିଲା । ଘଣ୍ଟୁଆ ମାନଙ୍କର ଘଣ୍ଟ ଘଣ୍ଟା ତାଳେ ତାଳେ ପୋଲିସ, ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ଭକ୍ତ ମାନେ ରଥ ଟାଣି ଥିଲେ । ପୋଲିସ ଓ ପ୍ରସା ସନିକ ଅଧିକାରୀମାନେ ରଥକୁ ଟାଣି ଟାଣି ନେଇ ଗୁଣ୍ଡିଚା ମନ୍ଦିର ସମ୍ମୁଖ ନାକଚଣା ଦ୍ୱାରରେ ଶରଧା ବାଲିରେ ଲଗାଇ ଥିଲେ । ଆଜିର ଏହି ଦକ୍ଷିଣ ମୋଡ଼ ନୀତି ପୂର୍ବାହ୍ନ ପ୍ରାୟ ୯ ଠାରୁ ଆରମ୍ଭ ହୋଇ ୧୧ ଟା ୩୦ ମିନିଟରେ ଶେଷ ହୋଇ ଥିଲା । ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରା । ସେହିପରି ଆସନ୍ତା ଶୁକ୍ରବାର ଗୁଣ୍ଡିଚା ମନ୍ଦିରରେ ଅନୁଷ୍ଠିତ ହେବ

ମହାପ୍ରଭୁଙ୍କ ସଂଧ୍ୟା ଦର୍ଶନ ନୀତି ଅନୁଷ୍ଠିତ ହେବ । ଯାହା ଆଡ଼ପ ମଣ୍ଡପରେ ଭକ୍ତଙ୍କୁ ଶେଷ ଦର୍ଶନ ଦେବେ ଚତୁର୍ଦ୍ଧା ମୂର୍ତ୍ତି । ସଂଧ୍ୟା ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଜମିବ ଭକ୍ତଙ୍କ ପ୍ରବଳ ଭିଡ଼ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଛନ୍ତି ଜିଲ୍ଲାପାଳ ଚଞ୍ଚଳ ରଣା ଓ ଆରକ୍ଷୀ ଅଧିକ୍ଷକ ଡିଆଇଜି ପିନାକ ମିଶ୍ର ।

ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ସରି ସରି ଆସୁଛି ମହାପ୍ରଭୁଙ୍କ ନବଦୀନାତ୍ମକ ଲୀଳା ଖେଳ । ଆଉ ଦିନକ ପରେ ଆଡପ ମଣ୍ଡପରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡିବେ ଚତୁର୍ଦ୍ଧାମୂର୍ତ୍ତି । ଏଥି ପାଇଁ ତିନି ରଥର ଦକ୍ଷିଣ ମୋଡ ଶେଷ ହୋଇଥିବା ବେଳେ ନାକଚଣା ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି ତିନି ରଥ । ଆସନ୍ତାକାଲି ନବମୀ ସନ୍ଧ୍ୟା ଦର୍ଶନ ଥିବାରୁ ପ୍ରବଳ ଭକ୍ତଙ୍କ ସମାଗମ ହେବ ଗୁଣ୍ଡିଚା ମନ୍ଦିରରେ । ଭକ୍ତମାନେ କେତେ ସମୟ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନର ସୁଯୋଗ ପାଇବେ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ନିଷ୍ପତ୍ତି ନିଆଯାଇ ସୂଚନା ଦିଆଯିବ । ସେହିପରି ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ବ୍ୟାରିକେଡ଼ ସମ୍ପ୍ରସାରଣ ସହ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ନାକଚଣା ଦ୍ୱାରରେ ମହାପ୍ରଭୁଙ୍କ ତିନି ରଥ ଲାଗିଛି । ହେରାପଞ୍ଚମୀରେ ମା ଲକ୍ଷ୍ମୀ ଠାକୁରାଣୀ ଅଭିମାନରେ ଶ୍ରୀମନ୍ଦିର ଫେରିଯିବା ପରେ ବାହୁଡା ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି । ତିନି ରଥ ଦକ୍ଷିଣ ମୋଡ଼ ହୋଇ ନାକଚଣା ଦ୍ୱାରରେ ପହଞ୍ଚିଛନ୍ତି । ଆଡପ ମଣ୍ଡପରୁ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ଗତକାଲି ସର୍ବ ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ, ପରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ କରାଯାଇଥିଲା । ତେବେ ଆଜି ନନ୍ଦିଘୋଷ ରଥର ଦକ୍ଷିଣ ମୋଡ ଶେଷ ହୋଇଛି । ଆଉ ଦିନକ ପରେ ଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ଶ୍ରୀମନ୍ଦିର ଅଭିମୁଖେ ବାହୁଡି ଯିବେ ମହାବାହୁ । ଆସନ୍ତାକାଲି ନବମୀ ସନ୍ଧ୍ୟା ଦର୍ଶନ ଆଡ଼ପ ମଣ୍ଡପରେ ଭକ୍ତ ମାନେ କରିବେ । ସକାଳୁ ସକାଳୁ ଏହି ଦର୍ଶନ ଆରମ୍ଭ ହେବାକୁ ଥିବାବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଏହା ଚାଲିବ । ଏହା ପରେ ଦର୍ଶନ ବନ୍ଦ ରଖାଯାଇ ବାହୁଡ଼ା ଯାତ୍ରା ପାଇଁ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ । ନବମୀ ସନ୍ଧ୍ୟା ଦର୍ଶନରେ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ଼ ସମ୍ପ୍ରସାରଣ କରାଯିବ । ଭକ୍ତ ଶ୍ରଦ୍ଧାଳୁ ମାନେ ବ୍ୟାରିକେଡ଼ ଭିତରେ ପ୍ରବେଶ କରି ଦର୍ଶନ ପାଇଁ ଯିବେ । ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ । ଆଜି ଉଭୟ ଜିଲ୍ଲାପାଳ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଅନୁଧ୍ୟାନ କରିଛନ୍ତି । ସେହିପରି ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବ । ଆସନ୍ତାକାଲି ନବମୀ ସନ୍ଧ୍ୟା ଦର୍ଶନ ସରିବା ପରେ ରାତିରେ ସେନାପଟା ଲାଗି ଓ ବାହୁଟକଣ୍ଟ, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତିକାନ୍ତି କରାଯିବ ।

### ନୂଆବର୍ଷରେ...

ବିତରଣ, ଔଷଧ ଦୋକାନ ରହିବା ସହ ସମିତି ମଧ୍ୟ ପେଟ୍ରୋଲ ପମ୍ପ, ଜନସେବା କେନ୍ଦ୍ର, ଡାଏରୀ ଫାର୍ମ, ଦୁଗ୍ଧ ବିତରଣ ବ୍ୟବସ୍ଥା ଆଦିରେ କାର୍ଯ୍ୟ କରିବ । ଏଥିନେଇ ଯୋଜନା ପ୍ରସ୍ତୁତ କରାଯାଇଛି । ଲୋକଙ୍କୁ ଘର ପାଖରେ ସୁବିଧା ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯିବ । ଲାଭ ପାଇଁ ନୁହେଁ, ସେବା ପାଇଁ ସମବାୟ ସମିତି କାର୍ଯ୍ୟ କରିବ । ଏଥିସହ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ପ୍ରତିଷ୍ଠା ହେବ । ଚାଷୀ ୩ଲକ୍ଷ ଋଣ ନେଲେ ବାର୍ଷିକ ୨% ସୁଧ ଦେବାର ବ୍ୟବସ୍ଥା ରହିଛି । ବର୍ତ୍ତମାନ ଋଣ ୫ ଲକ୍ଷ କଲେ ସରକାର କେତେ ପ୍ରତିଶତ ସୁଧ ଦେବାକୁ ପଡ଼ିବ ଖୁବଶୀଘ୍ର ନିଷ୍ପତ୍ତି ନେବେ । ଚିଟ୍‌ଫଣ୍ଡ ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି ଯେ ଜମାକାରୀଙ୍କୁ ଟଙ୍କା ଦିଆଯିବ । ସତ୍ୟାସତ୍ୟ ଜାଣି ପ୍ରମାଣ ପରେ ଟଙ୍କା ଫେରସ୍ତର ବ୍ୟବସ୍ଥା ହେବ । ଏବେ ୫ଲକ୍ଷ ଜମାକାରୀଙ୍କୁ ଟଙ୍କା ଦିଆଯିବ । ସମସ୍ତେ ଅର୍ଥ ପାଇବେ । ପ୍ରଥମେ ଗରିବ ଓ ସ୍ୱଳ୍ପ ଜମାକାରୀଙ୍କୁ ଅର୍ଥ ଦିଆଯିବ । ଯିଏ ବଡ଼ ଜମାକାରୀ ତାଙ୍କୁ ଭଗବାନ ଦୟା କରୁଛନ୍ତି । ସେ ଠାକୁରଙ୍କୁ ଦେବେ । ଗରିବ ଠାକୁରଙ୍କୁ ମାଗିବେ । ପ୍ରଥମେ ଗରିବଙ୍କ ସେବା ଆରମ୍ଭ ହେବ ଓ ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ଟଙ୍କା ମିଳିବ ।

### ଆସନ୍ତା...

ବିଭାଗର କହିବା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ସୋନପୁରରେ ସର୍ବାଧିକ ୯୯ ମିଲିମିଟର (ମିମି) ବର୍ଷା ହୋଇଥିବା ବେଳେ କୋରାପୁଟରେ ୯୬.୨ ମିମି, ଝାରସୁଗୁଡା ଓ ମାଲାକାନାଗିରିରେ ୬୨ ମିମି, ବୌଦ୍ଧରେ ୫୨ ମିମି, ଫୁଲବାଣୀରେ ୪୮ ମିମି, ସୁନ୍ଦରଗଡ଼ରେ ୪୭ ମିମି, କେନ୍ଦୁଝରରେ ୪୫ ମିମି, ବଲାଙ୍ଗୀରରେ ୪୪ ମିମି, ନୂଆପଡ଼ାରେ ୩୮ ମିମି, ସମ୍ବଲପୁରରେ ୩୫ ମିମି, ଭୁବନେଶ୍ୱରରେ ୪୪.୯ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଆଜି (ଗୁରୁବାର) ସଂଧ୍ୟା ୫.୩୦ ସୁଦ୍ଧା ଭୁବନେଶ୍ୱରରେ ୩୪ ମିମି ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ରେ ୪୩ ମିମି, ବୌଦ୍ଧରେ ୧୫ ମିମି, କୋରାପୁଟରେ ୧୪ ମିମି ବର୍ଷା ରେକର୍ଡ କରାଯାଇଛି।

ଉତ୍ତର-ପଶ୍ଚିମବଙ୍ଗୋପସାଗର ଠାରୁ ଏକ ଟ୍ରପଲାଇନ୍ ଲମ୍ବିଛି। ଏହାର ପ୍ରଭାବ ଉତ୍ତର ଓଡ଼ିଶା ଉପରେ ରହିଛି। ଆସନ୍ତାକାଲି ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ବଲାଙ୍ଗୀର ଓ ନୂଆପଡା ଜିଲ୍ଲାରେ ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ହେବା ସହ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ। ୫ ତାରିଖରେ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ୬ରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡାରେ ପ୍ରବଳ ବର୍ଷା ହୋଇପାରେ। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ନେଇ ବିସ୍ତାରିତ ଆକଳନରେ ଦର୍ଶାଯାଇଛି।

### ଦିଲ୍ଲୀରେ...

ସମାପ୍ତ କରିବା ନେଇ ଲୋକଙ୍କ ମଧ୍ୟରେ ରାଗ ସୃଷ୍ଟି ହୋଇଥିଲା । ଜୁଲାଇ ୧ରୁ ବାୟୁ ମାନ ପରିଚାଳନା ନିର୍ଦ୍ଦେଶନାମା ଲାଗୁ କରାଯାଇଥିଲା । ଦିଲ୍ଲୀରେ ପ୍ରାୟ ୬୨ଲକ୍ଷ ପୁରୁଣା ଗାଡ଼ି ରହିଛି । ସେମାନେ ଏହି ନିଷ୍ପତ୍ତି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ । ତଥ୍ୟ ଅନୁଯାୟୀ ଦିଲ୍ଲୀ ପ୍ରଦୂଷଣରେ ୫୦% ପୁରୁଣା ଗାଡ଼ିରୁ ହେଉଛି । ଗାଡ଼ିଗୁଡ଼ିକର ଏଣ୍ଡ୍ ଅଫ୍ ଲାଇଫ୍‌କୁ କ୍ୟାମେରା ଦ୍ୱାରା ଚିହ୍ନଟ କରାଯାଉଥିଲା । ୪୯୮ ପେଟ୍ରୋଲ ପମ୍ପରେ କ୍ୟାମେରା ଲାଗିଥିଲା । ତେବେ ଏଣ୍ଡ ଅଫ୍ ଲାଇଫ ଗାଡ଼ିର ସ୍କ୍ରାପ୍ କରିବା ନିୟମକୁ ଏବେ ସ୍ଥଗିତ ରଖାଯାଇଛି ।

### ଆନ୍ଦୋଳନରୁ...

ସାଧାରଣ ପ୍ରଶାସନ ବିଭାଗରେ କାର୍ଯ୍ୟ କରିଥିଲେ ଓଏଏସ୍ ଅଧିକାରୀ । ଏହାସହ ଅର୍ଥ ବିଭାଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ବି କାମ କରିଥିଲେ । ଜିଲ୍ଲାସ୍ତରରେ ବି ଅନେକ ଓଏଏସ ଅଫିସର ସ୍ୱାଭାବିକ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି ।

# ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ: ତଦନ୍ତ କଲେ ଏଡିଇଓ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ପୋକରା ଚାଉଳ ରୋଷେଇ କରାଯାଉଥିବା ଘଟଣା ଉପରେ ତଦନ୍ତ ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ତୃପ୍ତିମୟୀ ମହାପାତ୍ର ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପହଞ୍ଚି ତଦନ୍ତ କରିଥିଲେ । ପ୍ରଧାନଶିକ୍ଷକ ରତିକାନ୍ତ ବେହେରାଙ୍କ ପ୍ରକୋଷ୍ଠରେ ଶ୍ରୀମତୀ ମହାପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ପୋକରା ଚାଉଳ ବ୍ୟବହାର ସମ୍ପର୍କରେ ମଧ୍ୟାହ୍ନ ଭୋଜନ ଦାଇତ୍ୱରେ ଥିବା ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକାଙ୍କ ଉତ୍ତର ଲୋଡିଥିଲେ । ଗ୍ରୀଷ୍ମଛୁଟି ପରେ ବିଦ୍ୟାଳୟରେ ସ୍ୱଚ୍ଛତା ଓ ଏପଯୁକ୍ତ ମାନର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବା ପାଇଁ ବିଭାଗୀୟ ସଚିବଙ୍କ ପକ୍ଷରୁ କଡା ନିର୍ଦ୍ଦେଶ ଥିବା ସେ%o ପୋକରା ଚାଉଳ ବ୍ୟବହାର କରାଯିବା ଦୁର୍ଭାଗ୍ୟଜନକ ବୋଲି ପ୍ରଧାନଶିକ୍ଷକ ଦର୍ଶାଇଥିଲେ । ଏହି ତଦନ୍ତ ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ତଦନ୍ତକାରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ତୃପ୍ତିମୟୀ ମହାପାତ୍ର ସୂଚନା ଦେଇଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ବୁଧବାର ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ ରୋଷେଇ କରାଯିବା ସମୟରେ ପ୍ରଧାନଶିକ୍ଷକ ବାରଣ କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ମଧ୍ୟାହ୍ନଭୋଜନ ଦାଇତ୍ୱରେ ଥିବା ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟରେ ବଚସା କରିଥିଲେ । ଏ ସମ୍ପର୍କୀୟ ଖବର ପ୍ରକାଶିତ ହେବା ପରେ ଗୁରୁବାର ଦିନ ତଦନ୍ତ ହୋଇଥିଲା।

## ନୀଳାଚଳ ପରିବାର, ଆୟୁଷ୍ମାନ ଫାଉଣ୍ଡେସନର ଭକ୍ତଙ୍କୁ ଜଳ ବଣ୍ଟନ

ଖଇରା, (ସବ୍ୟୁ): ରିଆନା ଗୁରୁଗ୍ରାମସ୍ଥିତ ସେକଫର୧୮ ସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଭକ୍ତଙ୍କର ପ୍ରବଳ ଭୀଡ ଓ ଗୁଳୁଗୁଳିକୁ ଦୃଷ୍ଟିରେ ଦିଲ୍ଲୀର ୨ଓଡିଆ ସାମାଜିକ ସଂଗଠନ ନିଳାଚଳ ପରିବାର ଓ ଆୟୁଷ୍ମାନ ଫାଉଣ୍ଡେସନ ତରଫରୁ ଘୋଳ ଦହି ସର୍ବତ ଓ ପାନୀୟ ଜଳ ବୋତଲ ବଣ୍ଟନ କରାଯାଇଥିଲା। ସଙ୍ଗଠନର ସଦସ୍ୟ ମାନେ ମଧ୍ୟାହ୍ନ ୧୨ ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଏହି ସେବା ପ୍ରଦାନ କରିଥିଲେ। ନିଳାଚଳ ପରିବାରର ସଭାପତି ବିପ୍ଳବ କୁମାର ପଣ୍ଡା, ସମ୍ପାଦକ ଜୟଦେବ ପତି, ଉପସଭାପତି ବିଶ୍ୱରଞ୍ଜନ ସାହୁ ଓ କୋଷାଧକ୍ଷ ବିଜୟ ରାଉତ ତଥା ଆୟୁଷ୍ମାନ ଫାଉଣ୍ଡେସନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ଦୁଇ ସଙ୍ଗଠନର ସଦସ୍ୟ ଦିପଙ୍କର ଶ, ବିଶ୍ୱରଞ୍ଜନ ସେଠୀ, ସତ୍ୟଶିବ ନାୟକ, ଶରତ କୁମାର, ବିକାଶ ସ୍ୱାଇଁ, ସୁଶାନ୍ତ ମଲ୍ଲିକ, ନନ୍ଦ କିଶୋର ସାମନ୍ତ, ପ୍ରଶାନ୍ତ ପଣ୍ଡା, ରାଜକିଶୋର ପଣ୍ଡା, ନିର୍ମାଲ୍ୟ ଦାସ, ରାଜକିଶୋର ପଣ୍ଡା, ନିର୍ମାଲ୍ୟ ଦାସ, ସତ୍ୟଶିବ ପାତ୍ର, ଉତ୍କଳକେଶରୀ ପଣ୍ଡା, ରବିନ୍ଦ୍ର ସ୍ୱାଇଁ, ବାପି ନାୟକ ପ୍ରମୁଖଙ୍କ ସହଯୋଗରେ ଏହି ମହତ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା।

## ବିଳମ୍ବିତ ରାତିରେ ନଦୀବନ୍ଧ ମରାମତି କାର୍ଯ୍ୟ ଦେଖିଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଦୋବଲ, (ସବ୍ୟୁ): ବୁଧବାର ବିଳମ୍ବିତ ରାତି ୧୦ଟାରେ ବଠତରଣୀ ନଦୀର ଶାଖା କୋଚିଲା ନଦୀର ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ଧସିଥିବା ସ୍ଥାନ ପଧାନି ପଞ୍ଚାୟତ ସଇଲୋରେ ପହଂଚି ମରାମତି କାର୍ଯ୍ୟ ଦେଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ସେ ଜଳସଂପଦ ବିଭାଗର ଅଧିକାରୀଙ୍କୁ ଡାକି ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ସମୟ ହୋଇଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ମରାମତି କରିବାକୁ କହିଥିଲେ । ତା ସହ ବନ୍ୟା ପରେ ଏ ସ୍ଥାନର ସ୍ଥାୟୀ ସମାଧାନ କିପରି କରାଯାଇ ପାରିବ, ତାହାର ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରି ଦେବାକୁ ପରାମର୍ଶ ଦେଇଥିଲେ । ସେହିପରି ମନ୍ତ୍ରୀଙ୍କ ଗସ୍ତ ପରେ ପରେ ଗୁରୁବାର ସକାଳୁ ବିଜେଡିର ଏକ ପ୍ରତିନିଧି ଦଳ ମଧ୍ୟ ସଇଲୋରେ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବିଧାନସଭା ପ୍ରାର୍ଥୀ ସଞ୍ଜୟ ଦାସ, ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଶାରଦା ପ୍ରସନ୍ନ ସାହୁ, ଧାମନଗର ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ପୂର୍ବତନ ବ୍ଲକ ସଭାପତି ଉମେଶ ମହାନ୍ତି, ପୁର୍ବତନ ନଗର ବିଜେଡି ସଭାପତି ଶୁଶାନ୍ତ କୁମାର ରାଉତ, ଯୁବ ବିଜେଡି ସଭାପତି ଭାରତ ବିଜୟ ଦଳାଇ, ସମିତି ସଭ୍ୟ ସୁଦୀପ୍ତ ଖଟୁଆ, ସ୍ଥାନୀୟ ଯୁବ ନେତା ବିଚଂଚି ମହାଲିକ ପ୍ରମୁଖ ଗୁରୁବାର ଦିନି ଘଟଣାସ୍ଥଳରେ ପହଂଚି ବନ୍ଧ ଧସିଥିବା ସ୍ଥାନ ବୁଲି ଦେଖିଛନ୍ତି । ଏହାସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି । ବିଜେଡି ପ୍ରତିନିଧି ଦଳର ଅଭିଯୋଗ ଯେ, କିଛି ମାସ ପୂର୍ବରୁ ୨୬ଲକ୍ଷ ଟଙ୍କା ବ୍ୟୟରେ ବନ୍ଧ ମରାମତି ହୋଇଥିଲା । ନିମ୍ନମାନର କାମ ଓ ଅଫିସରଙ୍କ ଆତ୍ମସାତ ମନୋବୃତ୍ତି ଯୋଗୁଁ ବନ୍ଧ ଧସିଲା ବୋଲି କହିବା ସହ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ବିଜେଡି ଦାବି କରିଛନ୍ତି । ସେପଟେ ସ୍ଥାନୀୟ ଲୋକ ମଧ୍ୟ ବନ୍ଧ ଧସିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ୨ଟା ବଦଳି ଆଦେଶ, ଅଡୁଆରେ ସବ୍‌ଇନ୍ସପେକ୍ଟର ଇଭାରାଣୀ ପରିଡା

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ଥାନାରେ ୪ ବର୍ଷ ପୂରଣ କରିସାରିଥିବା ସବଇନିସପେକଟର ଇଭାରାଣୀ ପରିଡାଙ୍କୁ ଭଣ୍ଡାରିପୋଖରୀରୁ ଦ୍ୱିତୀୟ ଥର ପାଇଁ ବଦଳି କରାଯାଇଛି । ଗତ ଜୁନ ୧୯ ତାରିଖରେ ଡି.ଓ. ସଂଖ୍ୟା ୮୬୯ ଅନୁଯାଇ ଏସ.ଆଇ. ପରିଡାଙ୍କୁ ଆଗରପଡା ଥାନାକୁ ଓ ସହକାରୀ ସବଇନିସପେକଟର ସବିତା ଧଳଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ବଦଳି କରାଯାଇଛି । ହେଲେ ଏହି ଆଦେଶକୁ ୧୫ ଦିନ ବିତିଯାଇଥିଲେ ବି ସେମାନଙ୍କୁ ଥାନାରୁ ରିଲିଭ କରାଯାଇ ନାହିଁ । ଏଥିପୂର୍ବରୁ ୨୦୨୪ ମସିହା ଜାନୁୟାରୀ ୩୦ ତାରିଖରେ ଜିଲ୍ଲା ପୁଲିସ ମୁଖଯାଳୟ ଆଦେଶ ସଂଖ୍ୟା ୧୮୯ ଅନୁଯାୟୀ ଏସ.ଆଇ. ପରିଡାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା । ସେହି ପୁରୁଣା ଆଦେଶକୁ ବାତିଲ କିମ୍ବା ବଦଳା ଯାଇନଥିଲା । ଏବେ ୨୦୨୪ର ବଦଳି ଆଦେଶ ନା ୨୦୨୫ର ବଦଳି ଆଦେଶକୁ ଗ୍ରହଣ କରିବେ ତାଙ୍କୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି । ନାନା ଆଳ ଦେଖାଇ ପ୍ରଥମ ବଦଳି ଭଳି ଦ୍ୱିତୀୟ ବଦଳିକୁ ଟାଳି ଦେବା ଭଳି ସାମର୍ଥ୍ୟ ତାଙ୍କର ରହିଥିବାରୁ ପୂର୍ବଭଳି ଭଣ୍ଡାରିପୋଖରୀ ଥାନାରେ ନିଜ ଇଚ୍ଛାମତେ କାର୍ଯ୍ୟ କରିବେ ବୋଲି ଖୋଦ ପୁଲିସ କର୍ମଚାରୀମାନେ ଆଲୋଚନା କରୁଛନ୍ତି । ଉପରୁ ନିର୍ଦ୍ଦେଶ ମିଳିଲେ ବଦଳି ହୋଇଥିବା କର୍ମଚାରୀଙ୍କୁ ରିଲିଭ କରାଯିବ ବୋଲି ଥାନାଧିକାରୀ କମଳାକାନ୍ତ ଦାସ ସୂଚନା ଦେଇଛନ୍ତି ।

## ପ୍ରଭାତୀ ଦାସଙ୍କ ନୂତନ ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର, (ସବ୍ୟୁ): ପଟିଆ ରାଜା ମଧୁସୂଦନ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବରିଷ୍ଠ ଓଡ଼ିଆ ଅଧ୍ୟାପିକା ପ୍ରଭାତୀ ଦାସ ନୂତନ ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରଛନ୍ତି । ଶ୍ରୀମତୀ ଦାସ ଜଣେ ଛାତ୍ର ବତ୍ସଳ ଓ ସୁଲେଖିକା ଏବଂ ଜଣେ ଶିକ୍ଷା ପ୍ରଶାସିକା । ୧୯୯୧ମସିହାରୁ ନିରବଚ୍ଛିନ୍ନ ଭାବେ ଶିକ୍ଷା ବିଭାଗ କାର୍ଯ୍ୟରତ । ଶ୍ରୀମତୀ ଦାସ କଲେଜର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ଲିପ୍ତରହି ଛାତ୍ର ଛାତ୍ରୀ ମହଲରେ ବେଶ ସୁପରିଚିତା । ଶ୍ରୀମତୀ ଦାସଙ୍କୁ କଲେଜର ଅଧ୍ୟାପିକା ଭାବେ ପାଇ ଛାତ୍ର ଛାତ୍ରୀ ସହକର୍ମୀ ଓ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି । ଏହି ଅବସରରେ ଶ୍ରୀମତୀ ଦାସ ତାଙ୍କ ବକ୍ତବ୍ୟରେ କହିଛନ୍ତି ସମସ୍ତ ପିଲା ମାନଙ୍କ ପାଠ ପଢ଼ାର ଉନ୍ନତି କରିବା ସହ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବି ।

## ମଦ ଜବତ, ଦୁଇ ଗିରଫ

ସୋର, (ସବ୍ୟୁ): ସୋର ଅବକାରୀ ବିଭାଗ ତରଫରୁ କୁଡ଼େଇ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ କୁଡ଼େଇ ଗ୍ରାମରେ ଚଢ଼ାଉ କରି ନିରଞ୍ଜନ ଦାସଙ୍କ ନିକଟରୁ ୪୦ ଲିଟର ଏବଂ ରାଧାବଲ୍ଲଭପୁର ଗ୍ରାମର ମୁକୁନ୍ଦ ବେହେରା ନିକଟରୁ ୩୦ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ । ଅପରାହ୍ନରେ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଲ ଶଶୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ ।

**AFFIDAVIT**

By virtue of an affidavit sworn before The notary public Bhubaneswar, dated 03.07.2025 I, Suresh Swain, S/o- Gobinda Swain, At-Khadikapali, P.o- Badakul, P.s-Balugaon, Dist-Khorda, Odisha, Pin-752030, declare that I have changed my name from Sesha Kumar Swain to Suresh Swain. Henceforth, I shall be known as Suresh Swain for all purpose.

Suresh Swain

**AFFIDAVIT**

By virtue of an affidavit sworn before Executive Magistrate, Athagarh, dated:30.04.2025 I, Srabana Kumar Tripathy, S/o-Rabindranath Tripathy, resident of Vill./P.O.: Arakhapatana, P.S.: Athagarh, Dist.: Cuttack-754029 declare that I have changed my name from Sraban Kumar Tripathy to Srabana Kumar Tripathy. Henceforth, I will be known as Srabana Kumar Tripathy for all purposes.

**AFFIDAVIT**

By virtue of an affidavit before The Executive Magistrate Jajpur, I Rajani Rout aged about 32 year W/o- Niranjan Kumar Rout, Vill- Ghantiali, P.O.- Baniapal, P.S. - Binjharpur, Dist- Jajpur, that My name is Rajani Rout, I want to change my name from Rajani Rout to Rajani Behera. Henceforth I shall be known as Rajani Behera instead of Rajani Rout for all future perposes.

Sd/- Rajani Behera

**AFFIDAVIT**

By virtue of an affidavit sworn before The Executive Magistrate Bhadrak, dated 30.06.2025 I, Sunilata Rout, D/o-Akhaya Kumar Rout, W/o-Priyabrata Das, At-Batol, P.O-Batula, P.S- Dhusuri, Dist-Bhadrak, Odisha, Pin- 756138, declare that I have changed my name from Sunilata Pradhan to Sunilata Rout. Henceforth, I shall be known as Sunilata Rout for all purposes.

Sunilata Rout

**AFFIDAVIT**

By virtue of an affidavit sworn before The Executive Magistrate Darpan, Dhanmandal, Dated. 1.07.2025 I, Diptimayee Sahoo, W/o- Parsuram Sahoo, Vill-Matkatpur, P.O- Palei, P.S-Balichandrapur, Dist-Jajpur, Odisha, Pin-754205, declare that I have changed my daughter's name from Subhadarsini Sahoo to Suvadarsini. Henceforth she shall be known as Suvadarsini Sahoo for all purposes.

Diptimayee Sahoo

**AFFIDAVIT**

By virtue of an affidavit sworn before Sarojini Pradhan aged about 35 years, W/o- Bhagirathi Pradhan, Dated. 12.03.1994, Address : At- Balijhati, Po-Ramakrushnapur, Ps- Bhuban, Dist- Dhenkanal, Odisha, Pin-759017 declare that I have change my name from Sorajine Barike to Sarojini Pradhan. Henceforth I shall be known as Sarojini Pradhan for all purposes.

Sarojini Pradhan

ସଂସ୍କୃତି ମନ୍ତ୍ରଣାଳୟ
ଭାରତ ସରକାର

**ଟେଣ୍ଡର ବିଜ୍ଞପ୍ତି**

ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ୩୦ ଜୁନ୍ ୨୦୨୫ରେ ପ୍ରବର୍ତ୍ତିତ ଜ୍ଞାନ ଭାରତମ୍ ମିଶନ ପାଇଁ ପାଣ୍ଡୁଲିପିଗୁଡିକର ଡିଜିଟାଇଜେସନ ସକାଶେ ପ୍ରସ୍ତାବ ଦେବାକୁ ଅନୁରୋଧ । ଆଗ୍ରହୀ ବିଡରମାନେ ଅଧିକ ବିବରଣୀ ପାଇଁ eprocure.gov.in କୁ ଦେଖିପାରିବେ ।
ବିଡ୍ ଦାଖଲର ଶେଷ ତାରିଖ : ୨୧ ଜୁଲାଇ ୨୦୨୫
CBC09101/11/0008/2526

**OFFICE OF THE COLLECTOR & DISTRICT MAGISTRATE, CUTTACK**
**(Special Circuit House)**
F-
**No. 868 / Niz dt. 26.06.2025**

Seal Quotations has been invited for essential articles to be purchase for special circuit house, Cuttack vide Short Quotation call notice Number 864 / Date. 26.06.25. The last date of receipt of the Quotations is 05/07/2025. The detail Quotation call notice go through the website **https://cuttack.odisha.gov.in.**

By orders of Addl. District Magistrate, Cuttack
Sd/- Asst. Collector Nizarat
Collectorate, Cuttack
OIPR : 24367/11/0006/2526

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ : ଈଆରବି-କେଡିପି-ବବୁ-୨୦୨୫-୨୬-୧୦ ତାରିଖ ୦୨.୦୭.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ୍ ଲାଗି ସୂଚିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବିବରଣୀ : ଦ.ପୂ. ରେଳପଥର ଖଡ଼ଗପୁର ଡିଭିଜନରେ ଥିବା ଏସ୍.ଏସ୍.ଇ/ଟିଏସଆଇ/ବିଏଲ୍.ଏସ୍ ଅନ୍ତର୍ଗତ ଆଇଟିଏସ୍.ଏସ୍/କେଇଆଇ ଠାରେ ୦୧ଟି ୧୩୨ କେ.ଭି ଡବଲ ପୋଲ ସର୍କିଟ୍ ବ୍ରେକରର ଅପସାରଣ ଏବଂ ୦୧ଟି ୨୧.୬ ଏମ୍.ଭି.ଏ, ୧୩୨/୨୫ କେଭି ପାୱାର ଟ୍ରାନ୍ସଫରମର ର ଯିଏଏଚ୍ । ଟେଣ୍ଡର ମୂଲ୍ୟ : ଟ. ୩୮,୧୬,୨୬୩/- । ଇଏମଡି : ଟ. ୬୬,୩୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଶୂନ । ଖୋଲା ତାରିଖ : ୨୫.୦୭.୨୦୨୫ । ସମାପ୍ତି ସମୟ : ୦୬ ମାସ । ଦାଖଲ ତାରିଖ : ୨୫.୦୭.୨୦୨୫ ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ତଥ୍ୟ, ବିବରଣୀ, ସ୍ପେସିଫିକେସନ ପାଇଁ ୱେବସାଇଟ www.ireps.gov.in କୁ ଯାଇପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ ହେବ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ସୂଚନା : ଆଶାୟୀ ଟେଣ୍ଡରଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in କୁ ଦେଖିପାରିବେ ।
(PR-349)

यूनियन बैंक ऑफ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୧.୦୭.୨୦୨୫ରିଖ ଅପରାହ୍ଣ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| ଟିଟିଲାଗଡ ଶାଖା, ହୋଲ୍ଡିଂ ନଂ.: ୬୩, ସିନେମାହଲ ଛକ, ଟିଟିଲାଗଡ, ରେଲୱେ ଷ୍ଟେସନ ରୋଡ, ଜିଲ୍ଲା: ବଲାଙ୍ଗିର-୭୬୭୦୩୩, ମୋ: ୮୩୦୫୮୨୧୬୬୬ | | | |
| ୧. | ବିପିନ ମେହେର, ମାର୍ଫତ: ଆନନ୍ଦ ସାହୁ, ହାଟପଡାପରା, ୱାର୍ଡ ନଂ.: ୪, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୩୩ / ୩୪୦୧୨୬୫୪୦୦୦୦୬୬୧ | ଟ.୯,୩୫୧/- + ସେ ବାବଦ ସୁଧ | ୨.୦୭ |
| ୨. | ବିପିନ ମେହେର, ମାର୍ଫତ: ଆନନ୍ଦ ସାହୁ, ହାଟପଡାପରା, ୱାର୍ଡ ନଂ.: ୪, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୩୩ / ୩୪୦୧୨୬୫୪୦୦୦୦୬୧୨ | ଟ.୩୧,୭୨୦/- + ସେ ବାବଦ ସୁଧ | ୭.୭୮ |
| ପାରଳାଖେମୁଣ୍ଡି ଶାଖା, ମାର୍କେଟ ସ୍କୋୟାର, ଅମନ ପ୍ଲାଜା, ପାରଳାଖେମୁଣ୍ଡି, ମୋ: ୯୮୮୫୭୬୯୩୨୫ | | | |
| ୧. | ଶ୍ରୀ ବଡ କୃଷ୍ଣ, ପିତା: ବଡ ସିମାଞ୍ଚଳ, ସୁଭପର କଲୋନୀ, ୱାର୍ଡ ନଂ.: ୧, ପାରଳାଖେମୁଣ୍ଡି-୭୬୧୨୦୦ / ୪୦୬୯୦୬୬୩୦୦୦୧୨୩୩ | ଟ.୫୨,୯୭୬/- + ସେ ବାବଦ ସୁଧ | ୧୩.୦୦ |
| ୨. | ଶ୍ରୀ ବଡ କୃଷ୍ଣ, ପିତା: ବଡ ସିମାଞ୍ଚଳ, ସୁଭପର କଲୋନୀ, ୱାର୍ଡ ନଂ.: ୧, ପାରଳାଖେମୁଣ୍ଡି-୭୬୧୨୦୦ / ୪୦୬୯୦୬୫୪୦୦୧୮୪୯୩ | ଟ.୧,୩୪,୧୪୬.୫୭ + ସେ ବାବଦ ସୁଧ | ୨୯.୦୦ |
| ୩. | ଶ୍ରୀ ଶଣନାମ ହାରିସ, ମାର୍ଫତ: ଶଣନାମ ଦିଲେଶ୍ୱର ରାଓ, ବଡନୀଳପୁର, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୦ / ୪୦୬୯୦୬୬୩୦୦୦୧୧୯୪ | ଟ.୫୩,୭୬୯.୬୨ + ସେ ବାବଦ ସୁଧ | ୧୩.୦୦ |
| ୪. | ଶ୍ରୀ ସକୋରଙ୍କା ରଇତ, ମାର୍ଫତ: ବିର ରଇତ, ଗ୍ରାମ: ଆରିଣ୍ଡା, ପୋ: ଦେବଦଳ, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୦ / ୪୦୬୯୦୬୬୩୦୦୦୧୧୮୪ | ଟ.୨୧,୬୭୬.୯୩ + ସେ ବାବଦ ସୁଧ | ୬.୦୦ |
| ମାଲକାନଗିରି ଶାଖା, ଠିକଣା: ଡୋର ନଂ.: ୧୪, ଚିଦାନନ୍ଦ ଷ୍ଟ୍ରିଟ୍, ମାଲକାନଗିରି-୭୬୪୦୪୫, ମୋ.: ୭୯୮୯୧୮୩୭୯୮ | | | |
| ୧. | ଗୁରୁ ଖେମୁଣ୍ଡ, ପିତା: ମାଧବ ଖେମୁଣ୍ଡ, ସା: ପାପୁଲୁର, ମଧୁମାଳ, ମାଲକାନଗିରି-୭୬୪୦୫୨ / ୨୧୭୨୧୬୫୪୦୦୦୦୧୨୪ | ଟ.୪୨,୨୪୫.୭୪ + ସେ ବାବଦ ସୁଧ | ୧୦.୦୦ |
| ୨. | ବଲବିର ସିଂହ, ନେତାଜୀ ନଗର ଡିଏନ୍‌କେ, ମାଲକାନଗିରି-୭୬୪୦୪୮ / ୨୧୭୨୧୬୬୩୦୦୦୦୦୩୯ | ଟ.୭୯,୩୯୦/- + ସେ ବାବଦ ସୁଧ | ୧୯.୪୦ |
| ୩. | କମଳ ବରୋଇ, ଏମ୍‌ଭି ୧୬, ତମସା, ମାଲକାନଗିରି-୭୬୪୦୪୫ / ୨୧୭୨୧୬୫୪୦୦୦୦୦୮୧ | ଟ.୩୨,୧୯୮.୭୮ + ସେ ବାବଦ ସୁଧ | ୧୦.୭୦ |
| କାଜାପୁର ଶାଖା, ଠିକଣା: ପୁଡ୍ ଅଫିସ୍ ନିକଟ, କାଜାପୁର ଗ୍ରାମ, ଜିଲ୍ଲା: ଗଜପତି-୭୬୧୨୦୦, ମୋ.: ୭୦୩୬୧୭୮୨୮୦ | | | |
| ୧. | ଯକ୍ଷ୍ୟ ଗମାଙ୍ଗ, ମଣ୍ଡଳ ସାହି, ଗୁମ୍ମା ବ୍ଲକ୍, ରିର ଅଜୟଗଡ, ଜିଲ୍ଲା: ଗଜପତି, ଓଡ଼ିଶା / ୨୪୯୮୧୬୬୩୦୦୦୦୨୮୦ | ଟ.୫୧,୬୩୦.୮୦ + ସେ ବାବଦ ସୁଧ | ୧୨.୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧,୦୦୦/- ଅମାନତ ଆକାରରେ ଜମା ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ନିଶ୍ଚିତୀକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତ ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ କରିପାରିବ ।

ସ୍ଥାନ: ରାୟଗଡା, ତାରିଖ: ୦୨.୦୭.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ





ଦକ୍ଷିଣ ମୋଡ ନେଲା ତାଳଧ୍ୱଜ ରଥ, ଦେବଦଳନ ରଥ ଓ ନନ୍ଦିଘୋଷ ରଥ

### ତାଳଚେରରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନ ଶୁଭାରମ୍ଭ

# ଅନୁଗୋଳରେ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୧୦ ଲକ୍ଷ ଗଛ ଲଗାଇବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ତାଳଚେର ହାଣ୍ଡିଧୁଆ ଗ୍ରାମର ଖେଳପଡ଼ିଆ ଏବଂ ଗୋପାଳପ୍ରସାଦ ରିଜର୍ଭ ଫରେଷ୍ଟରେ ପୃଥକ ପୃଥକ ଭାବରେ "ଏକ୍ ପେଡ୍ ମା' କେ ନାମ ୨.୦" ଅନ୍ତର୍ଗତ ବୃକ୍ଷରୋପଣ ଅଭିଯାନ ଓ ୭୬ତମ ବନମହୋତ୍ସବ-୨୦୨୫ରେ ଯୋଗଦେଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନର ସଦସ୍ୟମାନଙ୍କ ସହ ମିଶି ଗଛ ଲଗାଇବା ସହ ଅନୁଗୋଳ ଜିଲ୍ଲାରେ ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୧୦ ଲକ୍ଷ ଗଛ ଲଗାଇବା ପାଇଁ ସଂକଳ୍ପ କରିବାକୁ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ "ମା' ପାଇଁ ଗଛଟିଏ" ଏକ ଭାବନାତ୍ମକ ବିଚାର । ପ୍ରକୃତି ମାତାକୁ ସୁରକ୍ଷା ଦେବା ପାଇଁ ସାରାଦେଶରେ



ଏହି ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ ; ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ । ତାଳଚେର ସମେତ ଅନୁଗୋଳ ଜିଲ୍ଲାରେ କୋଇଲା ଉତ୍ପାଦନ ହେବା କାରଣରୁ ଏଠାରେ ବହୁମାତ୍ରାରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଛି । ଦେଶରେ ପ୍ରଗତି ପାଇଁ କୋଇଲା ଉତ୍ପାଦନ ସହ ପରିବେଶର ସୁରକ୍ଷା କରିବା ମଧ୍ୟ ଜରୁରି । ତେଣୁ ପ୍ରଦୂଷଣ ହ୍ରାସ ପାଇଁ ଆମେ ସମସ୍ତେ ଗଛ ଲଗାଇବା ଦରକାର । ସ୍କୁଲ ସ୍ତରରୁ ଆରମ୍ଭ କରି ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଯୁବ ସଂଗଠନ, ସରକାରୀ ଅନୁଷ୍ଠାନ, ମାତୃଶକ୍ତି, ସ୍ୱେଚ୍ଛାସେବୀମାନଙ୍କୁ "ଏକ୍ ପେଡ୍ ମା' କେ ନାମ ୨.୦ ଅଭିଯାନରେ ଯୋଡି ଅନୁଗୋଳକୁ ସବୁଜ ସହରରେ ପରିଣତ କରିବାର ଦାୟିତ୍ୱ ନେବା ଦରକାର ।

ଚଳିତଥର ଅନୁଗୋଳ ବନଖଣ୍ଡରେ ପୂର୍ବ ବର୍ଷ ଅପେକ୍ଷା ଦୁଇ ଗୁଣା ଅର୍ଥାତ୍ ୭ ଲକ୍ଷ ୫୦ ହଜାର ଗଛ ଲଗାଯିବାର ଯୋଜନା ରହିଛି । ତେବେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଅନୁଗୋଳରେ ୧୦ ଲକ୍ଷ ଚାରା ଲଗାଇବା ସହ ଏହି ପରମ୍ପରାକୁ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରଖିବା ପାଇଁ ଆମେ ସଂକଳ୍ପ ନେବା ଦରକାର । ଗଛର ଯତ୍ନ ନେବା ସହ ଏହାକୁ ଜନଆନ୍ଦୋଳନର ରୂପ ଦେବା । ବନୀକରଣରେ ତାଳଚେର ସମେତ ଅନୁଗୋଳର ପରିଚୟ ସୃଷ୍ଟି କରିବାକୁ ସେ ଅପିଲ୍ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଅନୁଗୋଳ ବନଖଣ୍ଡର ପଦକ୍ଷେପ ଅନ୍ତର୍ଗତ ଭ୍ରାମ୍ୟମାଣ ଚାରା ବିତରଣ ରଥ, ସୂଚନା ରଥ, ସବୁଜ ଅନୁଗୋଳ ମୋବାଇଲ ଆପ୍, ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଟ୍ରକ, ଅନୁଗୋଳ ଫରେଷ୍ଟ ଡିଭିଜନ ୱେବସାଇଟ୍ ଓ ଅନ୍ୟାନ୍ୟ ପୋର୍ଟାଲ ଆଦି ଶୁଭାରମ୍ଭ କରିଥିଲେ । ଅନୁଗୋଳରେ ବୃକ୍ଷରୋପଣ ଅଭିଯାନକୁ ଏକ ଜନଆନ୍ଦୋଳନର ରୂପ ଦେବା ସହ ଜନସାଧାରଣଙ୍କ ମଧ୍ୟରେ ସମାଜିକ ସଚେତନତା ସୃଷ୍ଟି କରିବା ପାଇଁ ଏପରି ପଦକ୍ଷେପକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ ।

# ଲାଞ୍ଚ ମାମଲା : ଇଡି ଅଧିକାରୀଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ଜାମିନ୍

କଟକ,(ସବ୍ୟୁ): ଏକ ଲାଞ୍ଚ କାରବାର ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଇଡି ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟ ଅନ୍ତରୀଣ ଜାମିନ୍ ପ୍ରଦାନ କରିଛନ୍ତି। ନବଜାତ ଶିଶୁପୁତ୍ରକୁ ଦେଖିବା ପାଇଁ ଅଦାଲତ ଶ୍ରୀ ରଘୁବଂଶୀଙ୍କୁ ମାନବିକତା ଦୃଷ୍ଟିକୋଣରୁ ୧୦ଦିନ ପାଇଁ ଜେଲ୍‌ରୁ ଛାଡ଼ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜାମିନ୍ ଅବଧି ଶେଷ ହେବା ପରେ ଆବେଦନକାରୀ ତୁରନ୍ତ ଟ୍ରାଏଲ୍ କୋର୍ଟରେ ଆତ୍ମସମର୍ପଣ କରିବେ । ଯଦି ଏହାର ଉଲଂଘନ କରନ୍ତି ତାହେଲେ ତାଙ୍କୁ ଜେଲ୍‌ରେ ପୂରାଇବା ଲାଗି କଠୋର ପଦକ୍ଷେପ ଗ୍ରହଣ କରିବାକୁ ଅଦାଲତ ଉଲ୍ଲେଖ କରିଛନ୍ତି।

୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲାବେଳେ ସିବିଆଇ ଇଡି ଅଧିକାରୀ ଶ୍ରୀ ରଘୁବଂଶୀଙ୍କୁ ଗତ ମେ ମାସରେ ଗିରଫ କରିଥିଲା। ଏହି ଘଟଣାରେ ନିୟମିତ ଜାମିନ୍ ଆବେଦନ କରି ଶ୍ରୀ ରଘୁବଂଶୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତେବେ ତାଙ୍କ ନବଜାତ ଶିଶୁ ପାଇଁ ହାଇକୋର୍ଟରୁ ଅନ୍ତରୀଣ ଜାମିନ୍ ପ୍ରାର୍ଥନା କରିଥିଲେ। ଏହି ଜାମିନ୍ ଆବେଦନକୁ ସିବିଆଇ ପକ୍ଷରୁ ବିରୋଧ କରାଯାଇଥିଲା । ତାଙ୍କ ପତ୍ନୀ ଏବଂ ନବଜାତ ପୁତ୍ର ସୁସ୍ଥ ଥିବାରୁ ଅନ୍ତରୀଣ ଜାମିନ୍ ଦେବାର ଆବଶ୍ୟକତା ନାହିଁ ବୋଲି ଯୁକ୍ତି ଦର୍ଶଯାଇଥିଲା। ହାଇକୋର୍ଟ ଆବେଦନକାରୀଙ୍କୁ ଅନ୍ତରୀଣ ଜାମିନ୍ ଦେବା ପରିପ୍ରେକ୍ଷୀରେ କହିଛନ୍ତି ଯେ, ଶ୍ରୀ ରଘୁବଂଶୀ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ନୁହଁନ୍ତି କିମ୍ବା ତାଙ୍କ ନାମରେ ପୂର୍ବରୁ କୌଣସି ମାମଲା ନାହିଁ। ସେ ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀ। ଦ୍ୱିତୀୟରେ ପିଲାଙ୍କ ପ୍ରତି ପିତାମାତାଙ୍କ ସ୍ନେହକୁ କୌଣସି ଭାବେ ମପାଯାଇ ପାରିବ ନାହିଁ। ଏହା କେବଳ ଏକ ଭାବପ୍ରବଣତା । ଗୋଟେ ପିଲା ଜନ୍ମ ନେବା ଏକ ସାଧାରଣ କଥା ବୋଲି ଜଣେ କହିପାରେ । କିନ୍ତୁ ପିତାମାତାଙ୍କ ପାଇଁ ଏକ ବିରାଟ ଅନୁଭବ। ପରିବାରରେ ଗୋଟେ ନବଜାତ ଶିଶୁ ଆସିବା କେବଳ ଖୁସି ଆଣେନାହିଁ ଏହାପରେ ନାମକରଣ ଭଳି କେତେକ ଉତ୍ସବ ମାନର ଆୟୋଜନ କରାଯାଇଥାଏ । ଯଦିଓ ଏଥିରେ ଜଣେ ପିତାର ଉପସ୍ଥିତି ନିହାତି ଆବଶ୍ୟକ ନୁହେଁ କିନ୍ତୁ ପିତା ହିସାବରେ ଜଣେ ଆଶା ରଖିଥାନ୍ତି। ଗୋଟେ ନବଜାତ ପିଲାସହ ପିତାର ସମ୍ପର୍କ ଏତେ ନିବିଡ଼ ଯେ ତାହାକୁ କୌଣସି ଶବ୍ଦରେ ପ୍ରକାଶ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ଆବେଦନକାରୀଙ୍କୁ ସମ୍ପୂର୍ଣ୍ଣ ମାନବିକତା ଦୃଷ୍ଟିରୁ ୧୦ଦିନ ପାଇଁ ଜାମିନ୍ ଦିଆଯାଇଛି ବୋଲି କହିଛନ୍ତି।

### ଆଇଏଏସ୍ ବିଷ୍ଣୁପଦ ସେଠୀ ଆଶ୍ୱସ୍ତ

# ଅନ୍ତରୀଣ ସୁରକ୍ଷା ଦେଲେ ହାଇକୋର୍ଟ

କଟକ,(ସବ୍ୟୁ): ସିବିଆଇ ମାମଲାରେ ଆଇଏଏସ୍ ବିଷ୍ଣୁପଦ ସେଠୀ ଆଶ୍ୱସ୍ତ ହୋଇଛନ୍ତି । ଆଗୁଆ ଜାମିନ୍ ଆବେଦନ ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ଶ୍ରୀ ସେଠୀଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ଆଦେଶ ଦେଇଥିଲାବେଳେ ମାମଲାର ଶୁଣାଣି ଆସନ୍ତା ୮ ତାରିଖକୁ ଧାର୍ଯ୍ୟ ହୋଇଛି । ସେ ପର୍ଯ୍ୟନ୍ତ ସିବିଆଇ ତାଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ସିବିଆଇକୁ ଏହି ସମୟ ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର୍ ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଯଦିଓ ଏଫ୍ଆଇଆରରେ ଶ୍ରୀ ସେଠୀଙ୍କ ନାମ ନାହିଁ କିନ୍ତୁ ସିବିଆଇ ପକ୍ଷରୁ ତାଙ୍କ ଘରେ ଚଢ଼ଉ କରାଯିବା ସହ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ତାଙ୍କର ଏବଂ ପତ୍ନୀଙ୍କ ନାମରେ ଥିବା ଆକାଉଣ୍ଟ୍‌କୁ ସିବିଆଇ ପକ୍ଷରୁ ଅଚଳ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିବିଆଇ ପକ୍ଷରୁ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆରକୁ ରଦ୍ଦ କରିବା ସହ ତଦନ୍ତକୁ ବନ୍ଦ କରିବା ଲାଗି ଶ୍ରୀ ସେଠୀ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଶ୍ରୀ ସେଠୀଙ୍କ ପିଟିସନ୍‌କୁ ଗତ ମାସ ୨୦ ତାରିଖରେ ଖାରଜ କରି ଦେଇଥିଲେ । ଏହି ପିଟିସନ୍ ଖାରଜ ହୋଇଯିବା ପରେ ବିଷ୍ଣୁ ସେଠୀଙ୍କ ଗିରଫଦାରୀ ଆଶଙ୍କା ବଢ଼ିଯାଇଥିଲା। ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ସେ ଏହି ଆଗୁଆ ଜାମିନ୍ ଆବେଦନ କରିଥିଲେ । ଆଜି ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ସେଠୀଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ଦେବାଶିଷ ପଣ୍ଡା ପରିଚାଳନା କରୁଛନ୍ତି।

# ବିଧାୟକ ସନ୍ତୋଷ ଖଟୁଆ ନାରୀ ଜାତିକୁ କ୍ଷମା ମାଗନ୍ତୁ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ହାତୀ ଶୀକାର ଓ ହାତୀ ଦାନ୍ତ ଚୋରି ଘଟଣାରେ ସଂପୃକ୍ତି ଅଭିଯୋଗ କରିବାରୁ ବିଜେଡି ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ସେ ଦେଇଥିବା କୁତ୍ସିତ ଓ ନିମ୍ନରୁଚିର ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିବା ସହ ତୁରନ୍ତ ସମଗ୍ର ନାରୀ ଜାତି ନିକଟରେ ଶ୍ରୀ ଖଟୁଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଜେଡି ଦାବି କରିଛି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ବନ ବିଭାଗ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ହାତୀ ଦାନ୍ତ ଚୋରଙ୍କୁ ଧରିବା ବାବଦରେ ଗତକାଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଓ ଶାସକ ଦଳର ବିଧାୟକ ହୋଇଥିବାରୁ ଏଭଳି ସ୍ପର୍ଶକାତର ମାମଲାରେ ସଂପୃକ୍ତି ଥିଲେ ମଧ୍ୟ ବନ ବିଭାଗ ଶ୍ରୀ ଖଟୁଆଙ୍କୁ କାହିଁକି ଗିରଫ କରୁନାହାନ୍ତି ବୋଲି ବିଜେଡି ପ୍ରଶ୍ନ କରିଥିଲା । ଏଥିରେ ଉକ୍ଷିପ୍ତ ହୋଇ ଶ୍ରୀ ଖଟୁଆ, ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅତ୍ୟନ୍ତ ଘୃଣ୍ୟ, କୁତ୍ସିତ, ଅପମାନଜନକ ଓ ନିମ୍ନ ରୁଚିର ଭାଷା ପ୍ରୟୋଗ କରିଛନ୍ତି । ଜଣେ ମହିଳାର ମୁହଁକୁ ଆଧାର କରି ଯଦି ନକାରାତ୍ମକ ଟିପ୍ପଣୀ ଦିଆଯାଏ ତାହା କେବେହେଲେ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ବିଜେପି ଦଳରେ ମଧ୍ୟ ମହିଳା ନେତ୍ରୀ ତଥା ନିର୍ବାଚିତ ମହିଳା ପ୍ରତିନିଧି ଅଛନ୍ତି । ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଥିଲେ ଯେ, ଭିନ୍ନ ଚିନ୍ତାଧାରାର ଦଳ କହୁଥିବା ବିଜେପି, ମହିଳାମାନଙ୍କ ପ୍ରତି ଏଭଳି ଭାଷା ପ୍ରୟୋଗ କରିବା ପାଇଁ ତା'ର ବିଧାୟକମାନଙ୍କୁ କ'ଣ ଏଭଳି ତାଲିମ ଦେଇଛି କି? ଶ୍ରୀମତି ମଲ୍ଲିକ ଆହୁରି କହିଥିଲେ ଯେ, ମହିଳାମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ରାଜନୀତିରେ ସାମିଲ ହେବା ପାଇ ପ୍ରବାଦ ପୁରୁଷ ବିଜୁ ବାବୁ ଯେଉଁ ଧାରା ଆରମ୍ଭ କରିଥିଲେ, ସେହି ଧାରାକୁ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ନେଇ ଆତ୍ମସମ୍ମାନର ସହ ମହିଳାମାନେ ସମାଜରେ ଛିଡା ହେବା ପାଇଁ ଅନେକ ପଦକ୍ଷେପ ନେଇଥିଲେ । ବର୍ତ୍ତମାନ ଯାହା ଜଣାପଡୁଛି ବିଜେପି ସରକାରକୁ ଆସିଲା ପରେ ଚାହୁଁଛି ମହିଳାମାନେ ରାଜନୀତିକୁ ନ ଆସନ୍ତୁ । ବିଧାୟକ ଶ୍ରୀ ଖଟୁଆଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟ ଓ ଏହା ସମଗ୍ର ନାରୀ ଜାତି ପ୍ରତି ଅପମାନ । ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ଦଳ ନାରୀ ଜାତିଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ।

# ଅରୁନ୍ଧତୀ ଜୁଏଲର୍ସ ବଲାଙ୍ଗୀର ଶାଖାର ୨୫ତମ ଜନ୍ମବାର୍ଷିକୀ

ଭୁବନେଶ୍ୱର (ସବ୍ୟୁ): ଓଡିଶା ର ସର୍ବବୃହତ ଓ ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ସର୍ବପ୍ରଥମ ଓ ସର୍ବପୁରାତନ ବଲାଙ୍ଗୀର ଶାଖାର ୨୫ ତମ ଜନ୍ମବାର୍ଷିକୀ ଗତ ଜୁଲାଇ ୨ ତାରିଖ ଦିନ ଶତାଧିକ ଗ୍ରାହକ ବନ୍ଧୁ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ସମାରୋହରେ ପାଳିତ ହୋଇଯାଇଛି । ବଲାଙ୍ଗୀର ମାଟିରୁ ମା ସମଲେଶ୍ୱରୀ ଦେବୀଙ୍କ କୃପାରୁ ଆରମ୍ଭ ହୋଇଥିବା ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୨୫ ବର୍ଷ ଧରି ନିଜ ଆତ୍ମୀୟତା ଭରା ସେବା ମନୋଭାବ, ସୁନାଗହଣା ଓ ହୀରାମାନରେ ଶୁଦ୍ଧତା, ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରି ଏବେ ଓଡ଼ିଶାର ୧୧ ଟି ପ୍ରମୁଖ ସହରରେ ସେବା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ହୋଇପାରିଛି । ଏହି ଅବସରରେ ଅରୁନ୍ଧତୀ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ, ବଲାଙ୍ଗୀର ବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ




ଆଗକୁ ବଢିଥିବା ଅରୁନ୍ଧତୀ ଆଜି ଓଡ଼ିଶାର ଘରେ ଘରେ ଆଦୃତ ହୋଇପାରିଛି । ଏଥି ନିମନ୍ତେ ବଲାଙ୍ଗୀର ବାସୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିବା ସହ ଅରୁନ୍ଧତୀ ଜୁଏଲର୍ସ ତରଫରୁ anniversary special ଅଫର ମଧ ଘୋଷଣା କରାଯାଇଛି । ଏହି ଅଫର ମାଧ୍ୟମରେ ସୁନା ଓ ରୂପା ଗହଣାର ଗଢ଼ାମଜୁରୀ ଉପରେ ୫୦ ପ୍ରତିଶତ ରିହାତି, ହୀରାଗହଣାର ହିରାମୂଲ୍ୟ ଉପରେ ଫ୍ଲାଟ ୨୫ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି ଯାହା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କେବଳ ବଲାଙ୍ଗୀରର ଅରୁନ୍ଧତୀ ଶାଖାରେ ଉପଲବ୍ଧ ରହିବ ଓ ଆଗାମୀ ଦିନରେ ମଧ ଗ୍ରାହକ ବନ୍ଧୁଙ୍କ ନିଷ୍ଠାପର ସେବା ଜାରି ରହିବା ସହ ଭିଟାମାଟି ବଲାଙ୍ଗୀର ପାଇଁ ଅନେକ ସମ୍ମାନ ଓ ଗୌରବ ଆଣିବା ଅରୁନ୍ଧତୀ ର ପ୍ରଥମ ପ୍ରାଥମିକତା ବୋଲି ଏହି ଅବସରରେ କୁହାଯାଇଛି ।

# ଟିପିଡବ୍ଲୁଓଡିଏଲ୍ ଦ୍ୱାରା ସମ୍ବଲପୁର ଏବଂ ଝାରସୁଗୁଡା ଜିଲ୍ଲାରେ ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତିକରଣ

ବୁର୍ଲା/ସମ୍ବଲପୁର, (ସବ୍ୟୁ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇ ଦେବା ଲାଗି ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ ହାତକୁ ନେଉଅଛି । ନିରବଚ୍ଛିନ୍ନ ଏବଂ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ପ୍ରଦାନ କରିବାର ପ୍ରତିବଦ୍ଧତା ପୂର୍ବକ ଟିପିଡବ୍ଲୁଓଡିଏଲ୍ ସମ୍ବଲପୁର ଏବଂ ଝାରସୁଗୁଡା ଜିଲ୍ଲାରେ ତିନୋଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର (DTR) କୁ ସଫଳତାର ସହିତ ଅପଗ୍ରେଡ୍ କରିଅଛି । ଏହି ପଦକ୍ଷେପ



ଅନୁଯାଇ, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକର ପଣସପଡ଼ା ଏବଂ ସାଲେପଡ଼ା ଗ୍ରାମରେ ଥିବା ୧୬ କେ.ଭି.ଏ ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୁଡ଼ିକୁ ୨୫ କେ.ଭି.ଏ କ୍ଷମତାକୁ ଅପଗ୍ରେଡ କରାଯାଇଅଛି । ଏହି ପଦକ୍ଷେପ ଦ୍ୱାରା ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ହେବା ସହିତ ଲୋ ଭୋଲ୍ଟେଜ୍, ବିଦ୍ୟୁତ୍ ବିଭ୍ରାଟ ଭଳି ସମସ୍ୟାରେ ହ୍ରାସ ଘଟିବ ବୋଲି ଆଶା କରାଯାଉଅଛି ।

ସେହିପରି ଟିପିଡବ୍ଲୁଓଡିଏଲ୍ ଦ୍ୱାରା ବଡ଼ମାଲ ବିଜୁ ଚୌକଠରେ ଥିବା ୫୦୦ କେ.ଭି.ଏ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଓଭରଲୋଡିଂର ସମସ୍ୟାକୁ ସମାଧାନ କରିବା ପାଇଁ ଝାରସୁଗୁଡା ଜିଲ୍ଲାର ତେଲିପଡ଼ା ଗ୍ରାମରେ ଏକ ଅତିରିକ୍ତ ୨୫୦ କେ.ଭି.ଏ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଅଛି । ଏହା ଦ୍ୱାରା ଗ୍ରାମର ପ୍ରାୟ ୧୦୦ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ସୁନିଶ୍ଚିତ କରାଯାଇଅଛି । ଏହି ଉନ୍ନତିକରଣ କାର୍ଯ୍ୟ ବିଷୟରେ ନିଜ ମତ ପ୍ରକାଶ କରି ଟିପିଡବ୍ଲୁଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା କହିଛନ୍ତି ଯେ, ଆମେ ଆମର ବିତରଣ ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିକୁ ଉନ୍ନତ ଏବଂ ଆଧୁନିକୀକରଣ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଅଛୁ । ଏହି ସାମ୍ପ୍ରତିକ ଅପଗ୍ରେଡେସନ୍ କାର୍ଯ୍ୟ ବିଦ୍ୟୁତ୍ ବିତରଣ ସେବାରେ ଉନ୍ନତି ଆଣିବା ସହ ଗ୍ରାହକ ସନ୍ତୁଷ୍ଟି ସୁନିଶ୍ଚିତ କରିବା ଏବଂ ଗ୍ରାମୀଣ ଏବଂ ସହାଞ୍ଚଳରେ ବର୍ଦ୍ଧିତ ବିଦ୍ୟୁତ୍ ଆବଶ୍ୟକତାକୁ ପୂରଣ କରିବ ।

### ବେଦାନ୍ତ ଆଲୁମିନିୟମ ଫ୍ଲାଏ-ଆସ୍ ଇଟା ନିର୍ମାଣ ୟୁନିଟ୍ ପାଇଁ

# ଶୁଭଲକ୍ଷ୍ମୀ ସମବାୟ ସହିତ ଏମଓୟୁ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏକ ଅନନ୍ୟ ମହିଳା ନେତୃତ୍ୱାଧୀନ ଫ୍ଲାଏ ଆସ୍ ଇଟା ଉତ୍ପାଦନ ସୁବିଧା ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଛି ଯାହା ବାର୍ଷିକ ପ୍ରାୟ ଏକ କୋଟି ଇଟା ଉତ୍ପାଦନ କରିବ। ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଝାରସୁଗୁଡ଼ାରେ ଏହି ସୁବିଧା ସ୍ଥାପନ ପାଇଁ ଭାରତର ସର୍ବବୃହତ ଗ୍ରାମୀଣ ମହିଳା ସମବାୟ ମଧ୍ୟରୁ ଗୋଟିଏ ସୁଭଲକ୍ଷ୍ମୀ ସମବାୟ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ବେଦାନ୍ତର ମେଗା ଆଲୁମିନିୟମ ପ୍ଲାଣ୍ଟରୁ ସମବାୟକୁ ମାଗଣାରେ ଫ୍ଲାଏ ଆସ୍ ପ୍ରଦାନ କରାଯିବ। ଅନନ୍ୟ ଭାବରେ, ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ସହିତ ବୃତାକାର ଅର୍ଥନୀତି ମାର୍ଗର ବିକାଶକୁ ଦୃଢ଼ କରିଛି। ଦୈନିକ ୨୫,୦୦୦ରୁ ଅଧିକ ଇଟା ଉତ୍ପାଦନ କରିବାର କ୍ଷମତା ସହିତ ଏହି ସୁବିଧା ସମ୍ପୂର୍ଣ୍ଣ ଭାବରେ ସୁଭଲକ୍ଷ୍ମୀ ସମବାୟର ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହେବ। ବେଦାନ୍ତ ଆଲୁମିନିୟମ ଇଟା ଉତ୍ପାଦନ ୟୁନିଟ୍ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରିବାରେ ସହାୟତା ପ୍ରଦାନ କରିବ। ଏହା ଅପରେଟରମାନଙ୍କୁ ତାଲିମ ଦେବା ଏବଂ ନମୁନା ଇଟାର ତୃତୀୟ-ପକ୍ଷ ଗୁଣବତା ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ମଧ ବ୍ୟବସ୍ଥା କରିବ, ଯାହାଦ୍ୱାରା ସମ୍ପ୍ରଦାୟ ମଧ୍ୟରେ ବୈଷୟିକ ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି ପାଇବ। ଫ୍ଲାଏ ଆସ୍ ହେଉଛି ତାପଜ ବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟାର ଏକ ଉପ-ଉତ୍ପାଦ ଏବଂ ଏହାକୁ ସିମେଣ୍ଟ ଉତ୍ପାଦନ, ଇଟା ଉତ୍ପାଦନ ଏବଂ ରାସ୍ତା ନିର୍ମାଣ ଭଳି ଅନେକ ସ୍ଥାୟୀ ଉପାୟରେ ବର୍ଦ୍ଧିତ ଭାବରେ ବ୍ୟବହାର କରାଯାଉଛି। ମାର୍ଚ୍ଚ ୨୦୨୨ ଠାରୁ, ବେଦାନ୍ତ ଆଲୁମିନିୟମ ପ୍ରମୁଖ ସିମେଣ୍ଟ ନିର୍ମାତାମାନଙ୍କୁ ୧.୫ ନିୟୁତ ଟନ୍ ରୁ ଅଧିକ ଫ୍ଲାଏ ଆସ୍ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) କୁ ସେମାନଙ୍କର ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ୩ ନିୟୁତ ଟନ୍ ଯୋଗାଇଛି, ଏବଂ ଏହି ପ୍ରୟାସ ପାଇଁ ସମ୍ପ୍ରତି ଝାରସୁଗୁଡାରୁ ଏହାର ୬୫୦ତମ ଫ୍ଲାଏ ଆସ୍ ରେକ୍ ପଠାଯାଇଛି।



ଏହି ପଦକ୍ଷେପ ବିଷୟରେ ନିଜର ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନିଲ ଗୁପ୍ତା କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁଛୁ ଯେ ସହଭାଗୀ ପ୍ରଗତି ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ସହିତ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭ୍ୟାସଗୁଡ଼ିକୁ ମଧ ସୁନିଶ୍ଚିତ କରିବାରେ ନିହିତ। ଫ୍ଲାଏ ଆଶ୍ ଭଳି ଶିଳ୍ପ ଉପ-ଉତ୍ପାଦକୁ ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀରେ ପୁନଃପ୍ରୟୋଗ କରି, ଆମେ କେବଳ ଏକ ବୃତାକାର ଅର୍ଥନୀତିରେ ଯୋଗଦାନ ଦେଉନାହୁଁ ବରଂ ହଜାର ହଜାର ଗ୍ରାମୀଣ ମହିଳାଙ୍କ ପାଇଁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ମଧ ସୃଷ୍ଟି କରୁଛୁ। ଏହି ପଦକ୍ଷେପ ଅନ୍ତର୍ଭୁକ୍ତ ଅଭିବୃଦ୍ଧି, ପରିବେଶଗତ ପରିଚାଳନା ଏବଂ ଦୀର୍ଘକାଳୀନ ସମ୍ପ୍ରଦାୟ ବିକାଶ ପ୍ରତି ଆମର ପ୍ରତିବଦ୍ଧତାର ଏକ ଉପଯୁକ୍ତ ପ୍ରତିଫଳନ ଅଟେ।" ଏହି ଅବସରରେ ମତାମତ ଦେଇ ସୁଭଲକ୍ଷ୍ମୀ ସମବାୟର ସଭାପତି ପଙ୍କଜିନୀ ଓରାମ କହିଛନ୍ତି: "ବେଦାନ୍ତ ଆଲୁମିନିୟମ ସହିତ ସହଭାଗୀତା ଆମ ସଶକ୍ତିକରଣ ଯାତ୍ରାରେ ଏକ ନୂତନ ଅଧ୍ୟାୟକୁ ଚିହ୍ନିତ କରିଛି। ଆଗାମୀ ୟୁନିଟ୍ କେବଳ ଆମର ସଦସ୍ୟମାନଙ୍କୁ ଆୟର ଏକ ସ୍ଥିର ଉତ୍ସ ପ୍ରଦାନ କରିବ ନାହିଁ ବରଂ ସେମାନଙ୍କୁ ମୂଲ୍ୟବାନ ବୈଷୟିକ ଦକ୍ଷତା ସହିତ ସଜ୍ଜିତ କରିବ। ଆମର ସମବାୟରେ ଅନେକ ମହିଳାଙ୍କ ପାଇଁ, ଏହା କେବଳ ଏକ ଜୀବିକା ସୁଯୋଗ ନୁହେଁ - ଏହା ଆମ ସମ୍ପ୍ରଦାୟରେ ପରିବର୍ତ୍ତନର ନେତୃତ୍ୱ ନେବା ଏବଂ ଆମ ଗ୍ରହ ପାଇଁ ଏକ ସ୍ଥାୟୀ ଭବିଷ୍ୟତରେ ସିଧାସଳଖ ଯୋଗଦାନ ଦେବାର ଏକ ସୁଯୋଗ ଅଟେ।"

## ଘାନାର ଜାତୀୟ ସମ୍ମାନ ଗ୍ରହଣ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ:ଆଜି ଘାନାର ରାଷ୍ଟ୍ରପତି ଜନ୍ ଡ୍ରାମାନି ମହାମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜଣେ ବିଶିଷ୍ଟ ରାଜନେତା ତଥା ତାଙ୍କ ପ୍ରଭାବଶାଳୀ ବିଶ୍ୱ ନେତୃତ୍ୱର ସ୍ୱୀକୃତି ସ୍ୱରୂପ ଘାନାର ଜାତୀୟ ସମ୍ମାନ -'ଅଫିସର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର ଅଫ୍ ଘାନା'ରେ ସମ୍ମାନିତ କରିଛନ୍ତି । ୧.୪ ବିଲିୟନ ଭାରତୀୟଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରି ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ଭାରତର ଯୁବପିଢ଼ିଙ୍କ ଆକାଂକ୍ଷା, ଏହାର ସାଂସ୍କୃତିକ ପରମ୍ପରା ଏବଂ ବିବିଧତା ତଥା ଘାନାର ଐତିହାସିକ ସମ୍ପର୍କ ପ୍ରତି ଉତ୍ସର୍ଗ କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ବିଶେଷ ସମ୍ମାନ ପାଇଁ ଘାନାର ଜନସାଧାରଣ ଏବଂ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ ଯେ ଦୁଇ ଦେଶର ସମନ୍ୱିତ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ପରମ୍ପରା ଏହି ସହଭାଗୀତାକୁ ସୁଦୃଢ଼ କରିବ । ସେ ଉଲ୍ଲେଖ କରିଥିଲେ ଯେ ଏହି ପୁରସ୍କାର ଦୁଇ ଦେଶ ମଧ୍ୟରେ ବନ୍ଧୁତାକୁ ଆହୁରି ନିବିଡ଼ କରିବ ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ନେବା ପାଇଁ ତାଙ୍କୁ ଏକ ନୂତନ ଦାୟିତ୍ୱ ପ୍ରଦାନ କରିବ । ତାଙ୍କର ଐତିହାସିକ ଘାନା ଗସ୍ତ ଭାରତ-ଘାନା ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ

### ଘାନା ସଂସଦକୁ ସମ୍ବୋଧିତ କଲେ ମୋଦୀ

# ପ୍ରକୃତ ଗଣତନ୍ତ୍ର ଲୋକଙ୍କୁ ଏକତ୍ର କରେ

ନୂଆଦିଲ୍ଲୀ,: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘାନା ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧିତ କରିଛନ୍ତ ।ଏହା କରିବାରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ସଂସଦର ବାଚସ୍ପତି ଆଲବାନ କିଙ୍ଗସଫୋର୍ଡ ସୁମନା ବାଗବିନଙ୍କ ଦ୍ୱାରା ଆହୂତ ଏହି ଅଧିବେଶନରେ ସଂସଦର ସଦସ୍ୟ, ସରକାରୀ ଅଧିକାରୀ ଏବଂ ଉଭୟ ଦେଶର ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ । ଏହି ଅଭିଭାଷଣ ଭାରତ-ଘାନା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଭାବରେ ଚିହ୍ନିତ ହୋଇଥିଲା, ଯାହା ଦୁଇ ଦେଶକୁ ଏକତା କରୁଥିବା ପାରସ୍ପରିକ ସମ୍ମାନ ଏବଂ ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଫଳିତ କରିଥାଏ ।

ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଭାରତ ଏବଂ ଘାନା ମଧ୍ୟରେ ସ୍ୱାଧୀନତା ପାଇଁ ମିଳିତ ସଂଘର୍ଷ ଏବଂ ଗଣତନ୍ତ୍ର ଏବଂ ସମାବେଶୀ ବିକାଶ ପ୍ରତି ସାଧାରଣ ପ୍ରତିବଦ୍ଧତା ମାଧ୍ୟମରେ ନିର୍ମିତ ଐତିହାସିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ସେ ଘାନାର ରାଷ୍ଟ୍ରପତି ଜନ୍ ଡ୍ରାମାନି ମହାମା ଏବଂ ଘାନା ଲୋକଙ୍କ ପ୍ରତି ତାଙ୍କୁ ପ୍ରଦାନ କରାଯାଇଥିବା ଜାତୀୟ ସମ୍ମାନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ଏହାକୁ ସ୍ଥାୟୀ ବନ୍ଧୁତାର ପ୍ରତୀକ ବୋଲି କହିଥିଲେ । ମହାନ ଘାନା ନେତା ଡକ୍ଟର କ୍ୱାମେ ନକ୍ରୁମାଙ୍କ ଅବଦାନକୁ ଆକର୍ଷିତ କରି ସେ ଗୁରୁତ୍ୱାରୋପ କରିଥିଲେ ଯେ ଏକତା, ଶାନ୍ତି ଏବଂ ନ୍ୟାୟର ଆଦର୍ଶ ହେଉଛି ଦୃଢ଼ ଏବଂ ସ୍ଥାୟୀ ସହଭାଗୀତାର ମୂଳଦୁଆ ।


ଡକ୍ଟର ନକ୍ରୁମାଙ୍କୁ ଉଦ୍ଧୃତ କରି, ଯିଏ ଥରେ କହିଥିଲେ - ଆମକୁ ଏକତ୍ର କରୁଥିବା ଶକ୍ତିଗୁଡ଼ିକ ଆନ୍ତରିକ ଏବଂ ଆମକୁ ପୃଥକ ରଖୁଥିବା ପ୍ରଭାବଠାରୁ ଅଧିକ ବଡ଼ ଏବଂ ଯିଏ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଗଠନର ଦୀର୍ଘକାଳୀନ ପ୍ରଭାବ ଉପରେ ଗୁରୁତ୍ୱ ଦେଇଥିଲେ ।



ପ୍ରଧାନମନ୍ତ୍ରୀ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପୋଷଣ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଗଣତନ୍ତ୍ରର ଜନନୀ ଭାବରେ ଭାରତ ଏହାର ସଂସ୍କୃତିର ଅଂଶ ଭାବରେ ଗଣତାନ୍ତ୍ରିକ ନୀତିକୁ ଗ୍ରହଣ କରିଛି ବୋଲି ଉଲ୍ଲେଖ କରି, ପ୍ରଧାନମନ୍ତ୍ରୀ ଭାରତରେ ଗଣତନ୍ତ୍ରର ଗଭୀର ଏବଂ ସ୍ପନ୍ଦନଶୀଳ ମୂଳ ଉପରେ ଆଲୋକପାତ କରିଥିଲେ । ସେ ଭାରତର ବିବିଧତା ଏବଂ ଗଣତାନ୍ତ୍ରିକ ଶକ୍ତିକୁ ବିବିଧତା ମଧ୍ୟରେ ଏକତାର ଶକ୍ତିର ପ୍ରମାଣ ଭାବରେ ଦର୍ଶାଇଥିଲେ, ଯାହା ଘାନାର ନିଜସ୍ୱ ଗଣତାନ୍ତ୍ରିକ ଯାତ୍ରାରେ ପ୍ରତିଫଳିତ ହୋଇଥିଲା । ସେ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ, ମହାମାରୀ ଏବଂ ସାଇବର ବିପଦ ଭଳି ପ୍ରମୁଖ ବିଶ୍ୱ ଚ୍ୟାଲେଞ୍ଜଗୁଡ଼ିକୁ ମଧ୍ୟ ଆଲୋକିତ କରିଥିଲେ ଏବଂ ବିଶ୍ୱ ଶାସନରେ ଏକ ସାମୂହିକ ବିଶ୍ୱ ଦକ୍ଷିଣ ସ୍ୱର ପାଇଁ ଆହ୍ୱାନ କରିଥିଲେ । ଏହି ପରିପ୍ରେକ୍ଷୀରେ, ସେ ଭାରତର ରାଷ୍ଟ୍ରପତିତ୍ୱ ସମୟରେ ଜି୨୦ ର ସ୍ଥାୟୀ ସଦସ୍ୟ ଭାବରେ ଆଫ୍ରିକୀୟ ସଂଘକୁ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।ପ୍ରଧାନମନ୍ତ୍ରୀ ଘାନାର ସ୍ପନ୍ଦନଶୀଳ ସଂସଦୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ ଏବଂ ଉଭୟ ଦେଶର ବିଧାନସଭା ମଧ୍ୟରେ ବଢ଼ୁଥିବା ଆଦାନପ୍ରଦାନରେ ସନ୍ତୋଷ ପ୍ରକାଶ କରିଥିଲେ । ଏହିପରିପ୍ରେକ୍ଷୀରେ, ସେ ଘାନାର ସ୍ପନ୍ଦନଶୀଳ ସଂସଦୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ । ଏହି ପରିପ୍ରେକ୍ଷୀରେ, ସେ ଘାନାର-ଭାରତ ସଂସଦୀୟ ବନ୍ଧୁତା ସମାଜ ପ୍ରତିଷ୍ଠାକୁ ସ୍ୱାଗତ କରିଥିଲେ । ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ଭାରତର ଲୋକଙ୍କ ସଂକଳ୍ପ ପ୍ରକାଶ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପ୍ରଗତି ଏବଂ ସମୃଦ୍ଧି ହାସଲ କରିବାରେ ଭାରତ ଘାନାର କାନ୍ଧକୁ କାନ୍ଧ ମିଳାଇ ଠିଆ ହେବ ।

# ଦଲାଇଲାମା ବାଛିବେ ନିଜ ଉତ୍ତରାଧିକାରୀ : ଭାରତ

ନୂଆଦିଲ୍ଲୀ: ନିର୍ବାସିତ ତିବ୍ବତୀୟ ଆଧ୍ୟାତ୍ମିକ ନେତା ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିବା ବେଳେ ଗୁରୁବାର ଦିନ ଭାରତ ଚୀନର ଦାବି ଉପରେ ଏକ ଦୃଢ଼ ଆପତ୍ତି ଉଠାଇଛି । ଭାରତ କହିଛି ଯେ ଦଲାଇଲାମାଙ୍କ ଉତ୍ତରାଧିକାରୀ କିଏ ହେବ ତା'ର ନିଷ୍ପତ୍ତି କେବଳ ତାଙ୍କ ନିଜସ୍ୱ । ଏକ ବିବୃତିରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ଦଲାଇ ଲାମାଙ୍କ ପଦବୀ କେବଳ ତିବ୍ବତୀୟମାନଙ୍କ ପାଇଁ ନୁହେଁ ବରଂ ବିଶ୍ୱରେ ଥିବା ତାଙ୍କର ସମସ୍ତ ଅନୁଗାମୀଙ୍କ ପାଇଁ ଅତ୍ୟନ୍ତ



ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଉତ୍ତରାଧିକାରୀ ନିଷ୍ପତ୍ତି ନେବାର ଅଧିକାର କେବଳ ଦଲାଇଲାମାଙ୍କ ପାଖରେ ରହିଛି । ରିଜିଜୁ ଏବଂ ଜନତା ଦଳ (ୟୁନାଇଟେଡ୍) ନେତା ଲଲ୍ଲନ ସିଂହ ଭାରତ ସରକାରଙ୍କ ପ୍ରତିନିଧି ଭାବରେ ଦଲାଇ ଲାମାଙ୍କ ୯୦ତମ ଜନ୍ମଦିନ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଧର୍ମଶାଳା ଗସ୍ତ କରୁଛନ୍ତି । ରିଜିଜୁ ଆହୁରି ମଧ୍ୟ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଧାର୍ମିକ ଅବସର ।

ବୁଧବାର ପ୍ରକାଶିତ ଏକ ଆନୁଷ୍ଠାନିକ ବିବୃତିରେ ଚତୁର୍ଦ୍ଦଶ ଦଲାଇଲାମା ଘୋଷଣା କରିଛନ୍ତି ଯେ, ତାଙ୍କ ସରକାରୀ କାର୍ଯ୍ୟାଳୟ ଗାଡେନ୍ ଫୋଡରଙ୍ଗ ଟ୍ରଷ୍ଟ ଏକାକୀ ପଞ୍ଚଦଶ ଦଲାଇଲାମାଙ୍କ ମାନ୍ୟତା ଉପରେ ନିଷ୍ପତ୍ତି ନେବ । ଭବିଷ୍ୟତ ଦଲାଇଲାମାଙ୍କ ଚୟନ ପ୍ରକ୍ରିୟା ୨୪ ସେପ୍ଟେମ୍ବର ୨୦୧୧ ବିବୃତିରେ ସ୍ପଷ୍ଟ ଭାବରେ ଉଲ୍ଲିଖିତ ହୋଇଛି । ଏଥିରେ କୁହାଯାଇଛି ଯେ ଏହାର ଦାୟିତ୍ୱ କେବଳ ଗାଡେନ ଫୋଡରଙ୍ଗ ଟ୍ରଷ୍ଟର ।

ସେମାନେ ତିବ୍ବତୀୟ ବୌଦ୍ଧ ପରମ୍ପରାର ବିଭିନ୍ନ ମୁଖ୍ୟ ଓ ଦଲାଇଲାମାମାନଙ୍କ ବଂଶ ସହିତ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ ଥିବା ବିଶ୍ୱସନୀୟ ଶପଥଧାରୀ ଧର୍ମରକ୍ଷକମାନଙ୍କ ସହ ପରାମର୍ଶ କରିବେ । ସେହି ଅନୁଯାୟୀ ସେମାନେ ପୂର୍ବ ପରମ୍ପରା ଆଧାରରେ ଅନୁସନ୍ଧାନ ଓ ସ୍ୱୀକୃତି ପ୍ରକ୍ରିୟା ସମ୍ପାଦନ କରିବେ ।ଏହି ମାମଲାରେ ହସ୍ତକ୍ଷେପ କରିବାର ଅଧିକାର ଅନ୍ୟ କାହାର ନାହିଁ ବୋଲି ସେ କହିଛନ୍ତି ।

## ବଦଳିଲା ସଂସଦର ମୌସୁମୀ ଅଧିବେଶନ ତାରିଖ

ନୂଆଦିଲ୍ଲୀ: ବଦଳିଲା ସଂସଦର ମୌସୁମୀ ଅଧିବେଶନ ତାରିଖ । ସ୍ୱାଧୀନତା ଦିବସ ଥିବାରୁ ବଦଳିଲା ଅଧିବେଶନର ତାରିଖ ।ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି ୧୩ ଏବଂ ୧୪ ତାରିଖରେ କୌଣସି ବୈଠକ ବସିପାରିବ ନାହିଁ ।

ତେଣୁ ଜୁଲାଇ ୨୧ରୁ ଅଗଷ୍ଟ ୧୨ ଭିତରେ ବସିବାକୁ ଥିବା ସଂସଦର ମୌସୁମୀ ଅଧିବେଶନ ଏବେ ଜୁଲାଇ ୨୧ରୁ ଅଗଷ୍ଟ ୨୧ ତାରିଖ ଯାଏଁ ଚାଲିବ ବୋଲି ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ।ସାଧାରଣତଃ ସଂସଦର ମୌସୁମୀ ଅଧିବେଶନ ସ୍ୱାଧୀନତା ଦିବସ ଅର୍ଥାତ ଅଗଷ୍ଟ ୧୫ ତାରିଖ ପୂର୍ବରୁ ଶେଷ ହୋଇଯାଇଥାଏ । ହେଲେ ଏଥର କିନ୍ତୁ ମୌସୁମୀ ଅଧିବେଶନ ଅଗଷ୍ଟ ୧୫ ତାରିଖ ପରେ ମଧ୍ୟ ଚାଲିବ । କେନ୍ଦ୍ରମନ୍ତ୍ରୀ ରିଜିଜୁଙ୍କ କହିବା ମୁତାବକ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମୌସୁମୀ ଅଧିବେଶନର ଏହି ନୂଆ ତାରିଖକୁ ମଞ୍ଜୁରୀ ଦେଇଛନ୍ତି , ଯାହାକି ଜୁଲାଇ ୨୧ରୁ ଆରମ୍ଭ ହୋଇ ଅଗଷ୍ଟ ୨୧ ତାରିଖ ଯାଏଁ ଚାଲିବ । ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟ ସକାଳ ୧୧ଟାରୁ ଆରମ୍ଭ ହେବ । ତେବେ ଏଥର ସରଗରମ ରହିପାରେ ସଂସଦର ମୌସୁମୀ ଅଧିବେଶନ ।

ପହଲଗାମ୍ ଆକ୍ରମଣ ଠାରୁ ଅପରେସନ ସିନ୍ଦୂର ଯାଏଁ, ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଠାରୁ ଦିଲ୍ଲୀ ରାସ୍ତାରୁ ୬୨ ଲକ୍ଷ ପୁରୁଣା ଗାଡ଼ି ହଟାଇବା ପ୍ରସଙ୍ଗ ବି ଉଠିପାରେ ଯାହାକୁ ନେଇ ଗୃହ ସରଗରମ ରହିବ ବୋଲି କୁହାଯାଉଛି ।

## ମଝି ଆକାଶରେ ଅଘଟଣ : ଯାତ୍ରୀ ଭୟଭୀତ

ନୂଆଦିଲ୍ଲୀ: ମଙ୍ଗଳବାର ଦିନ ଗୋଆରୁ ପୁଣେ ଅଭିମୁଖେ ଉଡାଣ ଭରିଥିବା ସ୍ପାଇସ୍ ଜେଟ୍ ବିମାନ ପୁଣେରେ ସୁରକ୍ଷିତ ଅବତରଣ କରିବା ପରେ ଝରକାର ମରାମତି କରାଯାଇଥିଲା । ତେବେ





ଏସଜି୧୦୮୦ ଆକାଶରେ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରୁଥିବା ବେଳେ ହଠାତ୍ ସିଟ୍ ପାଖକୁ ଲାଗିଥିବା ଭିତର ଝରକା ଫ୍ରେମ୍ ବାହାରକୁ ବାହାରି ଆସିଥିଲା । ଝରକାର ଫ୍ରେମ୍ ହଠାତ୍ ବାହାରି ଆସିବା ପରେ ଯାତ୍ରୀ ଭୟଭୀତ ହୋଇଯାଇଥିଲେ ଏବଂ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଯଦିଓ ବିମାନ ସଦସ୍ୟ ଏହା କୌଣସି ବିପଦ ନୁହେଁ ବୋଲି କହିଥିଲେ ମାତ୍ର ଯାତ୍ରୀଙ୍କ ଭିତରେ ଭୟର ବାତାବରଣ ଖେଳିଯାଇଥିଲା । ବିମାନଟି ଅଘଟଣ ସମୟରେ ଜଣେ ଯାତ୍ରୀ ଏହି ଭିଡିଓ କରିଥିବା ବେଳେ ଏହା ବେସ୍ ଭାଇରାଲ ହେଉଛି । ସେପଟେ ଏହି ଘଟଣା ପରେ ସ୍ପାଇସ୍ ଜେଟ୍ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି ।ଭାଙ୍ଗିଯାଇଥିବା ଅଂଶଟି ବିମାନ ଭିତରକୁ ଖରା ନଆସିବା ପାଇଁ ଲଗାଯାଇଥାଏ । ଛାଇ ପାଇଁ ଏହା ଝରକା ଉପରେ ଲଗାଯାଇଥିଲା ଯାହା କୌଣସି ପ୍ରକାରେ ବିମାନର ସୁରକ୍ଷାକୁ ବିପଦରେ ପକାଇ ନଥିଲା ।

## ଆଜି ରାଞ୍ଚିରେ ଖୋଲିବ ଜାତୀୟ ମହିଳା ଓ ଶିଶୁ ବିକାଶ ପ୍ରତିଷ୍ଠାନ

ନୂଆଦିଲ୍ଲୀ : କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଶୁକ୍ରବାର ରାଞ୍ଚିରେ ସାବିତ୍ରୀବାଇ ଫୁଲେ ଜାତୀୟ ମହିଳା ଏବଂ ଶିଶୁ ବିକାଶ ପ୍ରତିଷ୍ଠାନର ନୂତନ ଆଞ୍ଚଳିକ କେନ୍ଦ୍ରର ଉଦଘାଟନ କରିବେ । ଏହି ନୂତନ ଆଞ୍ଚଳିକ କେନ୍ଦ୍ର ଭାରତର ପୂର୍ବାଞ୍ଚଳରେ କ୍ଷମତା ନିର୍ମାଣ ପ୍ରୟାସର ବିକେନ୍ଦ୍ରୀକରଣ ଏବଂ ସେବା ପ୍ରଦାନକୁ ଉନ୍ନତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ ।ଏହି ନୂତନ ଆଞ୍ଚଳିକ କେନ୍ଦ୍ର ବିଶେଷ ଭାବେ ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପଗୁଡ଼ିକର ତାଲିମ ଏବଂ ଗବେଷଣା ଆବଶ୍ୟକତାକୁ ପୂରଣ କରିବ, ଯାହା ଝାଡ଼ଖଣ୍ଡ, ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପରେ ଫୋକସ କରିବ ।

ଉଦଘାଟନୀ ଉତ୍ସବରେ ମହିଳା ଏବଂ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ 1 ସଞ୍ଜୟ ସେଠ୍, ଖିଜରିର ବିଧାୟକ ରାଜେଶ କଚ୍ଛପ ଏବଂ ହାତିଆ ନିର୍ବାଚନମଣ୍ଡଳୀର ବିଧାୟକ ନବୀନ ଜୟସ୍ୱାଲ ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀ ଝିଅମାନଙ୍କ ସହିତ ଆଲୋଚନା, ଅଭିଜ୍ଞତା ବାଣ୍ଟିବା ଏବଂ ବୃତ୍ତିଗତ ତାଲିମ ସମାପ୍ତ କରିଥିବା ବ୍ୟକ୍ତିଙ୍କୁ ଚାକିରି ପ୍ରମାଣପତ୍ର ବଣ୍ଟନ ମଧ୍ୟ ଅନ୍ତର୍ଭୁକ୍ତ ହେବ ।ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ନୂତନ ଲୋଗୋ ଉନ୍ମୋଚନ ମଧ୍ୟ କରାଯିବ ।

# ଆମେରିକା ଶରଣରେ ପାକିସ୍ତାନ

ଇସଲାମାବାଦ : ଗୋଟିଏ ଦଶନ୍ଧି ପରେ ପାକିସ୍ତାନର କୌଣସି ବାୟୁ ସେନା ମୁଖ୍ୟ ଆମେରିକା ଗସ୍ତ କରିଛନ୍ତିଛ ଏହି ଗସ୍ତର କିଛି ଦିନ ପୂର୍ବରୁ ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନିର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହ୍ୱାଇଟ ହାଉସରେ ଡିନର କରିଥିଲେ । ଅପରେସନ ସିନ୍ଦୂର ପରେ ଭାରତ ସହ ତିକ୍ତତା ସୃଷ୍ଟି କରି ଧୂଳି ଚାଟିଥିବା ପାକିସ୍ତାନ ଏବେ ନିଜର ସାମରିକ ଶକ୍ତିକୁ ମଜବୁତ କରିବାକୁ ଲାଗି ପଡ଼ିଛି । ପୂର୍ବରୁ ନିଜର ସାମରିକ ସୁରକ୍ଷା ପାଇଁ ପାକିସ୍ତାନ ସେନା ଚାଇନା ଦେଉଥିବା ଯୁଦ୍ଧାସ୍ତ୍ରର ବ୍ୟବହାର କରୁଥିଲା । ଚାଇନା ଯୁଦ୍ଧାସ୍ତ୍ର ବ୍ୟବହାର କରି ପାକିସ୍ତାନ ନିଜକୁ ବଳିୟାନ ଭାବୁଥିଲା ।



କିନ୍ତୁ ଭାରତ ସହ ତିକ୍ତତା ସମୟରେ ଚାଇନିଜ ଏୟାର ଡିଫେନ୍ସ ସିଷ୍ଟମ ଠାରୁ ଆରମ୍ଭ କରି ମିସାଇଲ ପାକିସ୍ତାନକୁ ଧୋକା ଦେଇଥିଲେ । ଭାରତର ଘନଘନ ଆକ୍ରମଣରେ ଚାଇନିଜ ଯୁଦ୍ଧାସ୍ତ୍ର ଫୁସ ହୋଇ ଯାଇଥିଲା । ଏହାକୁ ନେଇ ବିଚଳିତ ହୋଇ ପଡ଼ିଥିବା ପାକିସ୍ତାନ ଏବେ ଚାଇନା ବଦଳରେ ଆମେରିକା ଶରଣରେ ପଶିଛି । ପାକିସ୍ତାନର ବାୟୁସେନା ମୁଖ୍ୟ ଜହିର ଅହମଦ ବାବେର ସିଦ୍ଧୁ ଦେଶର ସାମରିକ କ୍ଷମତାକୁ ବୃଦ୍ଧି କରିବା ପାଇଁ ୱାଶିଂଟନରେ ପହଞ୍ଚିଛନ୍ତି । ଆମେରିକା ସହ ପ୍ରତିରକ୍ଷା ଡିଲ ଲକ୍ଷ୍ୟରେ ସେ ୱାଶିଂଟନ ଯାଇଥିବା ଜଣାପଡ଼ିଛି ।ଏହି ଗସ୍ତ ସମୟରେ ମୁନିର ଆମେରିକାର ବାୟୁ ସେନାର ମୁଖ୍ୟ ଜେନେରାଲ ଡାଭିଡ ଅଲଭିନଙ୍କ ସମେତ ବରିଷ୍ଠ ସାମରିକ ଅଧିକାରୀଙ୍କୁ ଭେଟିଥିଲେ । ଆମେରିକା ଠାରୁ ଆଧୁନିକ ଯୁଦ୍ଧାସ୍ତ୍ର ଓ ଏୟାର ଡିଫେନ୍ସ ସିଷ୍ଟମ ଆଣିବା ପାଇଁ ପାକିସ୍ତାନ ଲକ୍ଷ୍ୟ ରଖିଛି । ଖାସ ଏହି କାରଣ ପାଇଁ ପାକିସ୍ତାନର ବାୟୁସେନା ମୁଖ୍ୟ ଆମେରିକା ଗସ୍ତ କରିଛନ୍ତି ।

ସୂତ୍ର ଅନୁସାରେ, ଆମେରିକାର ଏକାଧିକ ଅତ୍ୟାଧୁନିକ ସାମରିକ ପ୍ଲାଟଫର୍ମ ଉପରେ ପାକିସ୍ତାନର ନଜର ରହିଛି । ପାକିସ୍ତାନ ତା'ର ବାୟୁ ସେନା ବ୍ୟବହାର କରୁଥିବା ଏଫ-୧୬ ବ୍ଲକ ୭୦ ଯୁଦ୍ଧ ବିମାନ ଓ ଏୟାର ଡିଫେନ୍ସ ସିଷ୍ଟମକୁ ଅଧିକ ମଜବୁତ କରିବାକୁ ଚାହୁଁଛ ।ସେହିପରି ଆକାଶ ପଥରୁ ଆକାଶ ପଥକୁ ଲକ୍ଷ୍ୟ ଭେଦ କରି ପାରୁଥିବା ଏଆଇଏମ-୭ ସ୍ପାରୋ ଓ ଆମେରିକା ନିର୍ମିତ ହାଇ ମୋବିଲିଟୀ ଆର୍ଟିଲେରୀ ରକେଟ ସିଷ୍ଟମ ବା ହିମାରସକୁ ମଧ୍ୟ ଆଣିବାକୁ ପାକିସ୍ତାନ ଯୋଜନା କରିଛି ।

## ଇଣ୍ଡୋନେସିଆରେ ଡଙ୍ଗା ବୁଡି ୧୨ ନିଖୋଜ

ବାଲି : ଇଣ୍ଡୋନେସିଆର ରିସର୍ଟ ଦ୍ୱୀପ ବାଲିରେ ୬୫ ଜଣଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଡ଼ିଯିବା ପରେ ଅତି କମରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୨ ଜଣ ନିଖୋଜ ଅଛନ୍ତି। ବୁଧବାର ବିଳମ୍ବିତ ରାତିରେ ପୂର୍ବ ଜାଭାର ବାନ୍ୟୁୱାଙ୍ଗି ବନ୍ଦର ଛାଡିବା ପରେ ଋକ୍କ ଟୁନୁ ପ୍ରତାମା ଜୟା ବୁଡ଼ିଯିବା ପରେ ଉଦ୍ଧାରକାରୀମାନେ ଏବେ ବି ବଞ୍ଚିଥିବା ଲୋକଙ୍କୁ ଖୋଜୁଛନ୍ତି, ଇଣ୍ଡୋନେସିଆର ସନ୍ଧାନ ଏବଂ ଉଦ୍ଧାର ସଂସ୍ଥା, ବାସାରନାସ୍, ଗୁରୁବାର ଦିନ ଏହି ସୂଚନା ଦେଇଛି। ଅଧିକାରୀଙ୍କ ଅନୁଯାୟୀ ଉଦ୍ଧାର କାର୍ଯ୍ୟର ଏକ ଅଂଶ ଭାବରେ ପଞ୍ଚତିରିଶ ଜଣ ବଞ୍ଚିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଛି, ଯେଉଁଥିରେ ଏକ ହେଲିକପ୍ଟର ଏବଂ ୧୫ଟି ଜାହାଜ ଅନ୍ତର୍ଭୁକ୍ତ।

ଏହି ଜାହାଜର ଅବସ୍ଥା ସମ୍ପୂର୍ଣ୍ଣ ବୁଡ଼ି ଯାଇଛି, ତେଣୁ ଫେରି ଭିତରେ ଲୋକ ଥିବାର ସମ୍ଭାବନା ଅଛିଛ କିନ୍ତୁ ବର୍ତ୍ତମାନ ଆମେ ପ୍ରଥମେ ଜଳପୃଷ୍ଠ ଉପରେ ଧ୍ୟାନ ଦେଉଛୁ, ସୁରାବାୟା ସନ୍ଧାନ ଏବଂ ଉଦ୍ଧାର ମୁଖ୍ୟ ନାନାଙ୍ଗ ସିଗିତ କହିଛନ୍ତି।ସିଗିତ ଆହୁରି କହିଛନ୍ତି ଯେ ପାଞ୍ଚ ଜଣ ପୀଡିତଙ୍କ ମୃତଦେହ ବାନ୍ୟୁୱାଙ୍ଗିରେ ସେମାନଙ୍କ ପରିବାରକୁ ନିଆଯିବା।ଛୁଟି କଟାଇବାକୁ ଏହି ଲୋକମାନେ ଇଣ୍ଡୋନେସିଆର ବାଲି ଦୀପକୁ ଆସିଥିଲେ।ଏମାନଙ୍କ ସମସ୍ତେ ପର୍ଯ୍ୟଟକ ବୋଲି କୁହାଯାଉଛି। ନିଖୋଜମାନଙ୍କୁ ଉଦ୍ଧାର ଲାଗି ଉଦ୍ୟମ ଜାରି ରହିଛି।

## ପୁଣି ନିଷ୍କ୍ରିୟ ହେଲା ପାକ୍ ସୋସିଆଲ୍ ମିଡିଆ ଆକାଉଣ୍ଟ





ନୂଆଦିଲ୍ଲୀ:ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିଶୋଧମୂଳକ କାର୍ଯ୍ୟ ଭାବେ କେତୋଟି ପାକିସ୍ତାନୀ ଚ୍ୟାନେଲ୍ ଓ ସୋସିଆଲ୍ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇଥିଲା ଭାରତ । ତେବେ ସେଗୁଡ଼ିକୁ ଗତକାଲି ପୁଣି ଥରେ ସକ୍ରିୟ ହୋଇଥିବାର ଦେଖିବାକୁ ମିଳିଥିଲା । ଆକାଉଣ୍ଟଗୁଡ଼ିକୁ ସକ୍ରିୟ ହେବାର ଦେଖି କେହି କେହି ପ୍ରତିବନ୍ଧକ ହଟିଲା ବୋଲି ଅନୁମାନ କରୁଥିଲେ ।ବୈଷୟିକ ତ୍ରୁଟି ଯୋଗୁ ଏପରି ହୋଇଥିଲା । ଏବେ ବି ପାକିସ୍ତାନୀ ଆକାଉଣ୍ଟଗୁଡ଼ିକ ଉପରେ ଭାରତରେ ପ୍ରତିବନ୍ଧକ ବଳବତ୍ତର ରହିଛି ।

ଆକାଉଣ୍ଟଗୁଡ଼ିକୁ ସକ୍ରିୟ ହେବାର ଦେଖି ତୀବ୍ର ପ୍ରତିକ୍ରିୟା ପରେ ଗୁରୁବାର ଦିନ ଭାରତରେ ଅନେକ ପ୍ରମୁଖ ପାକିସ୍ତାନୀ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ପୁଣି ଥରେ ଅବରୋଧ କରାଯାଇଛି । ହାନିଆ ଆମିର, ମାହିରା ଖାନ, ଶାହିଦ ଆଫ୍ରିଦି, ମାୱରା ହୋକାନ୍ ଏବଂ ଫୱାଦ ଖାନଙ୍କ ଭଳି ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଏବଂ ଟ୍ୱିଟର ପ୍ରୋଫାଇଲ୍ ଗୁରୁବାର ସକାଳ ସୁଦ୍ଧା ପୁଣି ଥରେ ଭାରତୀୟ ବ୍ୟବହାରକାରୀଙ୍କ ପାଇଁ ନିଷ୍କ୍ରିୟ ହୋଇଯାଇଛି ।ଉଲ୍ଲେଖଯୋଗ୍ୟ, ଏପ୍ରିଲ ୨୨ ତାରିଖରେ ହୋଇଥିବା ଆକ୍ରମଣକୁ ବିରୋଧ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରତିବନ୍ଧିତ ହୋଇଥିବା ସବା କ୍ୱାମାର, ମାୱରା ହୋକାନ, ଆହଦ ରାଜା ମୀର, ହାନିଆ ଆମିର, ୟୁମନା ଜୈଦି ଏବଂ ଦାନିଶ ତୈମୁର ସମେତ ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ଗତକାଲି ସେଗୁଡ଼ିକ ବୁଧବାର ଦିନ ଭାରତରେ ପୁଣି ଥରେ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଥିଲା ।

# କୋରିୟର୍ ବୟ ବେଶରେ ଘରେ ପଶି ମହିଳାଙ୍କୁ ଦୁଷ୍କର୍ମ

ପୁଣେ: ପୁଣେର ଏକ ଆରାମଦାୟକ ଆବାସିକ ସମାଜରେ ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ହୋଇଛି ଯେ ଅଭିଯୁକ୍ତ ନିଜକୁ ଜଣେ କୋରିୟର ଡେଲିଭରି ପାର୍ଟନର ଭାବରେ ପରିଚୟ ଦେଇ ପୀଡ଼ିତାଙ୍କ ଘରକୁ ଯାଇଥିଲେ । ସେଠାରେ ହିଁ ଅଭିଯୁକ୍ତ ପୀଡ଼ିତାଙ୍କ ସହ ଦୁଷ୍କର୍ମ କରିଥିଲେ । ଏହି ମାମଲାରେ ଏବେ ଅଭିଯୁକ୍ତଙ୍କୁ ଗିରଫ କରାଯାଇସାରିଛି ।

ଗତକାଲି ସନ୍ଧ୍ୟା ପ୍ରାୟ ୭.୩୦ରେ ପୁଣେର କୋନ୍ଧୱା ଅଞ୍ଚଳର ଏକ ଆବାସିକ ସମାଜରେ ଏହି ଘଟଣା ଘଟିଥିଲା। ବ୍ୟକ୍ତି ଜଣକ ପୀଡିତାଙ୍କ ଘରେ ଜଣେ କୋରିୟର୍ ବୟ ହୋଇ ପହଞ୍ଚିଥିଲେ । ଅଭିଯୁକ୍ତ କହିଥିଲେ ଯେ ସେ ଏକ ବ୍ୟାଙ୍କ ସମ୍ବନ୍ଧୀୟ ଡକ୍ୟୁମେଣ୍ଟ ନେଇ ଆସିଛନ୍ତି । ପୀଡ଼ିତାଙ୍କୁ ଏକ କଲମ ଆଣିବାକୁ କହିଥିଲେ । ପୀଡ଼ିତା ଜଣକ କଲମ ଆଣିବା ପାଇଁ ଘର ଭିତରକୁ ଯିବାବେଳେ ଅଭିଯୁକ୍ତ କବାଟ ବନ୍ଦ୍ କରି ତାଙ୍କ ସହ ଦୁଷ୍କର୍ମ କରିଥିଲେ ।

ତେବେ ପ୍ରାଥମିକ ତଦନ୍ତରୁ ଯାହା ଜଣାପଡ଼ିଛି ସେ ପୀଡ଼ିତାଙ୍କ ମୁହଁରେ କିଛି ଗୋଟେ ସ୍ପ୍ରେ କରିବାରୁ ପୀଡ଼ିତା ଅଚେତ ହୋଇ ଯାଇଥିଲେ । ତା'ପରେ ତାଙ୍କୁ ଦୁଷ୍କର୍ମ କରିବାକୁ ସହଜ ହୋଇଥିଲା । ଦୁଷ୍କର୍ମ କରିବା ପରେ ପୀଡ଼ିତାଙ୍କ ଫୋନରେ ସେଲ୍ଫି ଉଠାଇବା ସହ 'ମୁଁ ପୁଣି ଆସିବି' ବୋଲି ଏକ ମେସେଜ୍ ଲେଖି ଯାଇଥିବା ସୂଚନା ରହିଛି । ପୀଡ଼ିତା ଯଦି ଏ ସଂକ୍ରାନ୍ତରେ କାହାକୁ କୁହନ୍ତି ତ ପରିସ୍ଥିତି ଭୟଙ୍କର ହେବ ବୋଲି ଧମକ ବି ଦେଇଥିଲେ ।



# ବର୍ମିଂହାମ୍ ଟେଷ୍ଟ



# ଗିଲ୍ଙ୍କ ଦୁଇ ଶତକ, ଭାରତ ୫୮୭

ଦୀର୍ଘ ୨୩ ବର୍ଷ ପରେ ଇଂଲଣ୍ଡ ମାଟିରେ କୌଣସି ଭାରତୀୟ ଭାବେ ଗିଲ୍ ଦୁଇ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ୨୦୦୨ରେ ରାହୁଲ ଦ୍ରାବିଡ ଶେଷ ଥର ପାଇଁ ଓଭାଲ୍‌ରେ ୨୧୭ ରନ୍‌ର ଇନିଂସ ଖେଳିଥିଲେ। ସେହିପରି ଗିଲ୍ ୨୨୨ ରନ୍ କରିବା କ୍ଷଣି ସୁନିଲ୍ ଗାଭାସ୍କରଙ୍କ ୪୬ ବର୍ଷ ତଳର ଇଂଲଣ୍ଡରେ କରିଥିବା ରେକର୍ଡକୁ ଭାଙ୍ଗିଛନ୍ତି। ଇଂଲଣ୍ଡ ମାଟିରେ ସର୍ବାଧିକ ରନ୍ କରିଥିବା ଖେଳାଳିଙ୍କ ତାଲିକରେ ଗିଲ୍ ଏକ ନମ୍ବରରେ ପହଞ୍ଚିଯାଇଛନ୍ତି। ଗାଭାସ୍କର ୧୯୭୯ ରେ ଓଭାଲରେ ୨୨୧ ରନ୍‌ର ଇନିଂସ ଖେଳିଥିଲେ। ତାଙ୍କ ରେକର୍ଡକୁ ୪୬ ବର୍ଷ ପରେ ଭାରତୀୟ ଭାବେ ଗିଲ୍ ଭାଙ୍ଗିଛନ୍ତି।

## ସେନାଦେଶରେ ସର୍ବାଧିକ ରନ୍

ଗିଲ୍ ଭାରତର ଟେଷ୍ଟ ଅଧିନାୟକ ଭାବେ ସେନା ଦେଶରେ ସର୍ବାଧିକ ରନ୍ କରିବାର ରେକର୍ଡ ନିଜ ନାଁରେ କରିଛନ୍ତି। ଇଂଲଣ୍ଡ ମାଟିରେ ମଧ ସର୍ବାଧିକ ରନ୍ ହାସଲକାରୀ ଭାରତୀୟ ଅଧିନାୟକ ବନିଯାଇଛନ୍ତି। ପୂର୍ବରୁ ମହମ୍ମଦ ଆଝାରୁଦିନ୍ଙ୍କ ନାଁରେ ରେକର୍ଡ ଥିଲା। ସେ ୧୯୯୦ରେ ଭାରତର ଟେଷ୍ଟ ଅଧିନାୟକ ଭାବେ ଇଂଲଣ୍ଡର ଓଲ୍ଡ ଟ୍ରାଫଡରେ ୧୭୯ ରନ୍ କରିଥିଲେ। ସେହିପରି ନ୍ୟୁଜଲାଣ୍ଡରେ ତାଙ୍କ ବ୍ୟାଟରୁ ୧୯୨ ରନ୍‌ର ଇନିଂସ ଦେଖିବାକୁ ମିଳିଥିଲା।

ଏଜବଷ୍ଟନ, ୦୩।୭ (ଏଜେନ୍ସି) : ବର୍ମିଂହାମ୍ ଟେଷ୍ଟରେ ଭାରତ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇଛି। ଘରୋଇ ଦଳ ବିପକ୍ଷରେ ଭାରତ ପ୍ରଥମ ଇନିଂସରେ ରନ୍ ପାହାଡ ଛିଡା କରିଛି। ୨ୟ ଦିନ ତୃତୀୟ ଅଧିବେଶନ ସୁଦ୍ଧା ଭାରତ ୧୫୧ ଓଭରରେ ୫୮୭ ରନ୍ କରି ଅଲ୍ ଆଉଟ୍ ହୋଇଛି। ଅଧିନାୟକ ଶୁଭମନ୍ ଗିଲ୍ଙ୍କ ୨୬୯ ରନ୍‌ର ବିଶାଳ ଇନିଂସ ପାଇଁ ଭାରତ ଦୃଢ ସ୍ଥିତିରେ ପହଞ୍ଚି ପାରିଛି। ପ୍ରଥମ ଦିନର ସମାପ୍ତ ଇନିଂସ ୩୧୦/୫ ରୁ ଖେଳ ଆରମ୍ଭ କରିଥିଲା ଭାରତ। ୧୧୪ ରନ୍ କରି ଅପରାଜିତ ଥିବା ଶୁଭମନ୍ ଗିଲ୍ ଓ ରବିନ୍ଦ୍ର ଜାଡେଜା ୪୧ ରନ୍‌ରୁ ନିଜ ନିଜର ଇନିଂସ ଆରମ୍ଭ କରିଥିଲେ। ପ୍ରଥମ ଅଧିବେଶନରେ ଦୁହେଁ ଏତେ ସୁନ୍ଦର ଖେଳଲେ ଯେ, ଦଳ ୧୦୬.୧ ଓଭରରେ ୪୦୦ ରନ୍ ପୂରଣ କରିଥିଲା। ରବିନ୍ଦ୍ର ଜାଡେଜା ୮୦ ବଲରୁ ଅର୍ଦ୍ଧ ଶତକ ହାସଲ କରିଥିଲେ। ଗିଲ୍ ମଧ ୨୬୩ ବଲରୁ ୧୫୦ ରନ୍ ପୂରଣ କରିଥିଲେ। ମଧ୍ୟାହ୍ନ ବିରତି ଭାରତ ୧୧୦ ଓଭରରେ ୬ ୱିକେଟ୍ ହରାଇ ୪୧୯ ରନ୍ କରିଥିଲା। ରବିନ୍ଦ୍ର ଜାଡେଜା ୧୩୭ ବଲରୁ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୮୯ ରନ୍ କରି ପାଭିଲନ୍ ଫେରିଥିଲେ। ତାଙ୍କ ପଡିଆକୁ ଆସିଥିବା ୱାଶିଂଟନ ସୁନ୍ଦର ମଧ ୪୨ ରନ୍‌ର ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ୩ ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ୨ୟ ଅଧିବେଶନ ବିରତି ବେଳକୁ ଭାରତ ୧୪୧ ଓଭରରେ ୭ ୱିକେଟ୍ ହରାଇ ୫୬୪ ରନ୍ କରିଥିଲା। ଶୁଭମନ୍ ଗିଲ୍ ୩୪୮ ବଲରୁ ୨୫୦ ରନ୍ ପୂରଣ କରିଥିଲେ। ଭଲ ଖେଳୁଥିବା ଶୁଭମନ୍ ୩୮୭ ବଲର ସମ୍ମୁଖୀନ ହୋଇ ୩୦ ଚୌକା ଓ ୩ ଛକା ସହାୟତାରେ ୨୬୯ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ପରେ କେବଳ ଉପଚାରିକତା ବାକି ଥିଲା। ଆଉ ୧୩ ରନ୍ ମଧ୍ୟରେ ଅବଶିଷ୍ଟ ୨ ୱିକେଟ୍ ଝଡିଥିଲା। ଆକାଶ ଦୀପ ୬ ଓ ମହମ୍ମଦ ସିରାଜ ୮ ରନ୍ କରି ଆଉଟ୍ ହେବା ସହ ଭାରତର ପ୍ରଥମ ଇନିଂସ ଶେଷ ହୋଇଥିଲା। ଭାରତ ୧୫୧ ଓଭରରେ ୫୮୭ ରନ୍‌ର ବଡ ସ୍କୋର କରିଛି। ଇଂଲଣ୍ଡର ଶୋଏବ ବଶିରଙ୍କୁ ସର୍ବାଧିକ ୩ଟି, କ୍ରିସ୍ ୱକ୍ସ ଓ ଯୋସ୍ ଟଙ୍ଗ ଦୁଇଟି ଲେଖାଏଁ, ବ୍ରେଡନ୍ କାରସେ, ବେନ୍ ଷ୍ଟୋକ୍ସ ଏବଂ ଜୋରୁଟ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

## ସଚିନଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ମାତ୍ର ୨୫ ବର୍ଷ ବୟସରେ ଦେଶ ବାହାରେ ଖେଳାଯାଉଥିବା କୌଣସି ଟେଷ୍ଟ ଶୃଙ୍ଖଳାରେ ସର୍ବାଧିକ ରନ୍ କରିବା ରେକର୍ଡ ଗିଲ୍ ନିଜ ନାଁରେ କରିଛନ୍ତି। କ୍ରିକେଟ୍ ଭଗବାନ ସଚିନ ତେନ୍ଦୁଲକରଙ୍କ ନାଁରେ ଥିବା ଏହି ରେକର୍ଡକୁ ସେ ଭାଙ୍ଗିଛନ୍ତି। ଗିଲ୍ ଦୁଇଟି ମ୍ୟାଚ୍‌ରେ ପାଖାପାଖି ୪୦୦ ରୁ ଊର୍ଦ୍ଧ୍ୱ ରନ୍ କରିସାରିଲେଣି। ତେନ୍ଦୁଲକର ୧୯୯୭ ରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ୨୯୦ ରନ୍ କରିଥିଲେ।

## ପଟୌଦିଙ୍କ ପରେ ଗିଲ୍ ସର୍ବ କନିଷ୍ଠ

ଶୁଭମନ୍ ଗିଲ୍ ଭାରତର ଦ୍ୱିତୀୟ ସର୍ବ କନିଷ୍ଠ ଖେଳାଳି ଭାବେ ଟେଷ୍ଟ କ୍ରିକେଟ୍‌ରେ ଦୁଇ ଶତକ ମାରିଛନ୍ତି। ତାଙ୍କ ଉପରେ କିମ୍ବଦନ୍ତୀ କ୍ରିକେଟ୍‌ର ଟାଇଗର ପଟୌଦି ଓରଫ୍ ମନସୁର ଅଲି ଖାନ ପଟୌଦି ୧୯୬୪ ରେ ମାତ୍ର ୨୩ ବର୍ଷ ବୟସରେ ଇଂଲଣ୍ଡ ବିପକ୍ଷରେ ଦୁଇ ଶତକ ମାରିଥିଲେ। ଏବେ ୨୫ ବର୍ଷ ୨୯୮ ଦିନ ବୟସରେ ସେହି ଇଂଲଣ୍ଡ ବିପକ୍ଷରେ ୨୬୯ ରନ୍‌ର ଇନିଂସ ଖେଳିଛନ୍ତି। ତାଲିକା ତୃତୀୟ ସ୍ଥାନରେ ସଚିନ୍ ତେନ୍ଦୁଲକର ରହିଛନ୍ତି। ସେ ୨୬ ବର୍ଷ ୧୮୯ ଦିନ ବୟସରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଦୁଇ ଶତକ ମାରିଥିଲେ।

## ଭାରତ ପାଇଁ ସର୍ବାଧିକ ରନ

କୌଣସି ସେନା ଦେଶରେ ସର୍ବାଧିକ ରନ ହାସଲ କରିବା ରେକର୍ଡ ମଧ ଗିଲ ନିଜ ନାଁରେ କରିଛନ୍ତି। ପୂର୍ବରୁ ଏହା ସଚିନ ତେନ୍ଦୁଲକରଙ୍କ ନାଁରେ ଥିଲା। ସେ ଅଷ୍ଟ୍ରେଲିଆର ସିଡନୀରେ ୨୪୧ ରନର ଇନିଂସ ଖେଳିଥିଲେ। କିନ୍ତୁ ଗିଲ ୨୫୭ ରନ କରି ଏହାକୁ ଅତିକ୍ରମ କରି ଯାଇଛନ୍ତି।

ତୃତୀୟ ସ୍ଥାନରେ ରାହୁଲ ଦ୍ରାବିଡ ଆଡିଲେଡ ୨୩୩ ରନ କରିଥିଲେ।

ସେହିପରି ଅଧିନାୟକ ଭାବେ ସେ ସର୍ବାଧିକ ରନ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ବିରାଟ କୋହଲିଙ୍କ ନାଁରେ ଥିଲା। ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ୨୦୧୭ ଟେଷ୍ଟରେ ୨୫୪ ରନର ଇନିଂସ ଖେଳିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଗିଲ ୨୬୦ ରନରେ ବ୍ୟାଟିଂ କରୁଛନ୍ତି। ଭାରତ ୭ ୱିକେଟ ହରାଇ ୫୫୮ ରନ କରିଛି।

## ଏସିଆ କପ୍ ହକି
# ଭାରତ ଆସିବ ପାକିସ୍ତାନ



ନୂଆଦିଲ୍ଲୀ, ୦୩।୭ (ଏଜେନ୍ସି) : ଆଗାମୀ ଅଗଷ୍ଟ ୨୭ ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିରିଠାରେ ଏସିଆ କପ୍ ଆୟୋଜିତ ହେବ। ଦୁଇ ଦେଶ ମଧ୍ୟରେ ତିକ୍ତତା ଲାଗି ରହିଥିବାରୁ ପାକିସ୍ତାନ ଅଂଶଗ୍ରହଣ ନେଇ ସସପେନ୍ସ ଲାଗି ରହିଥିଲା। କ୍ରୀଡା ମନ୍ତ୍ରଣାଳୟର ଅନୁମତି ପରେ ଚିତ୍ର ସ୍ପଷ୍ଟ ହୋଇଛି। ଏସିଆ କପ୍‌ର ଅଂଶଗ୍ରହଣ ପାଇଁ ପାକିସ୍ତାନ ହକି ଦଳ ଭାରତ ଆସିବ। ଗୁରୁବାର ଭାରତ ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ପାକିସ୍ତାନ ଦଳକୁ ଭାରତ ଆସିବା ପାଇଁ ଅନୁମତି ଦେଇଛି। ସ୍ୱରାଷ୍ଟ୍ର, ବୈଦେଶିକ ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳି ସାରିଥିଲା ସୂଚନା ମିଳିଛି। ମନ୍ତ୍ରାଣାଳୟ ପକ୍ଷରୁ କୁହାଯାଇଛି ଯେ, ଆମେ ଭାରତରେ କୌଣସି ଦଳର ଅଂଶଗ୍ରହଣ ବରୋଧରେ ନାହୁଁ। ବହୁ ଦେଶୀୟ ଟୁର୍ଣ୍ଣାମେଣ୍ଟରେ ଆମେ କଟକଣା ଲଗାଇବୁ ନାହିଁ। ଦ୍ୱିପାକ୍ଷୀକ ଶୃଙ୍ଖଳାର ସ୍ଥିତି ଅଲଗା। ଏସିଆ କପ୍ ବ୍ୟତିତ ଚଳିତ ବର୍ଷ ଭାରତରେ ହେବାକୁ ଥିବା ଜୁନିୟର ହକି ବିଶ୍ୱ କପ୍ ପାଇଁ ମଧ ପାକିସ୍ତାନ ନୂଆଦିଲ୍ଲୀ ଆସିବ।

# ଡିଏଗୋ ଜୋଟାଙ୍କ ଅକାଳ ବିୟୋଗ



ନୂଆଦିଲ୍ଲୀ, ୦୩।୭ (ଏଜେନ୍ସି) : ବିଶ୍ୱର ଅନ୍ୟତମ ତାରକା ଫୁଟ ବୋଲର ଡିଏଗୋ ଜୋଟାଙ୍କ ଅକାଳ ବିୟୋଗ ଘଟିଛି। ଅନ୍ତର୍ଜାତୀୟ ସ୍ତରରେ ପର୍ତ୍ତୁଗାଲ ଓ କ୍ଲବ ସ୍ତରରେ ଲିଭରପୁଲ୍ ପାଇଁ ଖେଳୁଥିବା ଡିଏଗୋ ବିବାହର ମାତ୍ର ୧୦ ଦିନ ପରେ ଆଖି ବୁଜିଛନ୍ତି। ସ୍ପେନ୍‌ରେ ଘଟିଥିବା ଭୟଙ୍କର କାର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ପାଲାକିଓସ୍- ଡେ ସାନାବ୍ରିୟା ନିକଟ ଏ ୫୨ ଜାତୀୟ ରାଜପଥରେ ୨୮ ବର୍ଷୀୟ ଡିଏଗୋ ଭୟଙ୍କର କାର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ବେଳେ ଡିଏଗୋଙ୍କ ସାନ ଭାଇ ୨୬ ବର୍ଷୀୟ ଆନ୍ଦ୍ରେ ଫିଲିପ୍ ମଧ ଥିଲେ। ଆନ୍ଦ୍ରେ ମଧ ଫୁଟବଲ୍ ଖେଳନ୍ତି। ଏହି କାର ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ୍ୟୁ ହୋଇଛି।

ଡିଏଗୋ ଏବଂ ଆନ୍ଦ୍ରେ ଲାମ୍ବୋରଗିନି କାରରେ ଯାଉଥିଲେ। ତାଙ୍କ ଗାଡି ଆଉ ଏକ କାରକୁ ଓଭରଟେକ୍ କରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କ ଗାଡିର ଟାୟାର ଫାଟିଯିବାରୁ କାର୍‌ଟି ଓଲଟି ପଡିଥିଲା। ବେଗ ଅଧିକ ଥିବାରୁ କାର୍‌ଟି ଘୋଷାଡି ହୋଇ ଯିବାବେଳେ ନିଆଁ ଲାଗି ଯାଇଥିଲା। ଦୁଇ ଭାଇ ନିଆଁରେ ପୋଡି ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଗତ ଜୁନ୍ ୨୨ରେ ଡିଏଗୋ ତାଙ୍କ ଦୀର୍ଘ ସମୟର ବାନ୍ଧବୀ ରୁଟେ କାର୍ଡୋଶୋଙ୍କୁ ବିବାହ କରିଥିଲେ। ନିଜର ତିନି ପିଲାଙ୍କ ସହ ବିବାହ ଖୁସି ମନାଉଥିବା ଫଟୋ ସାମ୍ନାକୁ ଆସିଛି। ଡିଏଗୋ ନିଜର ଫୁଟବଲ୍ କ୍ୟାରିୟରରେ ପର୍ତ୍ତୁଗାଲର ପାଓସ୍ ଡେ ରୁ ଆରମ୍ଭ କରିଥିଲେ। ୨୦୧୬ରେ ସେ ଆଟଲେଟିକୋ ମାଦ୍ରିଦକୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ଲିଭରପୁଲ୍‌ର ଫରୱାର୍ଡ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଡିଏଗୋ ପର୍ତ୍ତୁଗାଲ ପାଇଁ ଅନେକ ବଡ ଟୁର୍ଣ୍ଣାମେଣ୍ଟ ଖେଳିଛନ୍ତି। ଚଳିତ ବର୍ଷ ପର୍ତ୍ତୁଗାଲ ୟୁଇଏଫ୍ଏ ନ୍ୟାସନାଲ୍ ଲିଗ୍ ଜିତିଥିଲା। ପର୍ତ୍ତୁଗାଲ ଦଳରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଡିଏଗୋ। ୨୦୨୪ ୟୁରୋପରେ ମଧ ସେ ପର୍ତ୍ତୁଗାଲ୍‌ର ପ୍ରତିନିଧିତ୍ୱ କରିଥିଲେ। କ୍ରିଷ୍ଟିୟାନ୍ ରୋନାଲ୍ଡୋଙ୍କ ଜଣେ ଭଲ ବନ୍ଧୁ ଭାବେ ସେ ଜଣାଶୁଣା।

# ବିଶ୍ୱ ପୋଲିସ, ଅଗ୍ନିଶମ କ୍ରୀଡା : ୫ ସ୍ୱର୍ଣ୍ଣ ଜିତିଲେ ୪ କନେଷ୍ଟବଳ



ଭୁବନେଶ୍ୱର, ୦୩।୭ (ସବ୍ୟୁ) : ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମ୍‌ରେ ଅନୁଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ୨୦୨୫ରେ ଓଡିଶା ପୋଲିସର କ୍ରୀଡାବିତ୍‌ମାନେ ନିରନ୍ତର ଭାବେ ସଫଳତା ହାସଲ କରିଚାଲିଛନ୍ତି। ଏହି କ୍ରମରେ ୪ ଜଣ ଯୁବକ୍ରୀଡାବିତ୍ ସ୍ୱର୍ଣ୍ଣପଦକ ହାସଲ କରି ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି। କନେଷ୍ଟବଳ ଅଶୋକ ଦଣ୍ଡସେନା ୧୫ ଶହ ମିଟର ଦୌଡରେ ସ୍ୱର୍ଣ୍ଣ ଜିତିଛନ୍ତି। ସେହିଭଳି ମହିଳା ୧୫ ଶହ ମିଟରରେ ସୁସ୍ମିତା ଟିଗା ସ୍ୱର୍ଣ୍ଣ ହାସଲ କରି ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ପୂର୍ବରୁ ଅଶୋକ ଦଣ୍ଡସେନା ୮ ଶହ ମିଟରରେ ଦୌଡରେ ସ୍ୱର୍ଣ୍ଣ ଏବଂ ସୁସ୍ମିତା ଟିଗା ରୌପ୍ୟ ପଦକ ହାସଲ କରିଥିଲେ।

କନଷ୍ଟେବଳ ଭଗବାନ ରେଡ୍ଡି କରାଡେ ୬୪ କିଗ୍ରା ଏବଂ କନେଷ୍ଟବଳ ସୁମନ ଶେଖର ଦାସ ୮୪ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟ ହୋଇଛନ୍ତି। ଏହି କ୍ରୀଡାବିତ୍‌ଙ୍କ ପଦକ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡାବିତ୍‌ଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ବିଶ୍ୱ ପୋଲିସ, ଅଗ୍ନିଶମ କ୍ରୀଡା ପ୍ରତି ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। ଯେଉଁଥିରେ ପୋଲିସ, ଅଗ୍ନିଶମ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହାଜର ଖେଳାଳି ଅଂଶଗ୍ରହଣ କରିଥାନ୍ତି। ଏହି କୃତି କ୍ରୀଡାବିତ୍‌ଙ୍କ ବିଜୟ ଓଡିଶା ପୋଲିସର କ୍ରୀଡା ଉତ୍କର୍ଷତା, ଦୃଢତା, ଶୃଙ୍ଖଳାର ପ୍ରମାଣ।

## ରଗ୍‌ବୀ ପ୍ରିମିୟର ଲିଗ୍
# ଦୁଇ ଓଡିଶା ସାହାନୱାଜ୍, ସମ୍ବିତଙ୍କ ପରାକ୍ରମ

ଭୁବନେଶ୍ୱର, ୦୩।୭ (ସବ୍ୟୁ) : ଗତ ଜୁନ୍ ୧୫ ରୁ ୨୯ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ଜିଏମ୍ଆର୍ ରଗ୍‌ବୀ ପ୍ରିମିୟର ଲିଗ୍ ପ୍ରଥମ ସଂସ୍କରଣରେ ଓଡିଶାର ଦୁଇ ତାରକା ଖେଳାଳି ସାହାନୱାଜ୍ ଅହମ୍ମଦ ଏବଂ ସମ୍ବିଦ ପ୍ରଧାନ ପରାକ୍ରମ ଦେଖାଇଛନ୍ତି। ଉଭୟ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ପଦକ ହାସଲ କରି ଓଡିଶା ପାଇଁ ଗୌରବ ଅର୍ଜନ କରିଛନ୍ତି। ରଗ୍‌ବୀ ପ୍ରିମିୟର ଲିଗ୍‌ର ଫାଇନାଲ୍‌ରେ ଚେନ୍ନାଇ ବୁଲ୍‌ସ ୪୧-୦ ରେ ଦିଲ୍ଲୀ ରେଡ୍ସ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସ୍ୱର୍ଣ୍ଣ ପଦକ ବିଜୟୀ ଚେନ୍ନାଇ ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇଥିଲେ ସାହାନୱାଜ୍। ସେହିଭଳି ସମ୍ବିଦ ନିଜର ଉଚ୍ଚତମ ପ୍ରଦର୍ଶନ ଦେଖାଇ ହାଇଦ୍ରାବାଦ ହିରୋଜ ବ୍ରୋଞ୍ଜ୍ ପଦକ ସଫଳତାରେ ସହାୟକ ହୋଇଥିଲେ। ହାଇଦ୍ରାବାଦ ୧୭-୧୨ ବ୍ୟବଧାନରେ ବେଙ୍ଗାଲୋରୋ ବ୍ରେଭ ହାର୍ଟସ୍‌କୁ ହରାଇ ବ୍ରୋଞ୍ଜ୍ ପଦକ ଲାଭ କରିଥିଲା। ସାହାନୱାଜ ଓ ସମ୍ବିଦଙ୍କ ଏହି ଉଚ୍ଚକୋଟିର ପ୍ରଦର୍ଶନ ଓଡିଶାର ଭବିଷ୍ୟତର ରଗ୍‌ବୀ କ୍ରୀଡାବିତ୍ ଏବଂ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଶୃଙ୍ଖଳା, ଦୃଢତା, ଉତ୍କ୍ଷତା ସହ ରଗ୍‌ବୀ ପାଇଁ ପ୍ରେମ ଏବଂ ପ୍ରେରଣା ଯୋଗାଇବ।

## ୱିମ୍ବଲଡନ୍ | ତୃତୀୟ ରାଉଣ୍ଡରେ ଜୋକ୍‌ଭିକ୍

ଲଣ୍ଡନ, ୦୩।୭ (ଏଜେନ୍ସି) : ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟେନିଂ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ୍‌ରେ ହଟଚମଟ ଲାଗି ରହିଛି। ଏହି ପ୍ରତିଯୋଗିତରେ ବହୁ ଖ୍ୟାତାନାମା ଖେଳାଳି ପ୍ରଥମ ଓ ଦ୍ୱିତୀୟ ରାଉଣ୍ଡ ବିଦାୟ ନେଇଥିବା ବେଳେ ସର୍ବିୟାର ପେସାଦାର ପୁରୁଷ ଟେନିସ୍ ଖେଳାଳି ନୋଭାକ୍ ଜୋକଭିକଙ୍କ ଜୟଯାତ୍ରା ଜାରି ରହିଛି।

ଜୋକଭିକ୍ ସେଣ୍ଟର କୋର୍ଟରେ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ ଇଂଲଣ୍ଡର ଡାନ୍ ଇଭାନ୍ସଙ୍କୁ ୨ୟ ରାଉଣ୍ଡ ଲଢେଇରେ ୬-୩, ୬-୨, ୬-୦ ସିଧାସଳଖ ସେଟ୍‌ରେ ଧରାସାୟୀ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟଏକ ୨ୟ ରାଉଣ୍ଡ ମ୍ୟାଚ୍‌ରେ ଯାଉମି ମୁନାର ୬-୨, ୬-୩, ୭-୬ ସେଟ୍‌ରେ ଫାବିୟାନ୍ ମାର୍ଜୋସାନ୍‌ଙ୍କୁ ପରାଜିତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିଭଳି ମିଓମିର କେସ ମାନଭିକ୍, ଜାବୁକ୍ ମେନସିକ୍, ଫ୍ଲାଭିଓ କୋବୋଲି, ଆଲେକ୍ସ ଡି ମିନାଉର ବିଜୟ ଲାଭ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ମହିଳା ବର୍ଗର ସିଙ୍ଗସ୍ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଏକଟେରିନା ଆଲେକଜାଣ୍ଡ୍ରାଭା, ଅଣସିଡେଡ୍ ଡାନିଏଲି ପୁଲିନ୍ସ, ହେଲି ବାପ୍‌ଟିଷ୍ଟେ, ଏଲିଜା ବେର୍‌ଟା କୋକିଆର୍‌ଟୋ, ମିରା ଆନ୍ଦ୍ରେଭା, ଇମାନାଭାରୋ, ଜେନିପ୍ ସୋନମିଜେ ଜମାଣିଆ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଭଜିଙ୍କ ଭାଗ୍ୟ ବଦଳାଇଥିଲେ ଭଉଣୀ



ନୂଆଦିଲ୍ଲୀ, ୦୩।୮ (ଏଜେନ୍ସି) : ୪୫ ବର୍ଷରେ ପାଦ ଥାପିଛନ୍ତି ଭାରତର ପୂର୍ବତନ କିମ୍ବଦନ୍ତୀ ସ୍ପିନର୍ ହରଭଜନ ସିଂ। ଗୁଗ୍‌ଲି ବଲ୍‌ରେ ବିଶ୍ୱର କେତେ ଯେ ବ୍ୟାଟରଙ୍କୁ ଚକ୍‌ମା ଦେଖାଇ ଧରାସାୟୀ କରିଛନ୍ତି ତାହା ସଭିଙ୍କୁ ଜଣା। ୨୦୧୧ ଦିନିକିଆ ବିଶ୍ୱ କପ୍ ଚାମ୍ପିଅନ, ୨୦୦୭ ଟି-୨୦ ବିଶ୍ୱକପ୍ ଚାମ୍ପିଅନ୍, ୪ ଥର ଆଇପିଏଲ୍ ଚାମ୍ପିଅନ୍, ଭାରତର ତୃତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ତଥା ଭାରତର ପ୍ରଥମ ଟେଷ୍ଟ ହ୍ୟାଟ୍ରିକ୍ ୱିକେଟ୍ ନେଇଥିବା ବୋଲର ଭାବେ ଖ୍ୟାତି ଅର୍ଜନ କରିଛନ୍ତି ହରଭଜନ ସିଂ। ଦିନ ଥିବା ହରଭଜନ ଜଣେ କ୍ରିକେଟ୍‌ର ନୁହେ ବରଂ ଡ୍ରାଇଭର ହେବାକୁ ମନବଳାଇ ଥିଲେ। କିନ୍ତୁ ଭଜିଙ୍କ ଭାଗ୍ୟ ବଦଳାଇ ଦେଇଥିଲେ ଭଉଣୀ। ଭଜିଙ୍କ ମା ଓ ଭଉଣୀ ଚାହୁଁନଥିଲେ ସେ ଟ୍ରକ୍ ଡ୍ରାଇଭର ହୁଅନ୍ତୁ। ୨୦୦୦ ମସିହାରେ ହରଭଜନ ସିଂଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା। ଏହାପରେ ତାଙ୍କ ମା ଓ ୫ ଭଉଣୀଙ୍କ ଦାୟିତ୍ୱ ତାଙ୍କ ଉପରେ ପଡିଥିଲା। ତେଣୁ ଭଜି ଟ୍ରକ୍ ଚଳାଇବା ପାଇଁ କାନାଡା ଯିବାକୁ ପ୍ରସ୍ତୁତ ଥିଲେ। ପୁଅ ଓ ଭାଇକୁ ପାଖରୁ ଛାଡିବାକୁ ଚାହିଁନଥିଲେ ତାଙ୍କ ମା ଓ ଭଉଣୀମାନେ। ତାଙ୍କୁ ଏସବୁ ବାରଣ କରି କ୍ରିକେଟ୍ ଖେଳ ଜାରିରଖିବାକୁ ପ୍ରେରଣା ଦେଇଥିଲେ। ପରେ ଭଜି ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ଅନେକ ରେକର୍ଡ ନିଜ ନାଁରେ କରିଥିଲେ। ଧୀରେ ଧୀରେ ସେ ଭାରତର ତାରକା ସ୍ପିନ୍‌ର ବନିଯାଇଥିଲେ। ଟେଷ୍ଟ କ୍ରିକେଟ୍‌ରେ ହ୍ୟାଟ୍ରିକ୍ ୱିକେଟ୍ ନେବାରେ ହରଭଜନ ସିଂ ପ୍ରଥମ ଭାରତୀୟ ବୋଲ୍‌ର। ସେ ଅଷ୍ଟ୍ରେଲିଆ ବିପକ୍ଷରେ କୋଲକାତା ଟେଷ୍ଟରେ ଏହି ସଫଳତା ହାସଲ କରିଥିଲେ। ଏହାପରେ ଭାରତ ପକ୍ଷରୁ ମହମ୍ମଦ ସାମି, ଇର୍ଫାନ୍ ପଠାନ ଓ ଯଶପ୍ରୀତ ବୁମ୍‌ରା ଟେଷ୍ଟରେ ହ୍ୟାଟ୍ରିକ୍ ୱିକେଟ୍ ନେଇଥିଲେ। ହରଭଜନ ସିଂଙ୍କ କ୍ରିକେଟ୍ କ୍ୟାରିୟର ସଫଳଥିଲା। ସେ ଭାରତ ପାଇଁ ୧୦୩ ଟେଷ୍ଟ, ୨୩୬ ଦିନିକିଆ ଏବଂ ୨୮ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ଟେଷ୍ଟରେ ୪୧୭, ଦିନିକିଆରେ ୨୬୯ ଏବଂ ଟି-୨୦ ରେ ୨୫ ୱିକେଟ୍ ନେଇଛନ୍ତି। କ୍ରିକେଟରୁ ଅବସର ନେବା ପରେ ସେ ରାଜନୀତିରେ ପ୍ରବେଶ କରିଛନ୍ତି।


ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶୁଭେଚ୍ଛା ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ପେମେଣ୍ଟ କରି ପେମେଣ୍ଟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ [illegible] ରେ ଯୋଗାଯୋଗ କରନ୍ତୁ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି